

# ନବବଧୂ

ଚଣ୍ଡୀ ସାହୁ

# ନବରଙ୍ଗ

( ରମ୍ୟ ରଚନା )

ରସାନନ୍ଦ ସାହୁ

ପ୍ରକାଶକ—
ଉତ୍କଳ-ଭାରତୀ
୫୮, ଏମ୍. ରୋଡ୍
ଜାମସେଦ୍‌ପୁର—୧

ପ୍ରଥମ ମୁଦ୍ରଣ—୧୯୫୭
ମୂଲ୍ୟ—ଏକଟଙ୍କା ପଚିଶ ନୂଆପଇସା

## ଘୋଷଣା

ଏହି ଗଳ୍ପ ଲିଖିତ ସ୍ଥାନ, କାଳ, ପାତ୍ର, ସବୁ କିଛି ଅଳୀକ ଓ ଲେଖକଙ୍କର କଳ୍ପନା-ପ୍ରସୂତ । କେହି ନିଜ ଚରିତ୍ରର ପ୍ରତିବିମ୍ବ ଏହି ଗଳ୍ପରେ ଖୋଜି ପାଇଲେ ଲେଖକଙ୍କ ପ୍ରତି ଅନ୍ୟାୟ ଓ ଅବିଚାର କରିବେ ।

ଲେଖକ

## —ଏକ—

ଭାରତ ଇତିହାସର କେଉଁ ଏକ ବିସ୍ମୃତ ଯୁଗରେ ଉଜ୍ଜୟିନୀର ପ୍ରାତଃସ୍ମରଣୀୟ, ଗୁଣଗ୍ରାହୀ ମହାରାଜ ବିକ୍ରମାଦିତ୍ୟଙ୍କ ରାଜ-ସଭା ଦେଶର ସୁନାମଧନ୍ୟ ଗୁଣୀ ନବରତ୍ନଙ୍କ ଦ୍ୱାରା ଅଳଙ୍କୃତ ହୋଇ-ଥିଲା । କୁସୁମ ପରଶେ ଘଟ ବିସ୍ମରଣ ହେଲା ପରି, ଏହି ନବରତ୍ନଙ୍କ ଅମୃତ ଯଶ ଓ ଅପରାଜେୟ ଖ୍ୟାତି ଗୁଣପ୍ରେମୀ ନରପତିଙ୍କୁ ଯୁଗ ଯୁଗ ଧରି ଅମର କରି ରଖିଲା । ଆଶ୍ରିତ ନବରତ୍ନ ରାଜ ସମ୍ମାନ ଓ ରାଜ-ଆଶ୍ରୟ ଲାଭ କରି ଯେତିକି ସମ୍ମାନିତ ଓ ସୁଖୀ ହୋଇଛନ୍ତି, ଆଶ୍ରୟଦାତା ବିକ୍ରମାଦିତ୍ୟ ତାଠାରୁ ଊଣା ସମ୍ମାନିତ ହୋଇ ନାହାନ୍ତି । ରାଜ ଅନୁଗ୍ରହ ଫଳରେ, ରାଜକୀୟ ଭୋଗ ବିଳାସରେ ସମୟ ଅତିବାହିତ କରିବା ସଙ୍ଗେ ସଙ୍ଗେ ନବରତ୍ନଙ୍କ ପ୍ରତିଭା-ସୂତ୍ରର ସୌରଭ ଯଶ ବିକଶିତ ହୋଇ ଦେଶ ବିଦେଶକୁ ମହକିତ କରିଛି । ତତ୍ସହ ନରପତି ବିକ୍ରମାଦିତ୍ୟଙ୍କ ଗୁଣଗ୍ରାହିତା ଓ ଉଦାରତା ମଧ୍ୟ ଚତୁର୍ଦ୍ଦିଗରେ ପ୍ରକାଶିତ ହେବାର ସୁଯୋଗ ଲାଭ କରିଛି ।

ସେହି ବିସ୍ମୃତ ଯୁଗର, ବହୁ ପଠିତ ଓ ଏକାଧିକବାର ଶ୍ରୁତ, ଅତି କେତେକ ନବରତ୍ନ-କାହାଣୀ ଏ ସ୍ଥଳରେ ପୁନର୍ବର୍ଣ୍ଣନା କରାଯାଉଛି ମନେ କରି, କେହି ଯେପରି

ଲେଖକଙ୍କୁ ଭୁଲ ବୁଝିବ ନ କରନ୍ତୁ । ସେ ଯୁଗର ସେହି ପ୍ରସିଦ୍ଧ ନବରତ୍ନଙ୍କ ଅଲୌକିକ ପାଣ୍ଡିତ୍ୟ ବା ଅମର ଯଶୋଗାଥା ସମ୍ବନ୍ଧରେ ଏଠାରେ ଆଲୋଚନା ହେଉନାହିଁ । ଏ କାହାଣୀ ଏହି ବିଂଶ ଶତାବ୍ଦୀର ପରମାଣୁ ଯୁଗର ନୂତନ ନବରତ୍ନଙ୍କ ଅଲୌକିକତା ଓ ଯଶୋଗାଥା ଧରି ସମୃଦ୍ଧଶାଳୀନ । ଏହି ନୂତନ ନବରତ୍ନ ଉଜ୍ଜୟିନୀର ରାଜ-ସଭା ମଣ୍ଡନ କରିବାର ସୌଭାଗ୍ୟ ଧରି ଜନ୍ମଲାଭ କରି ନଥିଲେ, ଏମାନେ ତତ୍କାଳୀନ ଓଡ଼ିଶା ରାଜଧାନୀ କଟକ ସହରର Bachelot's Mess ଅର୍ଥାତ୍ 'ଅନୂଢ଼-ନିବାସ' ମଣ୍ଡନ କରିଥିଲେ । ଏହି କାହାଣୀ ଭାରତ ଇତିହାସର ସ୍ୱର୍ଣ୍ଣ ଯୁଗର ଘଟଣା ବିଶେଷ ନୁହେଁ, ଏହା ମାତ୍ର ସେ ଦିନର ଅର୍ଥାତ୍ ବିଗତ ଦ୍ୱିତୀୟ ମହାଯୁଦ୍ଧ ଯୁଗର ଘଟଣା ବିଶେଷ ।

ଆମର ଏହି ବନ୍ଧୁ ଗୋଷ୍ଠୀର, ସୁନାମଧନ୍ୟ ବାଚେଲର୍ସ୍ ମେସ୍ ରାଜଧାନୀର ହାର୍ଟ ଅର୍ଥାତ୍ ମଧ୍ୟ ସ୍ଥଳରେ ଅବସ୍ଥିତ । ମେସ୍ ସମ୍ମୁଖରେ ଯେଉଁ କଳା ମାଟିର ଗଡ଼ଗଡ଼ିଆ ଅଣଓସାରିଆ ଗଳିଟି ଲମ୍ବି ଯାଇଛି ତାକୁ ଲୋକେ ଭଣ୍ଡୁଶିଆ ଗଳି କହନ୍ତି । ଏପରି କିମ୍ଭୂତ କିମାକାର ଅଦ୍ଭୁତ ନାମକରଣ ମୂଳରେ କି ରହସ୍ୟ ଅଛି ଜାଣିବା ସହଜ ନୁହେଁ, ତେବେ ଏତିକି ଅନୁମାନ କରାଯାଇ ପାରେ ଯେ, ବୋଧହୁଏ ଏହି ଗଳିଟିରେ ଅଧିକାଂଶ ଭୂତ ସରକାରୀ କର୍ମୀଙ୍କ ଅର୍ଥାତ୍ ବର୍ତ୍ତମାନ ଭଣ୍ଡୁଶିଆ ବୃନ୍ଦ ଦଳ ବାସ କରୁଥିବାରୁ ଏପରି ନାମକରଣ କରାଯାଇଛି । ଏହି ନାମର ସୃଷ୍ଟି ମୂଳରେ ସୃଷ୍ଟିକର୍ତ୍ତା ଯେଉଁ ଅର୍ଥ ପ୍ରୟୋଗ କରି ଥାଆନ୍ତୁ ନା କାହିଁକି, ଏହି ଗଳିର ବାସିନ୍ଦାଙ୍କ ମଧ୍ୟରେ ଆଜି କାଲି ବିଶେଷ କୌଣସି ଭଣ୍ଡୁଶିଆ ବୃନ୍ଦ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ବରଂ ଅଧିକ ଚପଳମତି ଯୁବ ଓ ଅନୂଢ଼ ତରୁଣ ଆଖିରେ ପଡ଼ିଥାଆନ୍ତି ।

ଏ କଥାର ପ୍ରଥମ ଓ ପ୍ରଧାନ ପ୍ରମାଣ ଆମର ଏହି ସୁଖ୍ୟାତ ବାଚେଲେର୍ସ ମେସ୍ ।

ମେସ୍‌ଟିର ଦୁଇ ପାଶରେ ଦେଖୁ କର୍ମସୂତ୍ର ଓ ଧନୀ ଜମିଦାରଙ୍କ ସୁଉଚ୍ଚ, ଉତ୍କଟ, ପ୍ରାସାଦୋପମ ହର୍ମ୍ୟମାଳା । ଅପର ଦୁଇ ପାଖରେ ସମାଜର ତଳଆ ଖାବମାନଙ୍କର ମାଟି ଖୁଂଟି ନିର୍ମିତ ନୁଆଁଣିଆ ଚାଳଘରଗୁଡ଼ିଏ । ଏଥିରେ ହିକ୍‌ସାସ୍କୁଲ, ମଡେଲ ସ୍କୁଲର, ବସ୍ କଣ୍ଡକ୍ଟର ଓ ଛାପାଖାନାର କମ୍ପୋଜିଟର ପ୍ରଭୃତି ନବ୍ୟ ସଭ୍ୟତା ସୃଷ୍ଟ କେତେକ ନୂତନ ଦରିଦ୍ର ବାସ କରନ୍ତି । ଗୋଟାଏ ପାଖରେ ଧନୀଙ୍କର ବିଳାସ, ଅପର ପାଖରେ ଦରିଦ୍ରର ହାହାକାର । ଏକ ପାଖରେ ରେଡ଼ିଓର ପ୍ରେମ ସଙ୍ଗୀତ, ଅନ୍ୟ ପାଖରେ ସ୍ୱାମୀ ନିର୍ଯ୍ୟାତିତା ବୁଭୁକ୍ଷୁ ଦୁଃଖିନୀର ରୋଦନ ଧ୍ୱନି । ଏ ଦୁହିଁଙ୍କ ମଝିରେ ବାଚେଲରସ୍ ମେସ୍ ଗୋଟାଏ ଜୀବନ୍ତ ଉପହାସ ପରି ବର୍ତ୍ତମାନ । ଏହି ମେସ୍ ଘରୁ ଏକ ପାଖକୁ ଧନୀଙ୍କର ଔଜ୍ଜ୍ୱଲ୍ୟପୂର୍ଣ୍ଣ ଦୃଷ୍ଟିପାତ ହେଲେ ଅପର ପାଖରୁ ଶଙ୍କାଜଡ଼ିତ ସମ୍ମାନିତ ଦୃଷ୍ଟି ପଡ଼ିଥାଏ । ଗୋଟାଏ ପାଖର ସମାଜ ଏହି ମେସ୍‌କୁ ଅବହେଳାର ବସ୍ତୁରୂପେ ଜ୍ଞାନ କଲାବେଳେ ଅନ୍ୟପାଖର ସମାଜ ଏହାକୁ ସମୀହ କରି ସଙ୍କୁଚିତ ହୋଇପଡ଼େ । ଏ ପାଖରେ ଅହଙ୍କାର, ସେ ପାଖରେ ସଙ୍କୋଚ । ଏ ପାଖରେ ପ୍ରାଚୁର୍ଯ୍ୟର ଆଡ଼ମ୍ବର, ସେ ପାଖରେ ଅନାହାରର ଶୀର୍ଣ୍ଣତା । ଆଉ ଦୁହିଁଙ୍କ ମଝିରେ ଆମ କାହାଣୀର ପୃଷ୍ଠଭୂମି ବାଚେଲର୍ସ ମେସ୍ ।

ଏହି ମେସ୍ ଘରଟି ପକ୍କା କୋଠା ନୁହେଁ କିମ୍ବା ମାଟି ଖୁଣ୍ଟି ନିର୍ମିତ ଚାଳଘର ବି ନୁହେଁ । ଏହା ପକ୍କା ଓ ଚାଳଘରର ଏକ ସମ୍ମିଶ୍ରଣ । ମାଟି, ଚୂନ ଓ ଇଟାର ଏକ ଯୁକ୍ତ ଏକତ୍ରୀ-କରଣ । ଏହି ଘରଟିର ନିର୍ମାଣ କୌଶଳ ସମ୍ବନ୍ଧରେ ଆଉ ଟିକଏ

ପରିଷ୍କାର କରି ନ କହିଲେ କଅଁଳା ଶ୍ରୋତାଙ୍କର ବୋଧଗମ୍ୟ ହେବ ନାହିଁ । ଶରୀରର ସୃଷ୍ଟିକର୍ତ୍ତା ବା ମାଲିକ ଏହାକୁ ଦୋତାଲା କୋଠା ନାମରେ ଅଭିହିତ କରନ୍ତି । ଏହି ତିଆରିଥିବା ଦୋତାଲା କୋଠାଟି ଇଟା ଓ ମାଟିରେ ତିଆରି । ଅର୍ଥାତ୍ ମାଟି ସାହାଯ୍ୟରେ ଇଟାଗୁଡ଼ିକୁ ସଂଯୁକ୍ତ କରାଯାଇ କାନ୍ଥ ଉଠିଛି । ମାତ୍ର ଦେବାଲ-ଗୁଡ଼ିକ ଚୂନ ବାଲି ପଲସ୍ତରା ଓ ଧୌତ ହୋଇ ଏକ ଅପୂର୍ବ ଶ୍ରୀ ଭଙ୍ଗୀ ଧାରଣ କରି ପକ୍କା ଘରର ନାମ ସାର୍ଥକ କରୁଛି । ଘର ଉପରେ କେତେକ କୁମ୍ଭାର ନିର୍ମିତ କଳା ଟାଇଲଗୁଡ଼ିଏ ବସୁ ପାଇଁ ପୁଣି ଘର ପାଖରେ ଗୋଟିଏ ଇଟାର ଦୈର୍ଘ୍ୟ ବିଶିଷ୍ଟ ଘୁଷୁରା ଉଚ୍ଚର ଦେବାଲ ଉଠିଛି । ସେହି ଦେବାଲ ଉପରେ ପୁସ୍ତକ ନିଜର ଏକ ଛପର । ଏଇଟା ଉପର ମହଲ । ତାହା ପୁଣି ଦୁଇ ଭାଗରେ ବିଭକ୍ତ ହୋଇ ଦୁଇଟି କୋଠରୀ ହୋଇଛି । ତଳ ମହଲରେ ରନ୍ଧା ବଖରା ଘର, ଭଣ୍ଡାର ଘର, ଗୋହିରି ଘର, ଗାଧୁଆ ଘର ପ୍ରଭୃତି ରହିଛି । ତେଣୁ ଏହି କଳ୍ପିତ କମାଣ୍ଡ ସ୍ଥଳ-କୋଠାଟି ନର୍ତ୍ତିରେ ଏକ ଚାର୍ଟର ପରି ଛୁଡ଼ା ରହି ଗୋଟାଏ ପାଖରେ ଧର୍ମ୍ୟମାନ-ସମାଜ ଓ ଅପର ପାଖରେ ସ୍ଥଳଚର-ସମାଜକୁ ବିଭକ୍ତିକରଣ କରୁଛି । ଗୋଟାଏ ପାଖରେ ଧର୍ମ୍ୟ-ବିଳାସୀଙ୍କୁ ଘୃଣା ଜର୍ଜରିତ ଘୃଣାପୂର୍ଣ୍ଣ ଦୃଷ୍ଟିରେ ଆଉ ଅନ୍ୟ ପାଖରେ ସ୍ଥଳଚର-ଦୁଃଖୀଙ୍କୁ ସମବେଦନାସିକ୍ତ ଦୟାପୂର୍ଣ୍ଣ ଦୃଷ୍ଟିରେ ଚାହିଁଛି ।

ସେମ୍ବ ସମ୍ମୁଖରେ ଯେଉଁ ସ୍ଥାନଦ୍ୱାର ଓସାରର ଦୁଇ କଳା-ମାଟିର ସନ୍ତସନ୍ତିଆ ଭଣ୍ଡିଆ ଗଳିଟି ଲମ୍ବି ଯାଇଛି ସ୍ଥାନଦ୍ୱାର ଉଦ୍ଦେଶ୍ୟରେ ତା'ର ଦୁଇ କଡ଼ରେ କେଉଁ ଅନାଦି କାଳର ଆବର୍ଜନା ଓ ମଇଳା ପାଣି କର୍ଦ୍ଦମା ଭିତରେ ସଢ଼ୁଛି । ସେହି

ନର୍ଦ୍ଦମାର ସୌରଭ ମଣ୍ଡିତ ମଣ୍ଡିରେ ତମାମ ଭବନରେ ଖୁସି ଆଜି ମେସ୍‌ର ଜଳମଗ୍ନ ବେଉଣ୍ଡିଙ୍କୁ ସୁରକ୍ଷିତ କରିବା ସଙ୍ଗ ସଙ୍ଗେ ମେସ୍ ବାସିନ୍ଦା ନବାଗନ୍ତୁଙ୍କର ହୃଦୟ-ପ୍ରାଣ ନବରସରେ ଉଦ୍ଭାସିତ କରେ । ଏହି ସୌରଭରେ ମୁଗ୍ଧ-ବିମୋହିତ ହୋଇ ଦାର୍ଶନିକ ଓ ସମାଲୋଚକ ଭୁବନେନ୍ଦ୍ରକୁମାର ଦିନେ ନବାଗନ୍ତୁଙ୍କର ଏକ ଜରୁରୀ ଅଧିବେଶନ ଆହ୍ୱାନ କଲେ । ଅଧିବେଶନରେ ପ୍ରସ୍ତାବ ଆସିଲା ଯେ, ବାଟେଲର୍ସ ମେସ୍‌ର ଆସନ୍ନ ବାର୍ଷିକ ଉତ୍ସବରେ ସଭାପତିତ୍ୱ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ଆଉ ମୁଖ୍ୟ ଅତିଥି ରୂପେ ମ୍ୟୁନିସିପାଲିଟି ଚେୟାର-ମ୍ୟାନଙ୍କୁ ନିମନ୍ତ୍ରଣ କରାଯିବ । ଆଉ ଉତ୍ସବଟି ଏହି ଭଣ୍ଡିଗିଆ ଗଳିର ନର୍ଦ୍ଦମା ଉପରେ ପାଳିତ ହେବ । ଉତ୍ସବର ଭୂରି ଭୋଜନ ପୂର୍ବରୁ ଦେହକୁ ପରିଷ୍କାର କରିବା ଦିଗରେ ଏହି ଭଣ୍ଡିଗିଆ ଗଳିର ନର୍ଦ୍ଦମା-ସୌରଭ ସମ୍ପଦ ଓ ପ୍ରଧାନ ଅତିଥିଙ୍କୁ ନିଶ୍ଚୟ ବିଶେଷ ଭାବରେ ସାହାଯ୍ୟ କରିବ ।

ଦାର୍ଶନିକ ଭୁବନେନ୍ଦ୍ରକୁମାରଙ୍କ ଏହି ପ୍ରସ୍ତାବ ନବାଗନ୍ତୁଙ୍କ ଆନନ୍ଦ କୋଳାହଳ ଓ କରତାଳି ମଧ୍ୟରେ ସର୍ବସମ୍ମତି କ୍ରମେ ଗୃହୀତ ହେଲା । ବାଟେଲର୍ସ ମେସ୍‌ର ବାର୍ଷିକ ଉତ୍ସବର ଆୟୋଜନ ଖସଡ଼ା ସଙ୍ଗେ ସଙ୍ଗେ ପ୍ରସ୍ତୁତ କରାଗଲା । ମାତ୍ର ହଠାତ୍ ଏହି ବିରାଟ ଆୟୋଜନ ଓ ଅଶେଷ ଉତ୍ସାହରେ ଭଙ୍ଗା ପଡ଼ିଲା ମ୍ୟୁନିସିପାଲିଟିର କମିଶନର ନୂଆ ମହାଶୟଙ୍କ ଉପଦେଶ ବାଣୀ ଶୁଣି । ସେ ମହାଶୟ ସହରର ମ୍ୟୁନିସିପାଲିଟିରେ ଏହି ଭଣ୍ଡିଗିଆ ଗଳି ଓ ଆଖପାଖ ଅନ୍ୟାନ୍ୟ ଗଳିର ପ୍ରତିନିଧିତ୍ୱ କରନ୍ତି । ଏହି ସାହିର ପ୍ରତିନିଧିଭାବେ ସେ ଗତ ବାରବର୍ଷ ଧରି ଜିତି ଆସୁଛନ୍ତି । ପୁଣି ନୂତନ ନିର୍ବାଚନରେ ମଧ୍ୟ ସେ ପ୍ରାର୍ଥୀ ରୂପେ ଛିଡ଼ା ହୋଇଛନ୍ତି ।

ମିଆଁ ନୂର ମହମ୍ମଦ ସେଦିନ ସନ୍ଧ୍ୟାରେ ଅତି ଅପ୍ରତ୍ୟାଶିତ ଭାବରେ ବାଚେଲର୍ସ ମେସ୍‌ରେ ପଦାର୍ପଣ କରି ପ୍ରଥମେ ନବାଗତଙ୍କୁ ଗୋଟାଏ ଗୋଟାଏ ଲମ୍ବା ସଲାମ ଠୁକି ପ୍ରତ୍ୟେକଙ୍କ ସହିତ କର-ମର୍ଦ୍ଦନ କରିଗଲେ । ନବାଗତ ଏହି ଅଚିନ୍ତିତ ଆଗନ୍ତୁକଙ୍କର ଅଯାଚିତ ବ୍ୟବହାରରେ ବିସ୍ମିତ ହୋଇ ପରସ୍ପର ପରସ୍ପରଙ୍କୁ ଚାହିଁବା ଅବସରରେ ନୂର ମହମ୍ମଦ ସିଗାରେଟ୍ ପ୍ୟାକେଟ୍ ଖୋଲି ସମସ୍ତଙ୍କ ହାତକୁ ଗୋଟିଏ ଗୋଟିଏ ବଢ଼ାଇ ଦେଲେ । ସ୍ୱ ହସ୍ତରେ ସମସ୍ତଙ୍କ ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି ଖାଦି ପଞ୍ଜାବୀ ପକେଟ୍‌ରୁ ଗୋଟିଏ ଅତର ଶିଶି ଆଉ କିଛି ତୁଳା ବାହାର କଲେ । ତାପରେ ଛୋଟ ଛୋଟ ତୁଳା ବଣ୍ଡାକୁ ଅତରସିକ୍ତ କରି ସମସ୍ତଙ୍କ କାନରେ ଗୋଟିଏ ଗୋଟିଏ ଗୁଞ୍ଜି ଦେଇ ମିଆଁ ସାହେବ ଏକ ଦିଲ୍‌ଦାରିଆ ହସରେ ମେଂ‍ର ସୁନ-ଦୋଠାଟିକୁ ମୁଖଗତ କରି ଦେଖାଇଲେ । କହିଲେ—"ହେଁ, ହେଁ, ମତେ ଆପଣମାନେ ଚିହ୍ନି ନାହାନ୍ତି; ମୁଁ ଆପଣଙ୍କର ପାଖର ଲୋକ ।"

—"ପାଖର ଲୋକ !" ଏକ ସ୍ୱରରେ ନବାଗତ ଚତୁଷ୍ଟୟ ପ୍ରକାଶ କଲେ ।

—"ଆଜ୍ଞା, ମୁଁ ଏହି ପାଖର ଲୋକ, ଆପଣମାନଙ୍କ ସିଦ୍ଧନଗରର । ଆପଣମାନଙ୍କ ସେବାରେ ଲମ୍ବା ବାର ସାଲ୍ ନୋକରି ଗୁଜରିଗଲା !" ନୂର ମହମ୍ମଦ କହିଲେ ।

—"ଆମର ସେବାରେ ! !"

—"ଆଜ୍ଞା, ଆପଣମାନଙ୍କ ମେହେରବାନୀରୁ ମୁଁ ପିଚ୍ଛିଲା ବାର ସାଲ ଲଗାତର ମ୍ୟୁନିସିପାଲିଟି କମିଶନର ହୋଇ ଆସିଛି । ଆପଣ କାଲି ସକାଳ ଆଠଟାରେ ଏକାମ୍ର ସ୍କୁଲରେ ପୁଣି ନୂଆ କରି ଭୋଟ ଦିଆଯିବ । ତେଣୁ ଆପଣମାନଙ୍କ ଟିକିଏ ଭୋଟ୍ ଦେବା

ଲଗି ଏ ଖିଦ୍‌ମତ୍‌ଗାର ଆସିନାହିଁ । ମୋର ଆଜ୍ଞା ଟିକେ ଉତ୍ତର ଦବୁ । ମେହେରବାନ୍ କରି ଆପଣଙ୍କ ମୋଟ ଟିକଟଖଣ୍ଡିକ ଦେଖି ଟିକି ବଦ୍‌ଲାଇବା ତଳେ ଦେଖେ ଆଜ୍ଞା ଥୋଡ଼ା । ଦେନ୍ ଆପଣଙ୍କ ଖିଦ୍‌ମତ୍ ଖଟିବାକୁ ମଣିବ୍ ଦେଖାଇବା ।"

ଏଥର ମିଆଁ ନୂର ମହମ୍ମଦଙ୍କ ଅମାୟିକ ଶୁଦ୍ଧଗମନର କାରଣ ନବଯୁବକଙ୍କ ନିକଟରେ ଜଳ ପରି ସ୍ୱଚ୍ଛ ହୋଇଗଲା । ସମାଲୋଚକ ଭୂପେନ୍ଦ୍ରକୁମାର ସାରଭର୍ଣ୍ଣରେ ଆଗେଇ ଆସି ପଚାରିଲେ "ଆପଣ ତା' ହେଲେ ମ୍ୟୁନିସିପାଲିଟି ଲଗି ମୋଟ ଘାଟୀ ?"

—"ଆଜ୍ଞା !"

—"ଆପଣଙ୍କ ନାମ ?"

—"ଆଜ୍ଞା, ନୂର ମହମ୍ମଦ ମିଆଁ । ମଣିଷ ଏ ସାହାର ସବୁ ମହଲ, ଗଳି, କୁଆ ସବୁ ଜାଣନ୍ତି !"

—"କ'ଣ ପାଶ କରିଛନ୍ତି ?"

ନୂର ମହମ୍ମଦ ଏଥର ଦଲ୍‌ଦାରୀ ଅମାୟିକ ହସ ହସି କହିଲେ—"ମୋର ପୂଜ୍ୟ ବାପଜାନ ପଢ଼ାଇ ନଥିଲେ, ତେଣୁ ପାଶ୍ ଫାଶ୍ କରିନାହିଁ । ତେବେ, ମୁଁ ପାଠ ପଢ଼ିଛି । ଓଡ଼ିଆ ପଢ଼ି ଜାଣେ, ଉର୍ଦ୍ଦୁ ପଢ଼ି ଜାଣେ । ମ୍ୟୁନିସିପାଲିଟିର ସବୁ କାଗଜ ପତ୍ରରେ ମୁଁ ଦସ୍ତଖତ କରେ, ସାନୁପଣ୍ଡା ବନ୍ଦରର କମିଶନର ପୀତାମ୍ବର ଷଡ଼ଙ୍ଗୀ ପରି ମୁଁ ଟିପ ଚିହ୍ନ ଦିଏ ନାହିଁ ।"

କବି ଆନନ୍ଦ ପ୍ରକାଶ ଆଗେଇ ଆସି କହିଲେ—"ସତେ ? ଆପଣଙ୍କର ପେଶା କ'ଣ ?"

—"ପେଶା ? କମିଶନର ପେଶା । ଆଜ୍ଞା ଏହି ପେଶା କଣ ଲମ୍ବା ବାର ସାଲ ଗୁଜର ଗଲା ।"

—"ତା ପୂର୍ବରୁ କ'ଣ କରୁଥିଲେ ?"

—"ଆଜ୍ଞା ନିଜ ପେଶା କରୁଥିଲି । ଭିକ୍ ବଢ଼ୁଥିଲି, ଗୁଣ୍ଡାଙ୍କୁ ଣି ଚମ୍ପାର କରୁଥିଲି ।"

କମ୍ନାଷ୍ଟିକ ମେମ୍ବାର ସମତ ଖାଁ ତାହାର ପକ୍ଷ କହିଲେ— —"କ୍ୟା ମିଆଁ ସାହେବ, ମେଁ ତୋ ବଡପନ୍‌ମେ ଆପକୋ ମୋର୍ ବେଡଟେ ମୁଏ ଦେଖାର୍ଦେ !"

ମିଆଁ ସାହେବ ଅବହେଳିତ ଚିତ୍ତରେ ପୁଣି ହାଲ୍‌ଭାଙ୍ଗିଆ ହସ ହସି ଉଠିଲେ । କହିଲେ—"ହାଁ, ହାଁ, ଥୋଡ଼ା ଷେଜ ଏ କାମ୍ ଭି କିୟା ହୁଁ ।"

ଏଥର ଭୂପେନ୍ଦ୍ରକୁମାର ଓଜନ ପୂର୍ଣ୍ଣ କଣ୍ଠରେ କହିଲେ— "ମାଣ୍ଡ ଆଦେମ ଆପଣଙ୍କୁ ଷେଣ୍ଟ ଦେବୁଁ ନ କଉ ଆଶାରେ ? ଦେଖନ୍ତୁ ସାମନାର ଏହି ଭଗ୍ନଶିଆ ଗଳିର ଅବସ୍ଥା । ଆଜି ଟିକିଏ ଦେଖନ୍ତୁ ଭଲ କରି ତାଂର ଦୁଇ କଡ଼ରେ ଥିବା ଆବର୍ଜନାମାନ ନାଳନ୍ତୁ ଅବତନଭ ନିଷ୍ଠୁର ଦର୍ଦ୍ଦମା ଦୃଶ୍ୟ ।"

ତାହାରେ ଭିତରେ ସାହେବ ବନ୍ଧୁଣ ଦାସ୍ ଟିପଣୀ କାଟିଲେ—"If you don't mind, just have a nice smell of it ?"

ଭୂପେନ୍ଦ୍ରକୁମାର କହିଲେ—"ଏପରି ଅବସ୍ଥାରେ ଆପଣ ଆମର ଷେଣ୍ଟକୁ ଆଶା ରଖି ପାରନ୍ତି କି ?"

ଏଥର ମିଆଁ ସାହେବ ଭୂପେନ୍ଦ୍ରକୁମାରଙ୍କ କାନ ପାଖକୁ ମୁହଁ ଲମ୍ବାଇ ଆଣିଲେ । ଗୋଟିଏ ଆପଣାର ପରି ସଦୟ ଭକ୍ତି କଣ୍ଠରେ କହିଲେ—"ଦେଖନ୍ତୁ, ଆଜିଯାଏ ଏହି ଭଗ୍ନଶିଆ ଗଳିର ଅବସ୍ଥା ବିଷୟରେ ଏ ସାହିର କେହି ମୋତେ କିଛି କହିଲେ ନାହିଁ । ମୁଁ ସିନା ସାମ୍ବେଲ୍‌ଜଙ୍କ ଅଭିଜ୍ଞ ମ୍ୟୁନିସିପାଲିଟି

ମିଟିଂରେ ପେଶ କରୁଛ, ମୋର ଅରଜ ତ ଆଜ୍ଞା ଦେଶ ଭକ୍ତ ନାହିଁ । ତା'ହେଲେ ନଗରବାସୀ ଭାବିବେ, ମୁଁ ନିଜର ସ୍ୱାର୍ଥ ଲାଗି କଥାଟା କହୁଛି ବୋଲି । ହଜୁର, ଆପଣମାନେ ଯେତେବେଳେ ଗଳିଟାର ଅବସ୍ଥା କଥା ମୋ ନଜରକୁ ଆଣିଦେଲେଣି; ଏଥର ଦେଖନ୍ତୁ ମୁଁ କ'ଣ କରୁଛି । ଦୁଇମାସ ଭିତରେ ଯଦି ଗଳିଟାକୁ ଠିକ୍‌ଠାକ୍ କରି ନ ପାରନ୍ତି, ତା'ହେଲେ ମୋ ନାମରେ କୁକୁର ପାଳିବ । ମରଦ୍‌କା ବାତ ହାତୀକା ଦାନ୍ତ ।"

ମ୍ୟୁନିସିପାଲିଟି କମିଶନର ମିଆଁ ନୂର ମହମ୍ମଦଙ୍କ ଏଭଳି ମରଦକା ବାତ୍ ତଥା ଉଗ୍ର ଆଶ୍ୱାସନା ବାଣୀ ଶୁଣି ପାର୍ଲମେଣ୍ଟ ମେମ୍ବର ନବକୃଷ୍ଣ ଆଶ୍ୱସ୍ତ ହେଲେ । ତେଣୁ ମେମ୍ବର ବାକିଙ୍କ ଅନୁମୋଦନରେ ମୁଖ୍ୟମନ୍ତ୍ରୀ ଓ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କୁ ଭିତ୍ତିଅ ଗଳିର ଦୁର୍ଦଶା ବିଷୟରେ ଉପସ୍ଥାପନା କରିବାର ଯେଉଁ ପ୍ରସ୍ତାବ ଥିଲା, ତାହା ପ୍ରତ୍ୟାହାର କରିବାକୁ ପଡ଼ିଲା । ମିଆଁ ସାହେବଙ୍କର ମରଦ୍‌କା ବାତ୍ ପରେ ନବକୃଷ୍ଣ ଆନନ୍ଦିତ ହୃଦୟରେ, ସମ ସ୍ୱରରେ ତାଙ୍କୁ ତାଳି ବଜାଇବାରେ ଯୋଗ ଦେବାଲାଗି ଅନ୍ୟଙ୍କୁ ଆହ୍ୱାନ କଲେ ।

ତା'ପର ଦିନ ସକାଳେ ମୁହଁ ହାତ ଧୋଇବା ପୂର୍ବରୁ ନୂର ମହମ୍ମଦ ଦେଖେ ଟେଲିଫୋନ୍ ଆସି କାଉନସିଲର୍ ମେମ୍ବର ସମ୍ମୁଖରେ ହାଜର । "ସଲାମ ଆଲେଇକମ୍ ସଲାମ ! ଡିକଏ ଯାଉଁଛି ଆପଣ ସାହେବ, ଡାଇନ ତଳେ ସବୁଛି ।" ମିଆଁ ସାହେବ ଅନୁନୟ ସ୍ୱରରେ କହିଲେ ।

—'What nonsence ! ଆମମାନଙ୍କର ଦେଶକୁ ସାଫ୍ କଲ ନାହିଁ କେବେ !" କହୁଣ ରାଗ କଲେ । ବଗଲ୍ ପ୍ରଜଙ୍କ କଳ ଭୂତେର ଲୁଗାର କହିଲେ—"ମିଆଁ ସାହେବ, ଗଜର ମଜଙ୍କ ଖେଳ ଦେବ । ଏଇ ଜଳଖିଆଟା ସାଙ୍ଗ କାହାରିକୁ !"

ନୂର ମହମ୍ମଦ ଅତ୍ୟନ୍ତ ତଥା ଆନ୍ତରିକ ଭଙ୍ଗୀରେ କହିଲେ—"ଆଜ୍ଞା, ଆପଣମାନଙ୍କର ନାସ୍ତାପାଣିର ଆୟୋଜନ ଏ ଖିଦ୍‌ମତଗାର କରୁଛି । ଚାଲନ୍ତୁ ଆଜ୍ଞା, ଯେଉଁଠି ନାସ୍ତାପାଣି କରିବେ । ମୋର ଲୋକ ସେଠାରେ ଅଛନ୍ତି । ସବୁ ଜଣାଇଦେବେ, ଆପଣଙ୍କୁ ଖୋଜିବାକୁ ପଡ଼ିବ ନାହିଁ ।"

—"ସତେ ? ନାସ୍ତାପାଣିର ବି ଆୟୋଜନ ହୋଇଛି !! ବୋଲି, ମିଆଁ ନୂର ମହମ୍ମଦଙ୍କ ଗପ୍ପ ।"ନବରତ୍ନଙ୍କ ଆନନ୍ଦ—ଶିତ୍କାରରେ ବାଦେଲଗଡ଼୍ ମେଟ୍ରର ଛାତ କମ୍ପି-ଉଠିଲା । ସଭିଏଁ ଠେଲାପେଲା ହୋଇ ଯାଇ ଚଟେରେ ବସିଲେ । ଖିଦ୍‌ମତ୍‌ଗାର ମିଆଁଏଁ ସାଙ୍ଗେ ପଙ୍କରେ ତଳପଟି ଆସନରେ ଠିଆ ହେଲେ । ବଡ଼ି ଗଣ୍ଡି ରଙ୍ଗ ଏକାମ୍ର ଷ୍ଟୁଲରେ ଢାଳିଥିଲା । ଚୀଲ୍ ବକ୍‌ଶାରେ ସେଣ୍ଟ ଦେବାପାଇଁ ଆଜ୍ଞା ଅତର ସ୍ପ୍ରେଣ୍ଟ କରାଇ ଦେଇ ମିଆଁ ସାହେବ ନବରତ୍ନଙ୍କୁ ଘର ଭିତରକୁ ଠେଲି ଦେଲେ ।

ସେଣ୍ଟ ଦେଇ ସାରି ନବରତ୍ନ ବାହାରକୁ ବାହାରି ଆସି ମିଆଁ ସାହେବ କମ୍ପା ତାଙ୍କର ନାସ୍ତାପାଣିର ଆୟୋଜନ, କାହାରି ଶବ୍ଦ ବାହାରି ପାରୁନି ନାହିଁ । ଏପରିକି ତାଙ୍କ ବଡ଼ି ଗାଡ଼ିଟିର ମଧ୍ୟ ଖୋଜ ମିଳିଲା ନାହିଁ । ନବରତ୍ନ ଏ ଭୟଙ୍କର ପରିସ୍ଥିତିରେ ହତଭମ୍ବ ହୋଇ ପରସ୍ପର ପରସ୍ପରକୁ ଚାହିଁ ରହିଲେ । ତା' ପରେ ଲଜ୍ଜା ଓ କ୍ଷୋଭରେ ମୁହଁ ତଳକୁ କରି ପୁଲି ଖୁଲି ମେସ୍‌କୁ ଫେରିଲେ । ଏହି ଘଟଣା ପରେ, ମିଆଁ ସାହେବଙ୍କ ଜନ୍ମମନ୍ତ୍ର ପଣଟରୀ, ଯଦି ଉତ୍ତରିଆ ଜଣଙ୍କ ଦୁଇମାସ ଭିତରେ ପିତ୍‌ ହୋଇଥିବ ବୋଲି ଆପଣ ଆଶା କରୁ ଥାଆନ୍ତି, ତା' ହେଲେ ଆପଣଙ୍କର ବୁଦ୍ଧିକୁ ତାରିଫ୍ କରିବାକୁ ପଡ଼ିବ ।

ଶୁଣନ୍ତୁ, ସେ ସବୁ ଅବାନ୍ତର କଥା । ଇଣ୍ଡିଆ ଗଳି ଠିକ୍ ନ ହେବା ଫଳରେ ମ୍ୟୁନିସିପାଲିଟି ବା ନୂଆ ମନ୍ତ୍ରିମଣ୍ଡଳ ଚିନ୍ତା କିମ୍ବା ଆପଣମାନଙ୍କୁ ଦୋଷ ଦେବାର ପ୍ରଶ୍ନ ଉଠୁ ନାହିଁ । ଏହା ମୂଳରେ ଇଣ୍ଡିଆଗଳି ବାସିନ୍ଦାମାନଙ୍କର ଭାଗ୍ୟ ଦୋଷ ରହିଛି । ଯେତେଦିନ ଯାଏ ଏହି ନର୍ଦ୍ଦମାର ଅଦ୍ଭୁତ ସୌରଭ ଆଘ୍ରାଣ କରିବା ଲାଗି ଗଳି ବାସିନ୍ଦାଙ୍କ ଭାଗ୍ୟରେ ଲେଖା ଅଛି, ସେତେଦିନ ଯାଏ ଏହି ଇଣ୍ଡିଆ ଗଳି ବିଦ୍ୟମାନ ଥିବ । ଏହି ସୁରଭିତ ପୂର୍ଣ୍ଣ ନର୍ଦ୍ଦମାକୁ ଛାଡ଼ି ଆପଣମାନେ ପୁଣି ଆମର ବାଚେଲର୍ସ୍ ମେସ୍‌କୁ ଚାଲନ୍ତୁ ।

ମେସ୍‌ର ଗୁଳ-କୋଠାଟିରେ ଭଜନମଣ୍ଡଳୀର ପ୍ରଥମ ଧାଡ଼ିର ନମ୍ବରି ରହନ୍ତି: ତାଙ୍କର ନାମ ମି: ବରୁଣ ଦାସ । ଏ ମହାଶୟ ଏମ୍. ଏ. ପଢ଼ା ଛାଡ଼ି ଓଡ଼ିଶା ସେକ୍ରେଟାରିଏଟ୍‌ରେ କଲମ ପେଷା କରନ୍ତି । ବରୁଣ ଦାସ ପାଶ୍ଚାତ୍ୟ ଦେଶର ଆଚାର ବ୍ୟବହାର ଚାଲି ଚଳନ, ପୋଷାକ ପରିଚ୍ଛଦକୁ ଅନୁକରଣ କରି ଏ ଭଦ୍ରଲୋକ ଗୋଟିଏ କିମ୍ଭୂତ କିମାକାର ଦେଶୀ ସାହେବ ପାଲଟି ଯାଇଛନ୍ତି ।

ମଝି ଘରଟିରେ କବି ଓ ସବୁଜ ଆନନ୍ଦ ପ୍ରକାଶ ଆଉ ଦାର୍ଶନିକ ଓ ସମାଲୋଚକ ଭୂପେନ୍ଦ୍ରକୁମାର ଏକାଠି ବାସ କରନ୍ତି । କବି ଥାର୍ଡ଼ ଇଆରରେ ଆଉ ଦାର୍ଶନିକ ଫିଫ୍ଥ ଇଆରରେ ପଢ଼ନ୍ତି । ରୁଚି ଓ ବ୍ୟବହାରରେ ଉଭୟଙ୍କ ମଧ୍ୟରେ ଗୋଟାଏ ପ୍ରଚ୍ଛନ୍ନ ଯୋଗସୂତ୍ର ଥିଲା ପରି ମନେ ହୁଏ । ତା'ଛଡ଼ା ପରସ୍ପର ପରସ୍ପରକୁ ସମ୍ମାନ ଓ ଶ୍ରଦ୍ଧା କରନ୍ତି । ପ୍ରତିଭାର ପ୍ରତିଭା ପ୍ରତି ସମ୍ମାନ । ନବରତ୍ନମାଳାର ଅନ୍ୟାନ୍ୟ ରତ୍ନ ଉଭୟଙ୍କୁ ଟିକିଏ ସମୀହ କରି ଚଳନ୍ତି ।

ଶେଷ ପଙ୍କ୍ତିରେ ବସ୍ତ୍ରଭୂଷଣ ଓ ସୁବର୍ଣ୍ଣାଳଙ୍କାର ଏକତ୍ର ନ୍ୟାସ କରନ୍ତି । ଜୟଦେବଙ୍କ ଭିତରେ ପ୍ରତିଭା ଅଛି, ଜୟଦେବ ସଙ୍ଗୀତଜ୍ଞ ଓ ପଣ୍ଡିତ । ଜୟଦେବ ସେତେବେଳେ ଇଂରାଜୀରେ ପଢ଼ନ୍ତି । ପରୀକ୍ଷା ଦେଇ ପାସ୍ କଲେ । ଭବିଷ୍ୟତ ସନ୍ଦେହଜନକ । ଏହି ଦମ୍ପତ୍ତି ଦୁହିଙ୍କ ଚରିତ୍ର ଉପରେ କଟାକ୍ଷ କଲାପରି କେତେକ ଶ୍ଳୋକ ବନ୍ଧ ଘଟଣା ସେମାନଙ୍କ ଜୀବନରେ ଘଟି ସାରିଲାଣି । ସମ୍ପର୍କ ହିସାବରେ ପରସ୍ପର ପରସ୍ପରଙ୍କୁ ସ୍ନେହ କରନ୍ତି, ମାତ୍ର ପ୍ରେମ କ୍ଷେତ୍ରରେ ଦୃଷ୍ଟି ଦେଲେ ଜୟଦେବ ଜୟନ୍ତଙ୍କ ପ୍ରତି ଅନ୍ତର ଭିତରେ ପ୍ରଚ୍ଛନ୍ନ ହିଂସା ପୋଷଣ କରନ୍ତି ।

ଉଭୟଙ୍କ ପରେ କଲ୍ୟାଣୀଙ୍କ ପ୍ରସଙ୍ଗ ଆଲୋଚନା ରହିଛି । ଭଦ୍ରଲୋକଟି ଜନସ୍ୱାଦ ଦୁଃଖରେ ଜୀବନ ଯାପନ କରନ୍ତି ଆଉ ଅତୀତର ସମୃଦ୍ଧିର ଯୌବନର ଅଶାନ୍ତ କାହାଣୀ ଗୋଟିଏ ମନ ଦେଇ ଚାହାନ୍ତି । ମେସ୍‌ର ଅନ୍ୟାନ୍ୟ ଲୋକଙ୍କ ସହିତ ବିଶେଷ ଘନିଷ୍ଠତା ରଖନ୍ତି ନାହିଁ ।

ଜୀବନ ମହଲରେ ଗୋଟିଏ ପଡ଼େ ସମଦ୍‌ ଖାଁ ଓ ସ୍ୱଜିତ ସ୍ୱଜିତ ଏକତ୍ର ରହନ୍ତି । ସମଦ ଖାଁ ଜନ୍ମାନ୍ତରିକ୍ ପ୍ରେମିକ, ସଙ୍ଗୀତ-ପ୍ରେମୀ ଓ ସୁରୁଚି ବ୍ୟବସାୟୀ । ସ୍ୱଜିତ ଦଣ୍ଡିତ ଭାବ ଦୁଃଖଗତର ବ୍ୟାନଜୀ । ଅନ୍ୟ ପଙ୍କ୍ତିରେ ବାଚେଲରସ୍‌ ମେସ୍‌ର ପ୍ରତିଷ୍ଠାତା ଓ ପରିଚାଳକ କୃଷ୍ଣଚରଣ ବାବୁ ଏକାକୀ ରହନ୍ତି । ଏ ମହାଶୟ ସମ୍ପ୍ରତି ବସ୍ତ୍ରରେ କରଣୀ କାମ କରନ୍ତି । ଏହି ମହଲଙ୍କ ଛତା ମେସ୍‌ରେ ଅନନ୍ତ ପଣ୍ଡା ପୂଜାରୀ ଆଉ ଅନ୍ନପୂର୍ଣ୍ଣା ସ୍ୱକାମିନୀ ବି ରହନ୍ତି ।

## — ଘୁଷି —

ସେଦିନ ଜଜ ଓ ଶ୍ରୀଯୁକ୍ତ ଆନନ୍ଦ ପ୍ରକାଶଙ୍କୁ ନେଇ ବାଚେ-ଲର୍ସ ମେସ୍‌ର ନବାଗତଙ୍କ ଭିତରେ ଏକ ମହା କୋଳାହଳ ସୃଷ୍ଟି ହେଲା। ସନ୍ଧ୍ୟାବେଳେ ସମସ୍ତେ ଆସି ଜଜଙ୍କ କୋଠରୀରେ ରୁଣ୍ଡ ହେଲେ। କିଏ ଝଞ୍ଜଣିଆ ଜଜଙ୍କୁ ଘଣ୍ଟି ପଚାରିଲେ, କିଏ ବା ତାଙ୍କର ମୁଣ୍ଡ ଚିପି ବସିଲେ। କିଏ ଡାକ୍ତର ଡାକିବାର ପ୍ରସ୍ତାବ ବାଢ଼ିଲେ ତ କିଏ ଜଜଙ୍କ ଲାଗି ପଥ୍ୟ ଆୟୋଜନ କରି ବସିଲେ। ଜିମ୍ନାଷ୍ଟିକ ଟେଷ୍ଟର ସମୟ ଖାଁ ଜଜଙ୍କର ଋଜୁ ଶରୀରଟାକୁ ଟେକିଲୁ ଉଠାଇ ଶୂନ୍ୟରେ ଦୁଇ ତିନିଥର ଘେରାଇ ବୁଲାଇ ଘୁଷି ଶୁଣାଇ ଦେଇ କହିଲେ—"କସରତ୍ କଲେ ଘୁଷି ବଦନଟା ଭାଜା ହେଇ ଉଠିବ।"

ସତକୁ ଏପରି ଅପ୍ରତ୍ୟାଶିତ ଘଟଣାରୁ ଜଜ ଆନନ୍ଦପ୍ରକାଶଙ୍କର ହେଲା କ'ଣ ? ସେ କ'ଣ ଅସୁସ୍ଥ ହୋଇ ପଡ଼ିଲେ ? ରୁକ୍ଷ ମୁଣ୍ଡବାଳ ଆଲୁଅ ବାଲୁଅ ହୋଇ ଆଖି କାନରେ ଆସି ଝୁଲୁଛି। ମୁହଁ ଶୁଖି ଯାଇଛି। କମ୍ପିତ ଶୁଷ୍କ ଅଧରରେ ହସ ନାହିଁ। କେବଳ ଆଖି ଦୁଇଟି ସଚେତ, ଚଞ୍ଚଳ ଓ ଛଳ ଛଳ ଦିଶୁଛି। ଜଜ ଶୁଣିଥିଲେ, ମାତ୍ର କେଉଁଠିକୁ ଶୁଣିଥିଲେ ତା' ସେ କହି ପାରିବେ ନାହିଁ। ଜଜ ଚେୟାରରେ ଶୋଇଥିଲେ, ମାତ୍ର ତାଙ୍କର ମନ ପକ୍ଷୀ କେଉଁ ଦୂର୍ଗମ ଜାହାଜର ଶିଖରଚୂଡ଼ାରେ ଉଡ଼ି ବୁଲୁଛି। ତାଙ୍କୁ ଅସ୍ଥିରମତି ମଣ୍ଡଳୀ ଚାରିପାଖରେ ଘେରି ବସିଛନ୍ତି, ମାତ୍ର ଜଜ ନିଜେ ସେମାନଙ୍କର ଉପସ୍ଥିତି ଉପଲବ୍ଧି କରି ପାରୁ ନାହାନ୍ତି।

ହଠାତ୍ ଆନନ୍ଦପ୍ରକାଶ ଏପରି ବେହାଲ ହୋଇ ପଡ଼ିଲେ କାହିଁକି ? ଖାଇବାରେ ରୁଚି ନାହିଁ, ମାତ୍ର ପିଇବାରେ ରୁଚି ଅଛି।

ଜିମ୍ନାଷ୍ଟିକ୍ ଟେମ୍ପରର ସମସ୍ତ ଶାଁଉ ସାଟିଭର୍ ଦେଇ କହୁ ଥିବା ଦେହଟା ଧଣ୍ଡ ଦେଡ଼ଟକ ମାଡ଼ି ତାଙ୍କର ଛ' ଫୁଟର ଲମ୍ବା ଋଜୁ ଶରୀରଟାକୁ ମଜବୁତ୍ କରି ଆସୁଥିଲେ । ସକାଳୁ ଉଠୁ ଉଠୁ ବଡ଼ା ବୋଲେ ଖାଇ ଚେଟେସ୍ୱଟା ଓ ଟିନଏ ଆଣି ଦୁଗୁଣିଆ କରି ଆଣିଥିଲେ । ଆଜି ହଠାତ୍ ଏମନ୍ତ ଅସୁସ୍ଥ ହୋଇ ପଡ଼ିଲେ କେଉଁ କାରଣରୁ ? ଦିନ ଦିନ ଦେହଟା ମେସ୍ ଗ୍ରୀଷ୍ମ କପଲ୍ଟକ ଯାଉନାହାନ୍ତି । ସିନେମା ଯାଇ ନାହାନ୍ତି କି ଥିଏଟର ବି ଯାଇ ନାହାନ୍ତି । ଖାଲି ବିଛଣାରେ ଦେହ ଦେଇ ଚୌକିରକୁ ଗୁଡ଼ର କଡ଼ିକାଠ ଗଣୁଛନ୍ତି—ମନକୁ ମନ କ'ଣ ଭାବି ବସି ହେଉଛନ୍ତି—ବେଳେବେଳେ ହସୁଛନ୍ତି, କେତେବେଳେ ପୁଣି କାନ୍ଦୁଛନ୍ତି ।

ଦାର୍ଶନିକ ସୁରେନ୍ଦ୍ରକୁମାର କହିଲେ—"ତୁମମାନଙ୍କର ବ୍ୟସ୍ତ ହେବାର କୌଣସି କାରଣ ନାହିଁ । କବି ଆନନ୍ଦପ୍ରକାଶଙ୍କର କୌଣସି ଶାରୀରିକ ଅସୁସ୍ଥତା ଆସିନାହିଁ, ତାଙ୍କର ମାନସିକ ଅସୁସ୍ଥତା ଘଟିଛି । ସେ କବିତା-ରୋଗଗ୍ରସ୍ତ ହୋଇଛନ୍ତି । ବୋଧହୁଏ ଦୁଇଟା ପ୍ରେମ-କବିତା ଲେଖି ପକାଇଲେ ଏ ରୋଗ ଆପେ ଆପେ ଉପଶମ ହେବ । ଡାକ୍ତର ଡାକିବା ଆବଶ୍ୟକ ନାହିଁ ।"

ସାହେବ ବରୁଣ ଦାସ ଖଣ୍ଡେ ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି କହିଲେ—"How dangerous ! ସେ' ଭୟଙ୍କର ଏହି କବିତା ରୋଗ ! It makes a man mad !"

ରସିକଭୂଷଣ, ଟାହି କରି କହିଲେ—"ପ୍ରେମ-କବିତା ଲେଖିଲେ ଯଦି ଏ ରୋଗ ଭଲ ହୁଏ, ତା' ହେଲେ ବିଛଣାରୁ ଉଠି ବସି, କବେଚ୍ ଖୋଲି ଖୋଲି ଲେଖି ପକାନ୍ତୁ ନାହିଁ କେ ଦି'ଟଣ୍ଡା ପ୍ରେମ-କବିତା ? ଯଦି ଉଠି ବସିବାର ଶକ୍ତି ନାହିଁ, ତା ହେଲେ ତୁ ମୁହଁରେ ଉଚ୍ଚାରିତ କରି ଯା' ମୁଁ ସର୍ଟହ୍ୟାଣ୍ଡରେ

ମିନିଟ୍‌ସ ଭିତରେ ଲେଖି ଦେଉଛନ୍ତି । ଶଳା, ଆଚ୍ଛା କବିତା-ରୋଗରେ ପଡ଼ି ମଣିଷକୁ ଜରଜର କରି ଦେଲାଣି !"

'ହାସ୍ୟ-ସ୍ରଷ୍ଟା' ସମାନ୍ତ ମୁକୁନ୍ଦ ଗଞ୍ଜନ କବିଙ୍କର ଏ ଅବସ୍ଥା ଦେଖି ଜାତିବାର ଉଦ୍‌ବେଗ ବଢ଼ିଲାଣି । ସବୁଠାରୁ ମୁସ୍କିଲ କଥା, ସେମାନଙ୍କ ଚଉଷଠି ବର୍ଷର ବୃଦ୍ଧା ସୁନବାଣୀ ଅହଲ୍ୟା କବିଙ୍କୁ ଚାଗଳ ଖୁବ ଆଉ ତାଙ୍କ ଗ୍ଲାନ ମାନୁନାହିଁ । ଜେନ ଦିନ ହେଲା ଭୁତଙ୍କ ଘର ଝାଡ଼ୁ ଦେଇ ନାହାଁନ୍ତି ଜମା । ତାଙ୍କ ଘର ଭିତରକୁ ପଶୁ ନାହିଁ । ଆନନ୍ଦପ୍ରକାଶ ଗାଣ୍ଡି ଶିଳ୍ପୀଟେଷ ମାଗି ନେଲ୍ ଅଲ୍ଲୀମା କଟେଜ ନ ଆଣି ଦୁର୍ଯୋଗ ଟେଜା ଅନନ୍ତ ହାଜରେ ପଠାଇ ଦେଉଛନ୍ତି । ଏ ଏକ ଭୀଷଣ ସଙ୍କଟ ଉପସ୍ଥିତଣି ।

ସବୁଠାରୁ ବେଶୀ ମନ ଦୁଃଖ କରୁଛନ୍ତି ପୁସ୍ତକ-ବ୍ୟବସାୟୀ ଖାଲିଗା ସମଦ୍ ଖାଁ । ସତରୁ ବନ୍ଧୁକ ନେବନବ ଦରି କବିଙ୍କୁ କବଲର ଶିଖାଇଛନ୍ତି । ତାଙ୍କର ଆଖି ସାମନାରେ ତାଙ୍କ ଷାଗିରଦର ଏପରି ଦୁରବସ୍ଥା ଘଟିବ, ଏହା ସେ ସହ୍ୟ କରି ପାରିବେ ନାହିଁ । ଶେଷକୁ ବରାନ୍ଦ ନେଇ ଖାଲିଗା ସମଦ୍ ଖାଁ କବିଙ୍କର ଡାହାଣ ହାତଟାକୁ ଧରି ଆଣି ନାଡ଼ି ଟିପି କ'ଣ ଅନୁମାନ କଲେ । ତା' ପରେ ଗାଢ଼ ଚିନ୍ତନରେ ଦୋହଟାଏ ଢୁଣ୍ଟକାରେ କବିଙ୍କୁ ଘନ୍ଦଶାରୁ ଶୁଣେନ ଶୁଣେନ ଟେକି ଆଣି ତଳେ ଛୁଡ଼ା କରି ଦେଇ କହିଲେ—"ଶଳା, ଦେଖନା ଦେଖିବାକୁ ଆଉ ଜାଗା ପାଇଲୁ ନାହିଁ ? ତବୟତ୍ ଖରାପ ଅଛି ? ତବୟତ୍ ତ ଭଲ ଅଛି । ଶଳାକୁ ମୋହବତ୍-ବମାରି ଧରିଛି !"

ଘରର ପାଖରୁ ସମସ୍ତେ ବିସ୍ମିତ କଣ୍ଠରେ ଚିତ୍କାର କରି ଉଠିଲେ—"ଏଁ !! କବିଙ୍କୁ ମୋହବତ୍-ବିମାରି ଧରିଛି ?"

ସମଦ୍ ଖାଁ ଘୃଣାରେ ମସ୍‌ଲକୁ ଆଉ ଦୂର ଭଳି ଫୁଲାଇ କହିଲେ—"ହୁଁ, ହୁଁ, ଶଳାକୁ ମୋଗଲଙ୍କ ବନ୍ଦୀ ଧରନ୍ତୁ । ଆଜିଠୁ ମୋଗଲଙ୍କୁ ଜଣାଇ ତ ଆମର ଲାଗିରହିବ ବଦଲା ଜାଣିଛ ? ବୃନ୍ଦାବନ ମେହେନତ କରି ଶଳାଙ୍କର ବଡ଼ଙ୍କୁ ବଡ଼େଇ ଆସୁଥିଲୁ, ରାସ୍ତା ସବୁ ମାଟି କଲା । ଏବେ ମୋଗଲଙ୍କ ବନ୍ଦୀ ଧରିଲେ ଆଉ କି ବଦଳ୍ ହେବ ? ଯାଉ, ଯାଉ, ସବୁ ଯାଉଛି, ଶଳା ସବୁ ଖାଇଲା ।" ଖାଲଥା ସମଦ୍ ଖାଁ ମୁଣ୍ଡରେ ହାତ ଦେଇ ଅବସୋସ କରି ବସି ପଡ଼ିଲେ ।

କବି ଆନନ୍ଦପ୍ରକାଶ ଏବେ ନିର୍ବୋଧ ଦୃଷ୍ଟିରେ ଏଣିକି ତେଣିକି ଚାହିଁ ପୁଣି ଖଟ ଉପରେ ଶୋଇବାର ଉପକ୍ରମ କରୁଥିଲେ ! ସମଦ୍ ହଠାତ୍ ବାଘ ପରି ଝାମ୍ପ ଦେଇ ତାଙ୍କୁ ଝିଙ୍କି ଧରିଲେ ଆଉ ପିଠିରେ ମଡ଼ଶିକିଆ କୋଡ଼ାଏ ବିଧା ଥୋଇ କହିଲେ—"ପୁଣି ଶୋଇବ ଏବେ ଶୂନ୍ୟ ମାଣିକ ! ଉଠ୍ ଶଳା, ଉଠ୍ ! ମାରୁ ଦଣ୍ଡ ଏଣୁ ତତ୍କାଳ ଉପରେ – ଷାଠିଏ ରାଶି ୫୦ ଦଣ୍ଡ । ଶଳା, ବଦନ୍‌ଟାକୁ ମାଟି କରି ଦେଲୁ ।"

ଆନନ୍ଦପ୍ରକାଶ ଏବେ ଛଳ ଛଳ ସଜଳ ନେତ୍ରରେ ସମଦ୍ ଖାଁଙ୍କୁ ଚାହିଁ କହିଲେ—"ପଚିଶ ଦଣ୍ଡ ଦୂରର କଥା, ପାଞ୍ଚଟା ଦଣ୍ଡ ବି ମାରିବାର ଶକ୍ତି ଆଉ ମୋ ଦେହରେ ନାହିଁ ସମଦ୍ ! ତା'ଠୁ ବରଂ ତୁ ଗଣି ଗଣି ପଚିଶ ବିଧା ମୋ ପିଠିରେ ଦେ । ତୋର ହାତରେ ବିଧା ଖାଇ ଏ ପ୍ରାଣଟା ବାହାରି ଯାଇ ପାରିଲେ ମୁଁ ଜୀବନରେ ବଞ୍ଚି ଯିବି ।"

—"କ'ଣ କହିଲୁ ? ବିଧା ଖାଇବୁ ? ଆରେ ତୁ ତୋ ସହରର ଅଛୁ ତ ଆଗ ? ଶଳାର ମଜ୍ଜା- ଲାଗି କ'ଣ ଭୂତ୍ ଚୌକି ଦେଲଣି !"

—"ହଁ, ସମନ୍ତ ! ମୋର ବଞ୍ଚିବାକୁ ଆଉ ଏତେ ଟିକିଏ ଇଚ୍ଛା ନାହିଁ । ମୁଁ ମରିବାକୁ ଇଚ୍ଛେ ।"

—"ଆଜ୍ଞା କାହିଁକି ?" ସମନ୍ତ୍ କାନ୍ଦ କାନ୍ଦ ହୋଇ କହିଲେ ।

କବି ଆନନ୍ଦଚନ୍ଦ୍ରକାନ୍ତ ଏଥର ଖଟ ଉପରେ ସ୍ଥିର ହୋଇ ବସି ହୃଦୟର ଅବ୍ୟକ୍ତ, ଦୁର୍ବିସହ ବେଦନାଗାଥା ଅଶ୍ରୁରୁଦ୍ଧ କଣ୍ଠରେ ପ୍ରକାଶ କଲେ—'ଦେଖ ସମନ୍ତ, ଡାକ୍ତରଙ୍କୁ ସୁଦ୍ଧା ଆସି ଶୁଣ ବନ୍ଧୁ, ଆଜି ଆପଣମାନେ ସମସ୍ତେ ଶୁଣନ୍ତୁ । ସମନ୍ତ ମୋର ରୋଗର ଲକ୍ଷଣ ଠିକ ଚିହ୍ନି ପାରିଛି । ଗତ ଦେଢ଼କ ଦିନ ହେଲା ମୁଁ ପ୍ରେମ ଜ୍ୱରରେ ଜରି ଜରି ହେଲିଣି । ଏହି ଜ୍ୱର ଫଳରେ ମୁଁ କ୍ଷୁଧା ତୃଷ୍ଣା ଜୟ କରି ପାରିଛି, ମାତ୍ର ଶରୀରର ସମସ୍ତ ପ୍ରାଣଶକ୍ତି ହରାଇ ଚଳନଶକ୍ତିରହିତ ହୋଇ ପଡ଼ିଛି । ଶଯ୍ୟାରୁ ଉଠି ବସିବାର ଶକ୍ତି ଆଉ ସାମର୍ଥ୍ୟ ମୋର ନାହିଁ । ଏପରି ଅବସ୍ଥାରେ ମୁଁ କଲେଜକୁ ଯିବି ବା କିପରି ? ଆଉ ଏ ଶାଳା ସମନ୍ତ କହୁଛି ଘଡ଼ି ଘଡ଼ି ଉଠିଣ ଦଣ୍ଡ ମାର; ସେଇଥିପାଇଁ ମୁଁ କହୁଛି ମୁଁ ନିଜେ ଦଣ୍ଡ ମାରିବା ଅପେକ୍ଷା ଏ ଦୁଷ୍ଟ ସମନ୍ତ୍ ମୋତେ ଦଣ୍ଡ ଦେଇ ଶାବଳରେ ମାରି ଦେଉ । ମୁଁ ଆଉ ଏ ବିରହ ଯନ୍ତ୍ରଣା, ଏ ପ୍ରେମ ଜ୍ୱରର ଟେମ୍ପରେଚର ସହ୍ୟ କରିପାରୁ ନାହିଁ । କବି ଗୋଟାଏ ହା' ହୁତାଶନମୟ ଦୀର୍ଘ ନିଶ୍ୱାସ ଛାଡ଼ି ଗିଲାସେ ପାଣି ମାଗିଲେ ।

ବରୁଣ ଦାସ ଆଉ ଖଣ୍ଡିଏ ସିଗାରେଟରେ ଅଗ୍ନି ସଂଯୋଗ କରି କହିଲେ—"Hopeless ! It has come to climax ! ରୋଗ ଆସି ଚରମ ସୀମାରେ ପହଞ୍ଚିଲାଣି । ଉପଶମର କୌଣସି ଲକ୍ଷଣ ଦେଖାଯାଉ ନାହିଁ ।"

ମ୍ୟାନେଜର କୃଷ୍ଣଚରଣ କବିଙ୍କର ବିରହକାତର ଅବସ୍ଥାରେ ବିଚଳିତ ହୋଇ ସହାନୁଭୂତିପୂର୍ଣ୍ଣ କଣ୍ଠରେ ଧୀରେ ଧୀରେ କହିଲେ—"ଆଃ ! ମଣିଷଟା କି ଅସହ୍ୟ ଯନ୍ତ୍ରଣାରେ ଛଟପଟ ନ ହେଉଛି । ପ୍ରଭୁ ! ମଣିଷ ହୃଦୟରେ ବିରହ ଯନ୍ତ୍ରଣା ଯଦି ଦେଲ, ମିଳନର ପଥ ସୁଗମ ନ କଲ କାହିଁ ? କଏ ବୁଝିବ ତୁମର ମାୟା ପ୍ରଭୁ ହେ ପ୍ରଭୁ !"

ଦାର୍ଶନିକ ଭୂପେନ୍ଦ୍ରକୁମାର ଆଗେଇ ଆସି ଗମ୍ଭୀରତାପୂର୍ଣ୍ଣ କଣ୍ଠରେ କହିଲେ—"କବି ଆନନ୍ଦ, ଶୁଣ ମୋର କଥା । ବ୍ୟସ୍ତ ହେବାର ବା ବିଚଳିତ ହେବାର କୌଣସି କାରଣ ନାହିଁ । ବିରହ ଯନ୍ତ୍ରଣା ଦୁର୍ବଳ ହୃଦୟ ମଣିଷ ପକ୍ଷରେ ଏକ ଅସହ୍ୟକର ଅବସ୍ଥା; ତାହା ମୁଁ ସ୍ୱୀକାର କରୁଛି ମାତ୍ର ସେଥିପାଇଁ ମରିବାକୁ ଯିବା ନିର୍ବୋଧତାର ପରିଚାୟକ—ତାହା ମଣିଷ ଜୀବନରେ ଏକ ଶୋଚନୀୟ ପରାଜୟ । ତୁମକୁ ମରିବାକୁ ମୁଁ ଉପଦେଶ ଦେଇ ନ ପାରେ । ମୁଁ ଏକ ଆଶାବାଦୀ । ତୁମର ମାନସୀ ସହିତ ସେ ତୁମର ମିଳନ ଘଟିବ ଏ ବିଶ୍ୱାସ ମୋର ଅଛି । ତୁମେବି ସେହି ଆଶାରେ ବଞ୍ଚି ରୁହ । You wait for tomorrow, because tomorrow will be another new day."

ଏଥର ବଟୁଭୂଷଣ କବି ଆନନ୍ଦପ୍ରକାଶଙ୍କ କାନ ପାଖକୁ ମୁହଁ ଆଣି ଫିସ୍ ଫିସ୍ କଣ୍ଠରେ ପଚାରିଲେ—"କିଏ ସେ ତୋର ମାନସୀରେ ଆନନ୍ଦ ! କାହା ବିରହରେ ତୁ ପାଗଳ ହେଉଛୁ ? ନାଁଟା ଟିକିଏ କହନା !"

ଆନନ୍ଦପ୍ରକାଶ ସହସା ଚମକି ଉଠିଲେ । କ୍ରୋଧ ଜର୍ଜ୍ଜରିତ କଣ୍ଠରେ ଦନ ଦନ ଆଖି କରି କହିଲେ—"ଦେଖ ବଟୁ ତୋର ସ୍ୱଭାବ ମୁଁ ବୁଝେ । ମୋର ମାନସୀ ତୋର ସ୍ୱାମୀ ପରିତ୍ୟକ୍ତା ଲବଣ୍ୟ ଦେବୀ

ନୁହଁନ୍ତି ଯେ କୌଣସି ଆଧୁନିକା ସିନେମା ସଙ୍ଗୀତ ଗାଇ ତୁ ତାଙ୍କର ହୃଦୟକୁ ଜୟ କରି ପାରିବୁ । ନାମ ଜର୍ଜରିତା ଲାବଣ୍ୟ ଦେବୀଙ୍କ ବନ୍ଧୁର କଲ୍ୟାଣର ତୋର ଚଳଚ୍ଚିତ୍ର ଦୃଷ୍ଟିକୋଣରୁ ସକାଳର ପବନ, ଅନାଘ୍ରାତା ପୁଷ୍ପପରି ମୋର ମାନସୀ ପ୍ରତିମାଙ୍କୁ ବିଚାର କଲେ, ଖାଲି ଅନାଘ୍ରାତ ନୁହେଁ, ତାଙ୍କ ସମ୍ମାନର ଅମର୍ଯ୍ୟାଦା ମଧ୍ୟ ଘଟି ବସିବ । ତେଣୁ ତୋ ପରି ଏକ ଚଳଚ୍ଚିତ୍ର ସମ୍ମୁଖରେ ମୋ ମାନସୀପ୍ରିୟାର ନାମ ପ୍ରକାଶ କରିବା ଲାଗି ମୁଁ ବାଧ୍ୟ ନୁହେଁ ।

ବନ୍ଧୁ ଭୂଷଣ ଅବିଚଳିତ ସ୍ନିଗ୍ଧ କଣ୍ଠରେ କହିଲେ — "ତୋ ଦମ୍ଭ ତୁଟିଛିରେ ଆନନ୍ଦ ! ତୋର ପବିତ୍ର ଅନାଘ୍ରାତା କୁମାରୀ ମାନସୀଙ୍କୁ ଅପମାନିତ କରିବାର ସାହସ ମୋର ନାହିଁ । ତା' ଛଡ଼ା ତୁ ତ ଜାଣୁ, ଅନାଘ୍ରାତା କୁମାରୀମାନଙ୍କ ଗଳାରେ ଲାଗି କୌଣସି ଅନାଗତ ବିପଦ ମୁଣ୍ଡାଇବାର ପ୍ରବୃତ୍ତି ମୋର ନାହିଁ । ସେଇଁଠାରେ ଦାୟିତ୍ୱ ତୁଲାଇବାର, ବିପଦ ମୁଣ୍ଡାଇବାର ଲେଶ ମାତ୍ର ସମ୍ଭାବନା ନ ଥାଏ, ମୋର ଶ୍ରଦ୍ଧା ସ୍ଥାନରେ ବସାଉଛି । ଏପରି ସ୍ଥଳେ ତୋର ଭୟ କରିବାର କୌଣସି କାରଣ ନାହିଁ । ତୁ ବିନା ସଙ୍କୋଚରେ ତୋର ମାନସୀ ପ୍ରତିମାର ନାମ ପ୍ରକାଶ କରିପାରୁ ।"

ବନ୍ଧୁଭୂଷଣର ବୈପ୍ଳବିକ ଉକ୍ତିବାଣୀ ଶୁଣି କବି ଆନନ୍ଦପ୍ରକାଶ ଟିକିଏ ଆଶ୍ୱସ୍ତ ହେଲେ । ସଜଳ ଛଳ ଛଳ ଦୃଷ୍ଟିକୁ ଅନ୍ତର୍ମୁଖୀ କରି କବି କହିଲେ—"ତା'ହେଲେ ଶୁଣ ବନ୍ଧୁ, ଶୁଣ ବନ୍ଧୁଗଣ, ମୋର ମାନସୀ ଏହି ବର୍ଷ ଆସି ଫାଷ୍ଟ ଇଆରରେ ନାମ ଲେଖାଇଛି । କଲେଜକୁ ଆସିବାର ପ୍ରଥମ ଦିନରୁ ତା'ର ମୋ ସହିତ ଦୃଷ୍ଟି ବିନିମୟ ଘଟିଛି । ତା'ର ସେହି କଥାକୁହା କରୁଣ ଦୃଷ୍ଟି, ଅଧରର ସ୍ମିତ ହସ ଆଜି ସତିକି ଯୋଗେ ବେଶୀ ଦେଖିଲି

ସେଦିନରୁ ମୁଁ ତାର ପ୍ରେମରେ ପଡ଼ିଛି । ତା'ର ସୁନ୍ଦର ଶ୍ୟାମଳବର୍ଣ୍ଣର ଶରୀରରେ ଶାଢ଼ୀ ପିନ୍ଧିବାର ସେଇଁ ଅପରୂପ ଭଙ୍ଗୀ, ତାହା ମୁଁ ଆଜି କେଉଁ ଝିଅଠାରେ ଦେଖିବାକୁ ପାଉନାହିଁ । ତା'ର ସୁଗୋଲ ଜଘନ, ସୁଡୋଲ, ନିତମ୍ବ, କ୍ଷୀଣ କଟୀ ଆଉ ଉନ୍ନତ ଉରଜ ଶୋଭା ଦେଖି ମୋର ତା'ପ୍ରେମରେ ପଡ଼ିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ତେଣୁ ମୁଁ ସବୁଦିନେ କଲେଜରେ ତା'ପଛେ ପଛେ ଘୁରିବାକୁ ଲାଗିଲି । ବନ୍ଧୁ ଜଣଙ୍କ ସ୍ୱୀକାର କରି ବହୁ ନିର୍ଯ୍ୟାତନା ଓ ଅପମାନ ସହି ତାର ନାମ ଓ ପରିଚୟ ସଂଗ୍ରହ କଲି । ତା'ର ନାମ ସୁକାନ୍ତି ମହାନ୍ତି । ଆମ ଇଂରାଜୀ ପ୍ରଫେସର ସତ୍ୟପ୍ରସନ୍ନ ବାବୁଙ୍କର ସେ ଝିଅଟା ।"

ସତ୍ୟବ୍ରତ କବିଙ୍କୁ ବେଢ଼ି ବସିଥିବା ଶ୍ରୋତୃବୃନ୍ଦଙ୍କ ମଧ୍ୟରୁ କବି ଭବାନୀ ଶୁଣିଲେ—"ପ୍ରଫେସର ସତ୍ୟପ୍ରସନ୍ନ ବାବୁଙ୍କ ଝିଅଟା !"

—"ହଁ, ସତ୍ୟପ୍ରସନ୍ନ ବାବୁଙ୍କ ଝିଅଟା ସୁକାନ୍ତି ମୋର ମାନସୀ ପ୍ରତିମା । ତା'ରି ବିରହରେ ଆଜି ମୋର ଏ ଅବସ୍ଥା, ତା'ରି ଲାଗି ଆଜି ମୁଁ ହସି ହସି ପ୍ରସନ୍ନ ଚିତ୍ତରେ ମରିବାପାଇଁ ପ୍ରସ୍ତୁତ । ଅନେକ ଦିନ ତା' ପଛରେ ଘୁରିବାରେ ଲାଗିଲି ପରେ ଦିନେ ଦେଖିଲି; ସେ ମୋତେ ପ୍ରେମପୂର୍ଣ୍ଣ ସଜଳ ଦୃଷ୍ଟିରେ ଫେରି ଚାହିଁଲା । ତା' ପରେ ମିଛ ହସି ତା' ସଙ୍ଗରେ ଯାଉଥିବା ଅନ୍ୟ ଏକ କିଶୋରୀ କାନରେ କ'ଣ ଫୁସ୍ ଫାସ୍ କରି କହିଲା । ତା'ପରେ ଦୁଇ ସଖି ଖିଲ୍ ଖିଲ୍ ହୋଇ ହସି ଉଠି ଲେଡ଼ିଜ କମନ୍ ରୁମ୍ ଭିତରେ ପଶିଗଲେ । ଏଥିରୁ ବୁଝିଲି ସେ ଯେ ମୋତେ ଗଭୀର ଭାବରେ ପ୍ରେମ କରୁଛି, ଏଥିରେ ସନ୍ଦେହ ନାହିଁ । ସେ ଯେ ମୋତେ ପ୍ରେମ

କହୁଥିବା କଥା ତା'ର ପ୍ରିୟ ପକ୍ଷୀ କାନରେ ଚୁପି ଚୁପି କହୁଥିଲା ତାହା ମୁଁ ଅନ୍ତର କାନରେ ଶୁଣି ପାରୁଛି ।"

ବଧୂଭୂଷଣ ସମ୍ମତିସୂଚକ ମୁଣ୍ଡ ହଲାଇ କହିଲେ—"ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ଝିଅମାନେ ଖୁବ୍ ଶୀଘ୍ର ପ୍ରେମରେ ପଡ଼ି ଯାଆନ୍ତି । ତା'ପରେ ?"

—"ତା'ପରେ ?" କହି ଆନନ୍ଦପ୍ରକାଶ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ—"ତା'ପରେ, ହଠାତ୍ ସେ ମୋତେ ପଅରଦିନ ପ୍ରେମ ଜଣାଇ ବସିଲା ।"

ଅସ୍ଥିରତ୍ନ ସହସା ଚମକି ପଡ଼ି ପରସ୍ପର ପରସ୍ପର ମୁହଁକୁ ଚାହିଁ ରହିଲେ । କରୁଣ ଦାସ ପଚାରିଲେ—"How she dared to offer you her love ?"

ଆନନ୍ଦପ୍ରକାଶ କହିଲେ—"ପଅରଦିନ ତିଥିଥ ଚିଡ଼ି-ଅଡ଼ାରେ ସୁକାନ୍ତ ତା'ର ପ୍ରିୟ ପକ୍ଷୀ ସହିତ ବୋଟାନିକାଲ୍ ଗାର୍ଡେନ ଆଡ଼କୁ ବାହାରିଲା । ମୁଁ ଏ ଘଣ୍ଟେ ସିଗାରେଟ ଧରାଇ ତା' ପଛେ ପଛେ ଚାଲିଲି । ବାଟରେ ସୁକାନ୍ତ ଥରେ ଥରେ ପଛକୁ ଫେରି ଚାହିଁ ମୋତେ ଦେଖି ସ୍ମିତ ହସରୁ ଛିଟିକାଏ ଲେଖା ମୋ ଉଦ୍ଦେଶ୍ୟରେ ଫୋପାଡ଼ି ମାରୁଥାଏ । ତା'ପରେ ସେମାନେ ଗାର୍ଡେନରେ ପଶିଲେ । ମୁଁ ବି ପଶିଲି । ସୁକାନ୍ତ ଗୋଟାଏ ଗୋଲାପ ତୋଳି ଉନ୍ମୀଳିତ ନୟନରେ ଚାହିଁ ତା'ର ସୌରଭ ଆଘ୍ରାଣ କଲା । ସତେ ଯେପରି ସେ ସୌରଭ ମୋର ନାସିକା ରନ୍ଧ୍ରରେ ପ୍ରବେଶ କରି ମୋତେ ମଲୁଆଲା କରି ଦେଲା । ତା'ପରେ ହଠାତ୍ ସେମାନେ କେଉଁଠୁ ଲୁଚିଯାଇ ଲତାବେଷ୍ଟନୀରେ ପଶିଲେ । ମୁଁ ସେହି ଗୋଲାପ ଗଛ ନିକଟକୁ ଯାଇ ଦେଖିଲି ଯେ ସୁକାନ୍ତର ରୁମାଲ ଆଉ ସେହି ଗୋଲାପ ଫୁଲଟି ତଳେ ପଡ଼ି ରହିଛି । ସେ

ଯେ ମୋର ପାଇଁ ତାହା ସବୁ ସେଠାରେ ଛାଡ଼ି ଦେଇ ଯାଇଛନ୍ତି, ତାହା ବୁଝିବା କଷ୍ଟକର ନୁହେଁ । ମୁଁ ଅତି ଯତ୍ନର ସହିତ ତାହା ଉଠାଇ ଆଣି ମୋ ପାଖରେ ରଖିଛି । ଆଉ ସେହି ଦିନଠୁ ମୋର ଏ ଅବସ୍ଥା ହୋଇଛି ।"

କବି ତାଙ୍କର ଗ୍ରନ୍ଥ ଫାଇଲଟରୁ ଗୋଟିଏ ଶୁଖିଲା ଗୋଲାପ ଫୁଲ ଆଉ ନାଲିରଙ୍ଗ ସିଲ୍‌କର ଖଣ୍ଡେ ପାତଳ ରୁମାଲ ବାହାର କରି ସମସ୍ତଙ୍କୁ ଦେଖାଇବା ଲାଗି ଟେବୁଲ ଉପରେ ଥୋଇ ଦେଲେ । ତରୁଣ ଦାସ ରୁମାଲଟି ଉଠାଇ ନେଇ ଆଘ୍ରାଣ କରି କହିଲେ—"O, it is scented ! ସୁକାନ୍ତ ଯେ ନିଶ୍ଚୟ ତୁମକୁ ପ୍ରେମ କରେ ଏଥିରେ ଆଉ ଟିକିଏ ସନ୍ଦେହ କରିବାର ଅବକାଶ ଆସୁନାହିଁ ।"

ମ୍ୟାନେଜର କୃଷ୍ଣଚରଣ ବାବୁ ଚକ୍ଷୁ ମୁଦ୍ରିତ କରି ଗଦଗଦ୍ କଣ୍ଠରେ କହିଲେ—"ଆହା, ଆହା, କି ସ୍ୱର୍ଗୀୟ ପ୍ରେମ ! ପ୍ରଭୁଙ୍କର ଲୀଳା କିଏ ବୁଝିବ ? ହେ ପ୍ରଭୁ, ହେ ଜଗତକର୍ତ୍ତା ! ଏହି ଦୁଇଟି ସରଳ ନିଷ୍ପାପ ହୃଦୟରେ ଯେଉଁ ସ୍ୱର୍ଗୀୟ ପ୍ରେମ ସଞ୍ଚାର କରିଛ, ତାହା ତୁମରି ଇଚ୍ଛାରେ ଜୟ ସାର୍ଥକ ହେଉ । ଏହି ଦୁଇଟି କିଶୋର କିଶୋରୀ ହୃଦୟକୁ ଆଉ ଅଧିକ ବିରହ ଜ୍ୱାଳାରେ ଦଗ୍ଧ କର ନାହିଁ । ତୁମରି କରୁଣାରେ, ତୁମରି ଆଶୀର୍ବାଦ ଲାଭ କରି ଏହି ଦୁଇଟି ନିଷ୍ପାପ ଆତ୍ମାର ଶୁଭମିଳନ ଘଟୁ ।" ମ୍ୟାନେଜର କୃଷ୍ଣଚରଣ ସେଇଠାରେ ଆଣ୍ଠୁମାଡ଼ି ବସି ଚକ୍ଷୁ ମୁଦ୍ରିତ କରି ପ୍ରାର୍ଥନା କଲେ ।

ଦାର୍ଶନିକ ସୁରେନ୍ଦ୍ରକୁମାର କହିଲେ—"ଶୁଣ କବି, ମୁଁ ତୁମର ପ୍ରେମ ଇତିହାସ ଶୁଣି ଏତିକି ବୁଝିଛି ଯେ, ତୁମର ପ୍ରେମ ମିଥ୍ୟା ନୁହେଁ; ତାହା ସତ୍ୟ, ତେଣୁ ତାହା ଅବିନଶ୍ୱର । ଜନ୍ମ

ଜନ୍ମାନ୍ତର ଲାଗି ତା'ର ମୃତ୍ୟୁ ଘଟି ନ ଥାଉ । ତେଣୁ ଏ ଜନ୍ମରେ ଯଦିଓ କମ୍ପା ଜନ୍ମାନ୍ତରରେ ହେଉ ତୁମର ନିଶ୍ଚୟ ସୁକାନ୍ତ ସହିତ ମିଳନ ଘଟିବ । ଅନୁକୂଳ ବାତାବରଣ ସୃଷ୍ଟି ହେଲେ ହୁଏତ ଏହି ଜନ୍ମରେ ତୁମର ମିଳନ ଘଟିପାରେ । ନାନା ବାଧାବିଘ୍ନ ସମ୍ବଳିତ ମଣିଷ ଜୀବନରେ ସାଧାରଣତଃ ତା'ର ସମସ୍ତ ସ୍ୱପ୍ନ ବାସ୍ତବ ରୂପ ପରିଗ୍ରହ କରି ପାରେ ନାହିଁ । ଯଦିବ ଭଗବାନ ନ କରନ୍ତୁ, ଯଦି ଦୁଃଖକର ଅବସ୍ଥାର ସମ୍ମୁଖୀନ ହୋଇ ତୁମର ଏ ଜନ୍ମରେ ସୁକାନ୍ତ ସହିତ ମିଳନ ନ ଘଟେ, ତାହାହେଲେ ଜନ୍ମାନ୍ତରରେ ଉଭୟଙ୍କ ଆତ୍ମାର ମିଳନ ସୁନିଶ୍ଚିତ । ହୁଏତ ସେତେବେଳେ ତୁମର ଇନ୍ଦ୍ରିୟ ସମ୍ପର୍କ ଜଡ଼ ଶରୀରର ମିଳନ ନ ଘଟିପାରେ ମାତ୍ର ଅବିନଶ୍ୱର ଆତ୍ମାର ମିଳନ ଘଟିବ । ଦୈହିକ ମିଳନ ମିଥ୍ୟା, ମାତ୍ର ଆତ୍ମିକ ମିଳନ ସତ୍ୟ ଓ ସୁନ୍ଦର । ତେଣୁ ମୋର ଅନୁରୋଧ, ତୁମେ ଚିନ୍ତା ରୋଗରୁ ମୁକ୍ତ ହୁଅ । ବିରହ ଯନ୍ତ୍ରଣାରେ ନିଜକୁ ଆଉ ଦଗ୍ଧ ହେବାର ସୁଯୋଗ ଦିଅ ନାହିଁ । ଉଠ, ଜାଗ, କର୍ମମୟ ଓ ସାଧନାମୟ ଜୀବନରେ ଜୟମଣ୍ଡିତ ହେବା ଲାଗି ନୂଆ ଉତ୍ସାହରେ ଅଗ୍ରସର ହୁଅ । ତୁମ ପ୍ରତି ମୋର ଶୁଭେଚ୍ଛା ଓ ଆଶୀର୍ବାଦ ରହିଛି ।"

ଶାକିଟା ସମନ୍ତ୍ରୀ ଏ ସବୁ ଦର୍ଶନତତ୍ତ୍ୱ ବୁଝନ୍ତି ନାହିଁ । ସେ ବ୍ୟବସାୟୀ ଲୋକ, ତେଣୁ ବାସ୍ତବବାଦୀ । ସେ ଆନନ୍ଦପ୍ରକାଶଙ୍କର ଏ ସବୁ ଉଦ୍ଭଟ ଲକ୍ଷଣ ଦେଖି ଗର୍ଜି ଉଠି କହିଲେ— "ସେ ସବୁ ମୋହବତ୍ ଫୋହବତ୍ ମୋ ପାଖରେ ଚଳେ ନାହିଁ । ଶଳା, ମୋହବତ୍ କରିଛୁ ତ, ମୋ ପାଖରେ କସରତ୍ କରିବାକୁ ଆସିଛୁ ନାହିଁ । ଶଳା, ବିଟାକା ମଜନୁ ବନିଛି ! ଉଠ୍, ଅଣ୍ଡା ସିଧା କରି ବସ୍, ନାମରଦ୍ ନାଲାୟକ କାହିଁକା !"

ହୁସେନ୍ ଆଲମ ମୁହଁ ବଙ୍କାଇ କହିଲେ—"ଆରେ, ମୋହବତ୍ କରିବ ତ ଏପରି ମୁହଁ ଶୁଖାଇ, ନ ଖାଇ ନ ପିଇ ତିନି ରାତି ତିନି ଦିନ ବିଛଣାରେ ଶୋଇ ରହିବ କାହିଁକି ? ଆରେ ମୋହବତ୍ ଯଦି କରୁଛ ତା' ହେଲେ ଚୁଡ଼ିଦାର ପାଇଜାମା ବାହାର କର, ଶିଲ୍କର କୁର୍ତ୍ତା ଉଢ଼ଣୀ ଧୁଆ ଆଦି ପୋଷାକ ବାହାର କର । ଆଖିରେ ସୁର୍ମା ଦିଅ ଆଉ ରୁମାଲରେ ଅତର ଦିଅ । ତା ପରେ ବାହାରି ପଡ଼ ମୋହବତ୍ କରିବାକୁ । ଖାଲି ଶୋଇ ରହିଲେ କ'ଣ ମୋହବତ୍ ହୁଏ ?"

ବିଧୁଭୂଷଣ କହିଲେ—"ଯଦି ପ୍ରେମ କରୁଛୁ, କର । ଗରିବ କୁଡ଼ିଆରେ ପୋଡ଼ି ମରୁଛୁ, ମର ! ମୋର ଆମକୁ ଆଉ ଏପରି ଚିନ୍ତାରେ ପକାଅ ନାହିଁ । ଗୁମାସ୍ତ-ଜୀବନର ବିପଦ କଥା ଜାଣିଛୁ କି ? ଗୁମାସ୍ତ-ପ୍ରେମର ପରିଣତି ଦାଢ଼ି ମୁଣ୍ଡାଇବାକୁ ଯଦି ଛାତିରେ ହିମତ୍ ଅଛି, ତା' ହେଲେ ଆଗେଇ ଯା' ସେ ବାଟରେ । ଆଉ ଏଠାରେ ପଡ଼ି ପଡ଼ି ଦୁଃଖ କାହିଁକି ?"

ଏତିକିବେଳେ ସୁଧାଂଶୁଶଙ୍କର ପାଟି କରି ଉଠିଲେ—"ତୁମର ପ୍ରେମ ଅଭିଯାନକୁ ମୁଁ ଅଭିନନ୍ଦନ ଜଣାଉଛି ବନ୍ଧୁ ! ତୁମେ ଜୟ-ସାଫଲ୍ୟ ମଣ୍ଡିତ ହୁଅ । ବୋଲ, କବି ଆନନ୍ଦପ୍ରକାଶ କି ଜୟ ! !"

—ତିନି—

କବି କାଳିଦାସ ବିକ୍ରମାଦିତ୍ୟ ରାଜସଭାର ଅଷ୍ଟରତ୍ନ ମାନଙ୍କର ସର୍ବଶେଷରେ ସ୍ଥାନ ହେଲାପରି କବି ଆନନ୍ଦପ୍ରକାଶ ବାଚେଲର୍ସ ମେସ୍‌ରେ ସର୍ବଶେଷରେ ଆସି ନବମ ରତ୍ନର ଆସନ ଅଳଙ୍କୃତ କରିଥିଲେ । ମାତ୍ର ପୂର୍ବର ରାଜତ ଗାଙ୍କର ବନ୍ଧୁ ପୂର୍ବରୁ

ଅପି ନିଜ ଆସନରେ ସୁପ୍ରତିଷ୍ଠିତ ଥିଲେ । ତେଣୁ ବାଟେଲଲ୍ଥ ମେସ୍‌ର ନବରତ୍ନଙ୍କ ମଧ୍ୟରେ ସେ ଏକ ପ୍ରତିଷ୍ଠିତ ଓ ବରିଷ୍ଠ ରତ୍ନ ।

ଶ୍ୟାମଳ ବର୍ଣ୍ଣର ସତେଇଶି ଅଠେଇଶି ବର୍ଷର ଯୁବକ ଏଇ ସୁଜିତ ଘୋଷ । ବେଶୀ ଲମ୍ବା ନୁହଁନ୍ତି କି ବେଶୀ ଗେଡ଼ା ନୁହଁନ୍ତି । ଦେଖିବାକୁ ବେଶ୍ ହୃଷ୍ଟପୁଷ୍ଟ । ମୁହଁଟି ସବୁବେଳେ ହସ ହସ । ଦାଢ଼ି ନିଶ ଚକ୍‌କଣ ଘଷାରେ ଗଲୁଆ ସଦ୍ୟ ସଦ୍ୟ କ୍ଷୌର ହୋଇ-ଥାଏ । ନାସା ମୂଳରୁ ଆଖିର ଗୁହାଣୀଟି ସବୁବେଳେ ସଜଳ ଓ ଢଳ ଢଳ । ଆଖିରେ ଚଷମା । ମେସ୍ ଭିତରେ ଥିଲେ ସୁଜିତ ଘୋଷ ଢିଲା ପାଇଜାମା ଆଉ ଢିଲା ପଞ୍ଜାବୀ ପିନ୍ଧନ୍ତି ମାତ୍ର ବାହାରକୁ ବାହାରିଲେ ଲିନେନ୍ କଳାର ଟ୍ରାଉଜର ଆଉ ଦେହରେ ଛିଟ କନାର ହାୱାଇ ସାର୍ଟ ପିନ୍ଧନ୍ତି ।

ଗତ ତିନି ବର୍ଷ ହେଲା ସେ ସ୍ଥାନୀୟ ଡାକ ବିଭାଗରେ ଲୋଅର ଡିଭିଜନ କିରାଣୀ କାମ କରୁଛନ୍ତି । ସକାଳୁ ଉଠି ନିତ୍ୟମିତ କ୍ଷୌର କର୍ମ ସମାପନ କରି ମୁହଁ ହାତ ଧୋଇ ଜଳଖିଆ ଖାଇ ବସନ୍ତି । ତା'ପରେ ଖବରରେ ଜଳଖିଆ ଖାଇ ଉପରକୁ ଯାଇଁ ନିଜ ବଖରା ଭିତରେ ଦର୍ଜହାଣ୍ଡି ବନ୍ଦ ବାହାର କରି ସର୍ଟହାଣ୍ଡ୍ ସାଧନା କରନ୍ତି । ନ'ଟା ବେଳେ ସାଧନାରୁ ଉଠି ଗାଧୁଆ ପାଧୁଆ ସାରି ଭୋଜନରେ ବସନ୍ତି । ତା'ପରେ ଟ୍ରାଉଜର ଆଉ ଛିଟକନାର ହାୱାଇ ପିନ୍ଧି ଅଫିସକୁ ବାହାରି ଯାଆନ୍ତି । ପାଞ୍ଚଟା ପରେ ଅଫିସ ଛୁଟି ସାରି ମେସକୁ ଫେରନ୍ତି ନାହିଁ; ସିଧା କମର୍ସିଆଲ୍ ସ୍କୁଲ୍‌କୁ ଯାଆନ୍ତି । ସେଠାରୁ ଫେରି ମେସ୍‌ରେ ପହଞ୍ଚିଲା ବେଳକୁ ସାତଟା ବାଜି ସାରିଥାଏ । ମେସ୍‌ରେ ପହଞ୍ଚି ଗାଧୁଆ ପାଧୁଆ ସାରି ଆଠଟା ସାଢ଼େ ଆଠଟାରେ ଭୋଜନରେ ବସନ୍ତି । ତା'ପରେ ବଖରାରେ

ପଡ଼ି ଅଳସ ଭାବରେ ଖଣ୍ଡିଏ ଗୁଇନ୍ଦା ଉପନ୍ୟାସ ପଢ଼ୁ ପଢ଼ୁ କେତେବେଳେ ଗାଢ଼ ନିଦରେ ଶୋଇ ପଡ଼ନ୍ତି ।

ଏଇ ହେଲା ସୁଜିତ ସାହୁଙ୍କର ଦୈନନ୍ଦିନ କାର୍ଯ୍ୟର ତାଲିକା । କିନ୍ତୁ ବ୍ୟତିକ୍ରମ ନାହିଁ । ପ୍ରତ୍ୟହ ସକାଳୁ ସନ୍ଧ୍ୟାଯାଏ ଯନ୍ତ୍ରପରି ସେହି ଏକା କାର୍ଯ୍ୟ କରି ଚାଲିଛନ୍ତି । ଘଣ୍ଟାର କଣ୍ଟାପରି ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଗୋଟାକ ପରେ ଗୋଟାଏ ଯଥା ସମୟରେ କରି ଯାଆନ୍ତି । ସେହି ଏକା ପ୍ରକାରର କାର୍ଯ୍ୟ କରି କରି ତାଙ୍କର ଏପରି ଅଭ୍ୟାସ ପଡ଼ିଗଲାଣି ଯେ, କେଉଁ କାର୍ଯ୍ୟ କେତେବେଳେ କରିବେ, ସେଥିଲାଗି ସମୟ ଜାଣିବା ଦରକାର ପଡ଼େ ନାହିଁ । ଅଭ୍ୟାସବଶରୁ ସବୁ କାର୍ଯ୍ୟ ଠିକ୍ ଠିକ୍ ସମୟରେ ହୋଇଯାଏ ।

ବାଚେଲର୍ସ ମେସ୍‌ର ଅନ୍ୟାନ୍ୟ ଲୋକଙ୍କ ସହିତ ସୁଜିତ ସାହୁ କ୍ୱଚିତ କେତେବେଳେ ଆଳାପ ଆଲୋଚନା କରି ଥାଆନ୍ତି । ଏହାର ଦ୍ୱିବିଧ କାରଣ ରହିଛି । ପ୍ରଥମ କଥା, ରବିବାର ଛଡ଼ା ତାଙ୍କର ଅବସର ନାହିଁ ଅନ୍ୟ କାହା ସହିତ କଥାବାର୍ତ୍ତା କରିବା ପାଇଁ । ଆଉ ଦ୍ୱିତୀୟ ଓ ପ୍ରଧାନ କାରଣ ହେଉଛି, ସୁଜିତ ସାହୁ ଲୋକେ ମେଳାପି ନୁହନ୍ତି । କାହାରି ସହିତ ଆଳାପ କରିବାକୁ ବାହାରିଲେ ଅନୂଢ଼ା କନ୍ୟାଙ୍କ ପରି ସେ ଲାଜରେ ମାଟି ସହିତ ମିଶି ଯାଆନ୍ତି । କୌଣସି ନାରୀ ସମ୍ମୁଖରେ ତାଙ୍କୁ କଥାବାର୍ତ୍ତା କରିବାକୁ ବାଧ୍ୟ କରାଗଲେ ତାଙ୍କର ପିଲ୍ହା ପ୍ରାଣ ଉଡ଼ିଯାଏ । ମଥା ଘୂରିଯାଏ । ଗୋଟାଏ କଥା କହିବାକୁ ସ୍ଥିର କରି ହୁଏତ ଶେଷରେ ନିଜ ଅଜାଣତରେ ଗୁଡ଼ାଏ ଅବାନ୍ତର କଥା କହି ଯାଆନ୍ତି । ଏତେ ଲାଜ, ଏତେ ସଙ୍କୋଚ, ଏତେ ଛାତି ଧଡ଼ପଡ଼ ଧରି ଏହି ଯୁବକ କିପରି ଭାବରେ ଇଣ୍ଟରଭ୍ୟୁରେ ପାଶ୍ କରି

ଶୁକଗୁ ପାଇଲେ, ତାହା ଚାଲିଚଳନ ରହସ୍ୟ ଭିତରେ ଆଚ୍ଛନ୍ନ ହୋଇ ରହିଲା ।

ସୁଜିତ ଗୁପ୍ତଙ୍କୁ ଶାଢ଼ୀରେ ତାଙ୍କର ନାରୀସୁଲଭ ଲଜ୍ଜା ଓ ସଙ୍କୋଚ ତଥା ତାଙ୍କ ଅଧରର ସଲଜ୍ଜ ହସ ଦେଖିବାଲାଗି ଅଫିସରେ ବିଧୁଭୂଷଣ, ସୂର୍ଯ୍ୟ ଶଙ୍କର ଓ ସମଦ୍ ଖାଁ ବେଳେବେଳେ ତାଙ୍କ ପଛରେ ଲାଗନ୍ତି । ସୁଜିତ ଗୁପ୍ତଙ୍କର ଲଜ୍ଜା ଓ ସଙ୍କୋଚ ପ୍ରକାଶ ପାଏ ସତ ମାତ୍ର ସେ ଚିଡ଼ନ୍ତି ନାହିଁ । ସେମାନଙ୍କ ପ୍ରଶ୍ନର ସଂକ୍ଷିପ୍ତ ସଲଜ୍ଜ ଉତ୍ତର ଦେଇ ନିଜର ସର୍ଟହ୍ୟାଣ୍ଡ ବହି ଧରି ବସି ରହନ୍ତି । ଦୁଷ୍ଟ ବିଧୁଭୂଷଣ ଓ ସୂର୍ଯ୍ୟ ଶଙ୍କର ପ୍ରକୃତ ହୋ ହୋ ହୋଇ ହସି ଉଠନ୍ତି । ପଚିଶ ବର୍ଷର ବୁଢ଼ୀ ରୁକ୍ମିଣୀ ଅରୁଣା ମଧ୍ୟ ସୁଜିତ ଗୁପ୍ତଙ୍କ ନାରୀସୁଲଭ ଧରଣ ସ୍ୱଭାବ ଦେଖି ମୁହଁରେ ଲୁଗା ମାଡ଼ି ହସି ପକାଏ ।

ସେଦିନ ଜନ୍ମାଷ୍ଟମୀ କି ଚେୟାରରୁ ସମଦ୍ ଖାଁ ତାଙ୍କୁ କହିଲେ— ‘ବୁଝିଲେ ସୁଜିତବାବୁ, ମୋର କଥା ମାନନ୍ତୁ । ଏପରି ଲଣ୍ଡାପଡ଼ି ସବୁ ଚିକ୍କଣ ଭାବରେ ନ କଟେଇ ଗାଲେ ଦାଢ଼ିଟି ବଢ଼ାନ୍ତୁ, ମାତ୍ର ନିଶକୁ ରଖନ୍ତୁ । ବୁଝିଲେ, ନିଶ ହେଲା ମରଦର ଚିହ୍ନ । ନିଶଟା କାଟି ପକାଇଲେ ମଣିଷର ମରଦପଣ ରହେ ନାହିଁ, କେମିତି ଚୋଟାଏ ଜନାନା ଭାବ ଆସିଯାଏ ।’

ସୁଜିତ ଗୁପ୍ତ ସ୍କୁଲ ବାଳିକା ପରି ଫିକ୍ କରି ହସି ପକାଇଲେ । ଦେହ ଦୋହଲାଇ ଶୁଆଣି ନଇଁ କରି କହିଲେ— “ଧେତ୍ ! ଆପଣ ବଡ଼ ରହସ୍ୟ କରୁଛନ୍ତି !”

—“ଆରେ, ରହସ୍ୟ କ’ଣ ହେଲା ? ସତକଥା କହିଲେ, ରହସ୍ୟ ! ଆପଣ ତ ଆଜିଯାଏ ନିଶ ରଖିଲେ ନାହିଁ, ଆଉ-ନିଶର କରାମତି ବୁଝିବେ କାହିଁ ? ହଉଛୋ, ପାଳକଣ୍ଠ ପୁରାଣରେ ଜନ୍ମ

ହୋଇ କିଣିବୁ କହୁଛନ୍ତି ? ଓଡ଼ିଶାରେ ଏହି ଜାତି ଆନ୍ଦୋଳନ କି ରୂପ ଧରିଥିଲା ତାହା କ'ଣ ଆପଣ ଜାଣନ୍ତି ନାହିଁ ? କାହିଁକି ଏଭଳି ଆନ୍ଦୋଳନ ହୋଇଥିଲା ? ଆପଣମାନଙ୍କପରି କେତେକ ମଣୁଷଙ୍କ ମନର ସ୍ୱାର୍ଥ ଚରିତାର୍ଥ କରିବା ଲାଗି, ବୁଝିଲେ !”

ସୁଜାତ ବାବୁଙ୍କର ସନ୍ଦେଶ ଶୁଣି, ଅପର ଚନ୍ଦନା ପାଙ୍କରେ ଡାକଡ଼ାକ ଲୁହାଣି ଚୋକ ସମଦ୍ ଖାଁଙ୍କ ମୁହଁ ଖୁସି ଦୃଷ୍ଟି ନତ କଲେ । ସମଦ୍ ଖାଁ ଖୁସି ଅଧିକ ଉତ୍ସାହ ସହିତ କହିଲେ— “ସମ୍ଭବନ୍ତି କ'ଣ ମ ? ଜାତିର ଉନ୍ନତି ଆପଣ ବୁଝିବେ ନାହିଁ ? ଜାତି ଆନ୍ଦୋଳନ ଖାତିରରେ ମୁଁ ଆପଣଙ୍କୁ ଜାତି ରଖିବାକୁ କହୁ ନାହିଁ । ଜାତିର ଉନ୍ନତି ଖାତିରରେ ରଖିବାକୁ କହୁଛି ! ଶୁଣନ୍ତୁ, ଜାତିର ଯେପରି ଉନ୍ନତି ଅଛି, ଜାତିଆର ସେଥି ସେମିତି ଉନ୍ନତ ରହିଛି । ଜାତିର ଯେପରି ଗୋଟାଏ Personality ଅଛି, ଜାତି ଉଦ୍ଧାରର ବି ସେହିପରି Personality ରହିବ । ଜାତି ପାଇଁ ଜାତିଆର ମର୍ଯ୍ୟାଦା । ନଚେତ୍ ପଶିଯିବ ମରଣ ଧାରିଆର କର୍ତ୍ତାଙ୍କର ଦାମ ନାହିଁ । ଆଉ ଗୋଟାଏ ଗୋପନୀୟ କଥା ଆପଣଙ୍କୁ କହି ରଖୁଛି; ଶୁଣନ୍ତୁ । ଦରକାର ବେଳରେ ବହୁ କାମରେ ଲାଗିବ ।”

ସମଦ୍ ଖାଁ ସେହି ଗୋପନୀୟ ଉପଦେଶଟି ପ୍ରକାଶ କରିବା ପାଇଁ ଟିକିଏ ନୀରବ ହେଲେ । ସୁଜାତ ବାବୁ ଉତ୍ସୁକ ଦୃଷ୍ଟିରେ ମୁହଁ ଉଠାଇଲେ—“କଣ ଗୋପନୀୟ କଥା ?”

ସମଦ୍ ଖାଁ ଗମ୍ଭୀର ସ୍ୱରରେ ଧୀରେ ଧୀରେ କହିଲେ— ‘ହଁ, ଗୋପନୀୟ କଥା । ଏହି ଜମିଦାର ଜାତିଟା ଖାଲି ଜାତିର କଦର କରନ୍ତି । ଜାତିଆମାନଙ୍କୁ ଖାଲି ସୋହାଗରେ ରଖନ୍ତି । କହିବେ ନାହିଁ କାହିଁକି ଲୁଚନ୍ତୁ ? ଜାଣି ହେଲେ ମଜାଦାର ଖେଳ ।

ନିଶ ଯାହାର ଅଛି ସେ ବଡ଼ା ମରଦ । ନବାବମାନେ ମରଦଙ୍କୁ ମୋହବତ୍, ପ୍ୟାର କରିବେ ନାହିଁ ତ ଆଉ କରିବେ କ'ଣ ଏହି ମାଶ୍ନା, ନା-ମରଦ୍ ମାଇକିନିଆମାନଙ୍କୁ ? ସେଇଥିପାଇଁ କହୁଛି, ଆପଣ ଏଣିକି ନିଶ ରଖି ଦିଅନ୍ତୁ ।

ସମଦ୍ ଖାଁ ନାସ-ମନସୁର ସମ୍ବନ୍ଧରେ ଆଉ ଅଧିକ କିଛି କହିବା ଶୁଣାଇ ଥାଆନ୍ତେ, ମାତ୍ର ଠିକ୍ ସେତିକିବେଳେ ଆକାଶରୁ ଛିଟିକି ପଡ଼ି ଆସି ବଧୂଭୂଷଣ ସେଠାରେ ହଠାତ୍ ପାଇଁ ଉପସ୍ଥିତ କଲେ । ହାତରେ ତାଙ୍କର ଖଣ୍ଡେ ଗୋଲାପୀ ରଙ୍ଗର ଲଫାପା । ଉପରେ Forget me not ପୁଷ୍ପଗୁଚ୍ଛର ଜମକଣୁ ଛବି । ବଧୂଭୂଷଣ ସୁଜିତ ରାଉତଙ୍କୁ ଅନୁନୟ ସ୍ୱରରେ କହିଲେ—"ସୁଜିତ ବାବୁ ! ଆପଣଙ୍କ ଅପ୍ରିୟ ଚିଠା ବାବତରେ ମୁକ୍ତାର ମନମୋହନ ସେନାପତିଙ୍କ ଘର ଗଲି । କିନ୍ତୁ ଅନୁଗ୍ରହ କରି ଏ ଚିଠି ଖଣ୍ଡିକ ତାଙ୍କର ବଡ଼ ଝିଅ ଲାବଣ୍ୟ ଦେବଙ୍କ ହାତରେ ଦେଇ ଦେଲେ ବଡ଼ ଉପକୃତ ହୁଅନ୍ତି । ଖାସ ଜରୁର ଚିଠି । ମୋର ଏଣେ ଅନ୍ୟ ସ୍ଥାନରେ ବଡ଼ ଜରୁରୀ କାର୍ଯ୍ୟ ଅଛି, ତେଣୁ ତାଙ୍କ ଘରକୁ ଯିବାର ଅବସର ପାଉନାହିଁ ।"

ସମଦ୍ ଖାଁ ଚେଁକାରି ଉଠିଲେ—"ମୁଁ ଶଳାର ଏହି ବେପାର ଚଳାଉଛି ? ଲାବଣ୍ୟ ଦେବୀ, କୁସୁମ ଦେବୀ, ସୁଚେତା ଦେବୀ ଖାଲି—ତୋର ଦେବୀ କିଏ । ଦେବୀମାନଙ୍କ ଦାଢ଼ିଆ ବାଳ ବାଳ ଏଥର ଦେବତା ଖାଲିଟି ଯିବୁ ହେ !"

ବଧୂଭୂଷଣ ଏ ଧରଣର କଥା ଉପହାସରେ ସାଧାରଣତଃ ଚିଡ଼ନ୍ତି ନାହିଁ । ମାତ୍ର ସୁଜିତ ରାଉତ ସମ୍ମୁଖରେ ହାଣ୍ଡି ଭାଙ୍ଗି ସମଦ୍ ଖାଁ କଥାଟା ପ୍ରକାଶ କରିଥିବାରୁ ବଧୂବାବୁ ନିଜକୁ ଅପମାନିତ

ମନେ କରି ହସି ଉଠିଲେ—"ଦେଖ୍ ସମଦ୍ । ସବୁବେଳେ ଚୋର ଥିଲା, ଚରିତ୍ରାସ୍ ଭଲ ହୁଏ ନାହିଁ ।"

ସମଦ୍ ଖାଁ ମଧ୍ୟ ଉତ୍ତରିବା ପାତ୍ର ନୁହନ୍ତି । କହିଲେ—"ନା, ତା' କେମିତି ଲାଗିବ ? ମୁଁ ତ ଆଉ ଲାବଣ୍ୟ ଦେବୀ ନୁହେଁ । ଶଳା, ଚେହେରା ତ ପାଇଛୁ, ଯାହା କହନ୍ତି—ଅଖା ନଡ଼ି ବାଡ଼ ବାଉଁଶ ଗଣ୍ଠି, ସେଥିରେ ପୁଣି ବାବୁ ମୋହିବାକୁ କହୁଛନ୍ତି ଅଧ ଉରଜନ ଭଉଣୀଙ୍କୁ । ଶଳା ସେ ଉଭୟଙ୍କୁ ବି ସରମ ନାହିଁ, ଭଲେ ଭୁ ସଭମ ନାହିଁ ।"

ସମଦ୍ ଖାଁ ମୁହଁରେ ବାଡ଼ବଡ଼ା ନଥାଏ । ଖାଲିରେ ପଡ଼ୁ ଠିପରେ ପଡ଼ୁ ତା' ମନକୁ ଯାହା ଆସିଲା କହି ପକାଇବ । ଏକେତ କମ୍ୟୁନିଷ୍ଟ୍ ନେତ୍ରୀର ପୁଅ, ବିଶ୍ୱପୁରେ ପୁସ୍ତକ ବ୍ୟବସାୟୀ, ତେଣୁ ଉଇସାବାଲା । ବାଟେଲରେ ନେସିର୍ ଅନାହାସୀ ଜ୍ଞାନଗଣ ସିଦ୍ଧହସ୍ତ ଅଥଚ ସିନେମା ଦେଖି କଲେଜ ଦରମା ନ ଦେଇ ପାରିଲେ ସମଦ୍ ଖାଁ ପାଖରେ ହାତ ପତାନ୍ତି । ଏଥିରୁ ମୁଲେ ସମଦ୍ ଖାଁଙ୍କୁ ସମସ୍ତେ ଖାତିର୍ କରି ଚଳିବା ନିହାତି ସ୍ୱାଭାବିକ । ତେଣୁ ବିଧୁଭୂଷଣ ଆଉ ବିଶେଷ ତର୍କ ତାଙ୍କ ସହିତ ନକରି ସୁଜିତ ସୁଜିତଙ୍କ ଉଦ୍ଦେଶ୍ୟରେ ଗୋଟିଏ ବଢ଼ାଇ ଦେଇ କହିଲେ—"କେବେବ ଗୋଟିଏ—?"

ଲାବଣ୍ୟ ଦେବୀ ଜଣେ ମହିଳା, ସେ ପୁଣି କଲେଜ ଛାତ୍ରୀ । ତାଙ୍କ ସମ୍ମୁଖକୁ ଚିଠି ଦେଇ ଯିବା କଥା ସୁଜିତ ସୁଜିତଙ୍କ ପକ୍ଷରେ ଅତିକ୍ରମସୁ ବ୍ୟାପାର । ମେଣ୍ଢା ଶାବକକୁ ଶ୍ୱାପଦ ସମ୍ମୁଖକୁ ଠେଲି ଦେବା ତଥା ଦୁର୍ବଳ ସୁଜିତଙ୍କୁ ଲାବଣ୍ୟ ଦେବୀଙ୍କ ପାଖକୁ ପଠାଇବା ଏକା କଥା । ଅନ୍ୟ ସମସ୍ତେ ହୋଇଥିଲେ ସେ ଗୋଟାଏ ମିଥ୍ୟା କାରଣ ଦର୍ଶାଇ ଏହି ବାହକର କାର୍ଯ୍ୟ କରିବା ହାତରୁ ନିଜର ଅସାମର୍ଥ୍ୟତା

ପ୍ରକାଶ କରି ଥାଆନ୍ତି । ମାତ୍ର ଆଜି ସହସା ସମଦ୍ ଖାଁଙ୍କ ବନ୍ଧୁତାର ପ୍ରତିକ୍ରିୟା ତାଙ୍କ ନୈତିକ ଦୁର୍ବଳତାକୁ ଆଘାତ କରିଛି । ତାଙ୍କ ଭିତରେ ଲୁପ୍ତପ୍ରାୟ ପୌରୁଷ ଅତି ହଠାତ୍ ଜାଗି ଉଠିଛି । ବିଶେଷତଃ ସମଦ୍ ଖାଁଙ୍କ ମାସ୍ତୁନା, ନାମରଦ ଓ ମାଇଚିଆ ପ୍ରଭୃତି ବିଶେଷଣ ପ୍ରକାରାନ୍ତରେ ତାଙ୍କରି ପ୍ରତି ପ୍ରୟୋଗ କରାଯାଇଛି ଯାହା ସେ ମନେ ମନେ ଆଘାତ ପାଉଥିଲେ । ତେଣୁ ଆଜି ଆଉ ବାଘ ସମ୍ମୁଖକୁ ଯିବାକୁ ବିଶେଷତଃ ସମଦ୍ ଖାଁଙ୍କ ସମ୍ମୁଖରେ ଅସମ୍ମତି ପ୍ରକାଶ କରିବାର ସାହସ ତାଙ୍କର ନଥିଲା । ସେ ବଧୂଭୂଷଣଙ୍କ ହାତରୁ ଚିଠିଟି ଗ୍ରହଣ କରି କହିଲେ—"ଦିଅନ୍ତୁ, ଯଥା ସ୍ଥାନରେ ପହଞ୍ଚାଇ ଦେବି ।"

—"ଧନ୍ୟବାଦ ! ଏକ ବଡ଼ ବିପଦରୁ ଉଦ୍ଧାର କଲେ ।" କହି ବଧୂଭୂଷଣ ତଳକୁ ଓହ୍ଲାଇ ଗଲେ ।

ସୂଜିତ ଘରର ଲାବଣ୍ୟ ଦେବୀଙ୍କୁ ହସ୍ତରେ ଚିଠିଟି ଦେବା ପୂର୍ବରୁ ଲାବଣ୍ୟ ଦେବୀଙ୍କ ପରିଚୟ ଟିକିଏ ଜାଣି ରଖନ୍ତୁ । ମୁକ୍ତାର ମଦନମୋହନ ସେନାପତିଙ୍କ ଜ୍ୟେଷ୍ଠା କନ୍ୟା ଲାବଣ୍ୟ ଦେବୀ । ତାଙ୍କ ତଳେ ଆଉ ଗୋଟିଏ ଭଉଣୀ ଓ ଦୁଇଟି ଛୋଟ ଛୋଟ ଭାଇ ଅଛନ୍ତି । ମା' ପାଞ୍ଚବର୍ଷ ତଳେ ମରି ଯାଇଛନ୍ତି । ମଦନମୋହନ ବାବୁ ବୟସ ଓ ମନ ଉଭୟରେ ବୃଦ୍ଧ ହେଲେଣି । ସେ ତାଙ୍କର କଚେରି ଓ ମହକିଲ୍ ନେଇ ଥାଆନ୍ତି । ସଂସାରର କୌଣସି କଥା ପ୍ରତି ତାଙ୍କର ଦୃଷ୍ଟି ଦେବାକୁ ଅବସର ବି ନାହିଁ, ଇଚ୍ଛା ବି ନାହିଁ । ତେଣୁ ଲାବଣ୍ୟ ଦେବୀ ସଂସାରର କର୍ତ୍ତ୍ରୀ ହୋଇଛନ୍ତି । ଭାଇ ଭଉଣୀ ସକଳ ସୁବିଧା, ଚଳ ଅଚଳ ସମସ୍ତେ ତାଙ୍କରି ଆଦେଶ ଓ ଉପଦେଶ ମାନି ଚଳନ୍ତି ।

ଲାବଣ୍ୟ ଦେବୀ ମାଟ୍ରିକ୍ ପାଶ କରି ଊନେଇଶ ବର୍ଷ ବୟସରେ ଜଣେ ଉକିଲଙ୍କୁ ବିବାହ କରିଥିଲେ । ବିବାହିତ ଜୀବନରେ ସେ ଗୋଟିଏ ପୁତ୍ର ସନ୍ତାନର ମା' ହୋଇଥିଲେ । ମାତ୍ର ବିବାହିତ ଜୀବନକୁ ସେ ସୁଖକର ମଣିଲେ ନାହିଁ । ଉକିଲ ସ୍ୱାମୀ ସକାଳେ ଓ ସନ୍ଧ୍ୟାରେ, ଏପରିକି ରାତି ବାରଟା ପର୍ଯ୍ୟନ୍ତ ମହକିଲ୍ ସହିତ ପ୍ରେମାଳାପ କଲେ । ଦିନସାରା କଚେରୀରେ ରହିଲେ । ଶିକ୍ଷିତା ପ୍ରେମ କାଙ୍ଗାଳିନୀ ଲାବଣ୍ୟ ଦେବୀଙ୍କ ବୟସ ଓ ରୂପଲାବଣ୍ୟ ପ୍ରତି ଦୃଷ୍ଟି ଦେବାର ଅବସର ତାଙ୍କର ନଥାଏ । ଟିକିଏ ସିନେମା ଥିଏଟର ଦେଖା, ଟିକିଏ ପ୍ରଦର୍ଶନୀ ଦେଖା କମ୍ବା ଥରେ ଫୁଟବଲ ମ୍ୟାଚ ଦେଖା, କିଛି ତାଙ୍କ ଭାଗ୍ୟରେ ଘଟିଲା ନାହିଁ । ସତ କହିବାକୁ ଗଲେ, ଲାବଣ୍ୟ ଦେବୀଙ୍କ ପ୍ରଥମ ଯୌବନର ଉଦ୍ଦାମ ବାସନା, ଅଶେଷ ତୃଷା ତୃପ୍ତି ଲାଭ କରିନାହିଁ । ତେଣୁ ଶେଷରେ ଲାବଣୀ ଦେବୀ ବିଦ୍ରୋହିଣୀ ହେଲେ ।

ଦିନେ ହଠାତ୍ ଦେଶରେ ଜଣେ ବଡ଼ ନେତାଙ୍କର ଶବଯାତ୍ରା ଘଟିବାରୁ କଚେରୀ ଗୋଟାକବେଳେ ବନ୍ଦ ହୋଇଗଲା । ଲାବଣ୍ୟ ଦେବୀଙ୍କ ସ୍ୱାମୀ ସେଦିନ ଦ୍ୱିପ୍ରହରବେଳେ ଗୃହକୁ ବାହୁଡ଼ି ଅତି ଅପ୍ରତ୍ୟାଶିତ ଭାବରେ ନିଜର ସ୍ତ୍ରୀଙ୍କୁ ଏକ ଅପରିଚିତ ଯୁବକ ସହିତ ନିଜର ଶଯ୍ୟା ଉପରେ ଅତି ଅବାଞ୍ଛିତ ଅବସ୍ଥାରେ ଦେଖିଲେ । ତା'ପରର ଘଟଣା ଉକିଲ ସ୍ୱାମୀ ଅତି ସହଜ ଭାବରେ ଭୁଲିଯିବାକୁ ସମର୍ଥ ହୋଇଥିଲେ ।

ସେହି ଦିନଠାରୁ ସ୍ୱାମୀ—ପୁତ୍ର—ପରିତ୍ୟକ୍ତା ହୋଇ ଲାବଣ୍ୟ ଦେବୀ ପିତୃଗୃହରେ କର୍ତ୍ତ୍ରୀ ସାଜିଛନ୍ତି । ବୟସ ବର୍ତ୍ତମାନ ପଚିଶି ହେଲାଣି । ବି.ଏ. ଟା ପାଶ କରି ଶିକ୍ଷୟିତ୍ରୀ ଜୀବିକା ଗ୍ରହଣ କରିବାକୁ ମନସ୍ଥ କରିଛନ୍ତି । ତେଣୁ ପୁଣି କଲେଜରେ ନାମ ଲେଖାଇ

ବର୍ତ୍ତମାନ ହେଡକ୍ଲର୍କ ଆସନରେ ଅଛନ୍ତି । ବିଧୁଭୂଷଣ ତାଙ୍କଠୁ ବୋଧହୁଏ ବର୍ଷେ ଦୁଇ ବର୍ଷ ଜୁନିଅର ହେବେ । ଉଭୟ କ୍ଲାସମେଟ — ସହପାଠୀ । ଗୁଣୀକୁ ଗୁଣୀ ଚିହ୍ନିଲା ପରି ପ୍ରେମିକ ବିଧୁଭୂଷଣ ଓ ପ୍ରେମିକା ଲାବଣ୍ୟଦେବୀଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ଅନୁକମ୍ପା ସେହି ପ୍ରଥମ ଶୁଭଦୃଷ୍ଟିର ମିଳନଠାରୁ ଜମିଛି ।

ଯାହାହେଉ, ସେ ସବୁ ପରବର୍ତ୍ତୀ ବିଶେଷ ଲଜ୍ଜାଜନକ ନୁହେଁ । ଆମର ବାଟଲଗ୍ରାମ ଦେଶର ଉଚ୍ଚବଂଶଜ, ଲାଜ ଶରମର ଗନ୍ତାଘର ଶ୍ରୀମାନ୍ ସୁଜିତ ରାଉତଙ୍କ ଆଖିକୁ ଫେରି ଚାଲନ୍ତୁ । ସୁଜିତ ରାଉତ ଅଫିସ ଯିବା ବାଟରେ ପକେଟରେ ବିଧୁଭୂଷଣଙ୍କ ଚିଠି ଧରି ବଡ଼ ଚିନ୍ତାଗ୍ରସ୍ତ ଚିତ୍ତରେ ଅଗ୍ରସର ହେଉଛନ୍ତି । ସତ କହିବାକୁ ଗଲେ, ଆଜ ତାଙ୍କର ଅଫିସ ଯିବାର ଉତ୍ସାହ ଏତେ ଟିକିଏ ନାହିଁ । ଆଜି ଅନ୍ତତଃ କାଜୁଆଲ ଛୁଟି ନେଇଥିଲେ ଚଳି ଥାଆନ୍ତା । ସମଦର୍ଶୀ ସମ୍ମୁଖରେ ନିଜର ପୌରୁଷ ଦେଖାଇବା ଲାଗି ଚିଠିଟା ଯିବା ବେଳେ ପକେଟସ୍ଥ କରିଥିଲେ, ମାତ୍ର ଚିଠିଟି ଯଥା ସ୍ଥାନରେ ପହଞ୍ଚାଇବାକୁ ଯାଇ ସେ ମନେ ମନେ ଶଙ୍କୁଛନ୍ତି ସେ ସେ ଗୋଟାଏ ଗର୍ହିତ କାର୍ଯ୍ୟ କରି ପକାଉଛନ୍ତି । ଚିଠିଟି ନ ଆଣିଥିଲେ ଭଲ ହୋଇ ଥାଆନ୍ତା ସତ !

ସୁଜିତ ରାଉତ ମୁହୁର୍ମୁହୁ ଗାଧୁଆ ଘରକୁ ଯିବାର ଆବଶ୍ୟକତା ଅନୁଭବ କରୁଛନ୍ତି । ମାତ୍ର କି ମୁସ୍କିଲ, କଟକ ସହରର ରାସ୍ତା ଘାଟରେ କୌଣସି ଗାଧୁଆ ଘର ନାହିଁ । ପୁଣି ବେଶି ଉପରେ କୋରଡ଼ା ପରି, ସହରରେ ଗାଈ ଆଉଜ ଅଛି । ଘଞ୍ଜ କଣରେ, ଦେବାଲ କଡ଼ରେ କମ୍ପା ପାଚେରି ତଳେ ବସି ପଡ଼ିବାର ଉପାୟ ନାହିଁ । କି ମୁସ୍କିଲ କଥା । କାହିଁକି ସେ ବିଧୁ-ଭୂଷଣଙ୍କ ଚିଠି ଆଣିଲେ ? ନିଜର ପୌରୁଷ, ମହତ ପ୍ରଶଂସା

ଦେଖାଇବା ପାଇଁ ଯୌବନର ବସନ୍ତ ସମସ୍ତ ବାଜି ଉଠୁଛି, ଆଜି ବସନ୍ତ ନ ଦେଖାଇଲେ କଣ ଚଳେ ନ ଆଜ୍ଞା ? ସୁଜିତ୍ ରଞ୍ଜନ ମନେ ମନେ ଖୁବ ଆନନ୍ଦିତ ହେଉଥିଲେ ସେ ସେ ଲାବଣ୍ୟ ରାଣୀଙ୍କୁ ଚିନିବେ ନାହିଁ । ଭାବି ଦେବାକୁ ମନେ ପଡ଼ିଲା ନାହିଁ କିନ୍ତୁ ବଧୂ-ଭୂଷଣଙ୍କଠାରୁ କ୍ଷମା ମାଗି ନେବେ । ମାଁ ଏଥର ଜନ୍ମଦିନ ଭାବି ପହଞ୍ଚିଲ ଦେବାର ବାସ୍ତବିକ୍ ହେଉଛିବେଳେ ନେଉଛନ୍ତି ।

ଶେଷରେ ବଡ଼ ଅଭଳା ସତ୍ତ୍ୱ, ଯୁବ ଧଇଁସଇଁକୁ ହାତ ପାଦୁଲରେ ମାଡ଼ି ବସି ଆଉ ଗାଧୁଆଘର ଯିବାର ଆବଶ୍ୟକତାକୁ ପ୍ରାଣପଣେ ସମ୍ଭାଳି କରି ସୁଜିତ ରଞ୍ଜନ ଲାବଣ୍ୟ ଦେବୀଙ୍କ ଘରେ ପହଞ୍ଚିଲେ । ଫାଟକ ଖୋଲି ଖୁବ ସାହସ ସଞ୍ଚୟ କରି ଅଗଣାରେ ଆସି ଛିଡ଼ା ହେଲେ । ତା' ପରେ ଧୀରେ ଧୀରେ କମ୍ପିତ କୋମଳ କଣ୍ଠରେ ଦୁଇଥର ସୁଟ୍ୟାଶ୍ରେ ସୁଟ୍ୟାଶ୍ରେ ବୋଲି ଡାକିଲେ । ସହସା ଲାବଣ୍ୟ ଦେବୀ ପରଦା ଠେଲି ଆସି ସୁଜିତ ରଞ୍ଜନଙ୍କ ସମ୍ମୁଖରେ ବିସ୍ମୟ ଦୃଷ୍ଟିରେ ଚାହିଁଲେ !

ଉଃ, ସବୁ କଥା ଓଲଟିଗଲା । ସୁଜିତ ରଞ୍ଜନଙ୍କ ଗୋଡ଼ଆଡ଼ୁ ଝିମ ଝିମ ହେଇ ଆସିଲାଣି । ଦେହ ଗୋଟି ପଡ଼େଣି ଥରିଲାଣି । ସେକୁ ମାଘ ମାସର ଶୀତ ସକାଳରେ ସୁଦ୍ଧା ତାଙ୍କ ବେଣ୍ଟ ଓ ଗଞ୍ଜିର-ବେଣ୍ଟର ତଳେ ଝାଳରେ ଜୁଡ଼ୁବୁଡ଼ୁ ହେଲାଣି । ବହୁ ଚେଷ୍ଟା କରି ସୁଦ୍ଧା ଦୃଷ୍ଟି ଆଉ ଊର୍ଦ୍ଧ୍ୱମୁଖୀ ହେଉନାହିଁ, ତାହା ଲାବଣ୍ୟ ଦେବୀଙ୍କ ପଦ ପଙ୍କଜରେ ନିବଦ୍ଧ ରହିଛି । ବଡନାରୀ ସଲ୍ଲଜ ଭଙ୍ଗୀରେ ନମସ୍କାରଟାଏ ଅସ୍ଫୁଟ ସ୍ୱରରେ ଜଣାଇ ସୁଜିତ ରଞ୍ଜନ କମ୍ପିତ ହସ୍ତରେ ଭାଁଡି ଖଣ୍ଡି ବଢ଼ାଇ ଦେଲେ । ଲାବଣ୍ୟ ଦେବୀ ଭାବି ପଢ଼ି ସାରି କହିଲେ—'ଓ, ବଧୂବାବୁ ନେଉଛନ୍ତି । ଆପଣ ବସନ୍ତୁ

ନା ! ଆପଣ କଣ କାଙ୍କର ମେସରେ ଥାଆନ୍ତି !' ଲାବଣ୍ୟ ସୁଜିତ ଷଣ୍ଢଙ୍କ ଉଦ୍ଦେଶ୍ୟରେ ଖଣ୍ଡେ ଚୌକି ଠେଲି ଦେଲେ ।

ସୁଜିତ ଷଣ୍ଢ ସେହିପରି କଳକୁ ଦୃଷ୍ଟି କରି କଟେଶାସ୍ତ ବଧୂ ପରି ଲଜ ଗଇ ଗଇ ହୋଇ କହିଲେ—'ନାହିଁ ନାହିଁ, ବସି ପାରିବ ନାହିଁ, ଅଫିସ ସମୟ ହେଲାଣି ।'

ଲାବଣ୍ୟ ଦେବୀ କ'ଣ ଭାବି ଟିକଏ ଅନ୍ୟମନସ୍କ ହୋଇ ପଡ଼ିଥିଲେ ମାତ୍ର ହଠାତ୍ ସୁଜିତ ଷଣ୍ଢଙ୍କ ନାରୀସୁଲଭ ମୃଦୁତା ଆଉ କଟେଶାସ୍ତ୍ରସୁଲଭ ଲଜ ଦେଖି ଫିକ କରି ହସି ପକାଇ ତାଙ୍କୁ ଚାହିଁଲେ । କହିଲେ—'ଅଫିସ ସମୟ ଆହୁରି ପନ୍ଦର ମିନିଟ ବାକି ଅଛି । ଟିକଏ ବସନ୍ତୁ, ଚା ଖାଇ ଯିବେ । ଆପଣ ବଧୂବାବୁଙ୍କ ବନ୍ଧୁ, [illegible] ଆପଣଙ୍କୁ ଚା ଖୁଆଇ ନ ପାରିଲେ ବଧୂବାବୁ ଅପମାନିତ ବୋଧ କରିବେ ।'

ଲାବଣ୍ୟ ଦେବୀଙ୍କ ସହଜ ସରଳ କଥା କହିବା ଭଙ୍ଗୀ ଦେଖି ସୁଜିତ ଷଣ୍ଢ ଆହୁରି ବିପଦରେ ପଡ଼ିଲେ । ସେ ଯଦି ଲାଜ ସଙ୍କୋଚରେ ଅଳ୍ପ କଥା କହି ଥାଆନ୍ତେ, ତା'ହେଲେ ଅବା ସୁଜିତ ଷଣ୍ଢଙ୍କ ମନରେ ଟିକଏ ବଳ ଆସି ଥାଆନ୍ତା । ମାତ୍ର ଏ କି ଉଲଟା କଥା । ଏଠାରେ ଯେପରି ଲାବଣ୍ୟ ଦେବୀ ପୁରୁଷ ଆଉ ସୁଜିତ ଷଣ୍ଢ ନାରୀ । ତଥାପି ଗଳା ଦୃଢ଼ କରିବାର ବୃଥା ଚେଷ୍ଟା କରି ସୁଜିତ ବାବୁ ବିଚଳିତ କମ୍ପିତ କଣ୍ଠରେ କହିଲେ—'ହଁ, ହଁ, ନା, ନା, ଚା' ଖାଇବ ନାହିଁ । ଅଫିସ ମୋର—ମୋର ଅଫିସ—ଫିସ—ଯିବାକୁ ହେବ ।'

ପେଟ ଭିତରୁ ଛୁଟି ଆସୁଥିବା ହସର ଜୁଆରକୁ ଲାବଣ୍ୟ ଦେବୀ ବହୁ କଷ୍ଟରେ ସଂଯତ କଲେ, ମାତ୍ର ତାଙ୍କ ଚାହାଣୀ ଓ ଭଙ୍ଗୀରେ ହସ ଦ୍ୱିଗୁଣିତ ହୋଇ ପ୍ରକାଶ ପାଇଲା । ଏହି ଲାଜୁକ

ଯୁବକଟିର ସଙ୍କୋଚ ଘୁଞ୍ଚିବା ପାଇଁ ସେ ସୁଜିତ ଗୁପ୍ତଙ୍କ ହାତ ଧରି ଚୌକିରେ ବସାଇଦେଲେ ଆଉ କହିଲେ —'ଆପଣଙ୍କୁ ବସିବାକୁ ହେବ ଆଉ ଚା' ଖାଇବାକୁ ପଡ଼ିବ ।'

ସବୁଗଲା, ସବୁ ସରିଗଲା ! ଯୁବତୀର କରପଲ୍ଲବ କୋମଳ ସ୍ପର୍ଶ ଆଉ ଅଧିକାରମୂଳକ ମଧୁର ଅଭ୍ୟର୍ଥନା ପରେ ସୁଜିତ ଗୁପ୍ତଙ୍କର ଚେତନା ଥିଲା କି ନାହିଁ ଆମେ ଜାଣୁନା, ମାତ୍ର ଲାବଣ୍ୟ ଦେବୀଙ୍କ ଘରୁ ଫେରି ସେ ଯେ ଆଉ ଅଫିସ ନ ଯାଇ ମେସକୁ ଆସି ଶୋଇ ଶୋଇ କଡ଼କାଠ ଗଣିଥିଲେ ତାହା ସମସ୍ତଙ୍କୁ ଜଣା ।

---

## —ଛୁଟି—

ରବିବାର । ଆଜି ସ୍କୁଲ, କଲେଜ, ଅଫିସ, ବଜାର ସବୁ ବନ୍ଦ । ସ୍କୁଲ କଲେଜ ଅଫିସ ପ୍ରଭୃତିକୁ ଅନୁକରଣ କରି ଦୋକାନ ବଜାର ମଧ୍ୟ ସେହି ରବିବାର ଦିନ ବନ୍ଦ ରହିବାର ତାତ୍ପର୍ଯ୍ୟ ବୁଝି ପାରୁନାହିଁ । ଅବଶ୍ୟ ଦୋକାନ ବଜାରର ବ୍ୟବସାୟୀ ତଥା କର୍ମଚାରୀମାନଙ୍କର ସପ୍ତାହରେ ଗୋଟାଏ ଦିନ ଅବସର ମିଳିବା ବାଞ୍ଛନୀୟ, ତାହା ସମସ୍ତେ ସ୍ୱୀକାର କରିବେ । ମାତ୍ର ସେହି ଅବସର ଦିନଟି କ'ଣ ଏହି ରବିବାରରେ ପାଳିତ ହେବ ? ଅଥଚ ରବିବାର ଦିନ ଦୋକାନ ବଜାର ବନ୍ଦ ରହିବା ଫଳରେ ବ୍ୟବସାୟୀ ତଥା କ୍ରେତା ଉଭୟେ କ୍ଷତିଗ୍ରସ୍ତ ହୁଅନ୍ତି ।

ତେବେ ଏ ସବୁ ଅବାନ୍ତର ଆଲୋଚନା କରିବା ଆମର ଉଦ୍ଦେଶ୍ୟ ନୁହେଁ । ଆମର କହିବା କଥା ଯେ, ଆଜି କଲେଜ,

ଅଫିସ୍ ଆଜି ବଜାର ବନ୍ଦ ଥିବାରୁ ବାଚେଲରସ୍ ମେସର୍ Complete set ଅର୍ଥାତ୍ ସମସ୍ତ ଭଦ୍ର ମେସ୍‌ରେ ମହଜୁଦ୍ ଅଛନ୍ତି । ଅନ୍ୟ ଆଜି ଦଶଟା ସମୟରେ ଅଫିସ ଓ ଦୋକାନ ଯିବାର କିମ୍ବା ସାଢ଼େ ଦଶଟାରେ କଲେଜ ଯିବାର ବ୍ୟସ୍ତତା ନବଯୁବକଙ୍କ ମଧ୍ୟରେ ଦେଖାଯାଉ ନାହିଁ । ଗୃହସ୍ଥ ଲୋକେ ଅନନ୍ତ ମଧ୍ୟ ଆଜି ଆଉ ପାକ-ଶାଳାରେ ପଶି ଅରୂପା ରୁଚକରଣୀ ଉଦ୍ଦେଶ୍ୟରେ ତୀବ୍ର ଶାଣି ଦେବାକୁ ଓ ମସଲା ବାଟି ଦେବାପାଇଁ ତାଗିଦ କରୁନାହାନ୍ତି । ଅରୂପା ବୁଢ଼ୀ ମଧ୍ୟ 'ଝୋଲାଝା କାହିଁ ହେଉଛି' କହି କୂଅ ମୂଳରେ ଆଜି ଆଉ ଶାଗଗଛ ହେଇ ବାସନ ଧୋଉ ନାହିଁ ।

ସକାଳ ଆଠଟା ବାଜିଲାଣି । ସାହେବ ତରୁଣ ଦାସ ବର୍ତ୍ତମାନ ସୁଦ୍ଧା ଶଯ୍ୟା ତ୍ୟାଗ କରିନାହାନ୍ତି । ମାଘ ମାସର କାକୁଆ ସକାଳଟାରେ ଏଭଳ ବେଳୁ ବାହାରକୁ ବାହାରି ଚେଷ୍ଟରରେ ଅଣ୍ଡା ଲଗାଇବା ଅପେକ୍ଷା ରେଜେଇ ତଳେ ଉଷ୍ମ ଉପଭୋଗ କରିବା ଶ୍ରେୟସ୍କର । ତେଣୁ ନ'ଟା ପୂର୍ବରୁ ସେ ଯେ ଆଜି ରେଜେଇ ତଳୁ ବାହାରିବେ ଏ ସମ୍ଭାବନା ନାହିଁ । ସମଦ୍ ଖାଁ ବସିଛୁ ଭିତରେ ଫୁଲବା ଉପରେ ବାଣ୍ଡୁ ବୈଠକ ମାରୁଛନ୍ତି । କୃଷ୍ଣ ଚରଣ ବାବୁ ପ୍ରାର୍ଥନା କରିବା ଉଦ୍ଦେଶ୍ୟରେ ଗିର୍ଜାକୁ ଯାଇଛନ୍ତି । ସାତେ ସୁଶ୍ରୀଫୁଟ ଉଦଳା ବଶିଷ୍ଠ ଫ୍ଟେସନ ଆଲମ ପାଇଖାନାର ରେଲିଙ୍ଗ୍‌ଟର ଉପରେ କେଶୋସ୍କାର କୂଅ ମୂଳକୁ ଯାଇଛନ୍ତି । ଦାର୍ଶନିକ ଭୂପେନ୍ଦ୍ର କୁମାର ନଳିନିଆ ତାଲ ଗାଛି ଶାଲ ଖଣ୍ଡିଏ ଦେହରେ ଘେରାଇ ବସି ବସି Victor Hugoଙ୍କ Les Miserable ପଢ଼ୁଛନ୍ତି ଆଉ କଣ ଆନନ୍ଦ ପ୍ରକାଶକୁ ନଜର ଅଭିମତ ସହିତ ଶୁଣାଉଛନ୍ତି । କେତେଣେ ଉପରେ ଲକ୍ଷ୍ମୀଶୀଳ ସୁଜାତ ଗଜୁଭ ନିଜର ସତିବାଣ୍ଟ ବସ୍ତ୍ର ଧରି ବସିଛନ୍ତି । ବାଚେଲର୍ସ ମେସର ଅନ୍ୟାନ୍ୟ ରତ୍ନଗଣ ସେମାନଙ୍କ ମୂଲ୍ୟବାନ

କାର୍ଯ୍ୟରେ ଲିପ୍ତ ଥିବା ସମୟରେ ବଧୂଭୂଷଣ ଘରେ ହାରମୋନିୟମର କର୍କଶ ବେସୁରା ସ୍ୱର ସହିତ ତାଙ୍କର ନାସା ସୁଲଭ ସରୁ ଓ କୋମଳ କଣ୍ଠରୁ ରାଗିଣୀ ଫିଟିଛି—

"ଆଜି ଏ ମଧୁର ଜୋଛନା-ନିଶୀଥେ
ତୁମ ଛବି ମନେ ଜାଗେ,
ତୁମରି ବିରହେ ଦୁଃଖ ଭରେ ମମ
ଅଶେଷ ବେଦନା ଲାଗେ"

ସହାର୍ଥ ଓ ସମଧର୍ମୀ ସୁହୃଦ୍ ଶଙ୍କର ତାଙ୍କ ସମ୍ମୁଖରେ ବସି ତାବଲାରେ ଠେକା ଦେଉଥାନ୍ତି । ହଠାତ୍ ଶୁଣିଲେ ସମଦ୍ ଖାଁ ହାସି କରି ଉଠିଲେ—"ଏତେ ସରସ ବେଦନାରେ ବାନ୍ଧିହେଲେ ତୁମ ଫାଟି ଯିବେ, ବାବା ମଜ୍ନୁ !"

ସମଦ୍ ଖାଁଙ୍କ ଟିପଣୀ ଶୁଣି ଆନନ୍ଦ ପ୍ରକାଶ କରିଏ ମୃଦୁହସ-ହସା ମାରିଲେ । ମାତ୍ର ବାଦ୍ୟ ତାଳର ବଧୂଭୂଷଣଙ୍କ କାନରେ ସେ ଟିପ୍ପଣୀ ବାଜି ନାହିଁ । ସେ ସଙ୍ଗୀତର କରୁଣ ରସରେ ଆତ୍ମବିସ୍ମୃତ ହୋଇଥାନ୍ତି । ଦୁଇ ନୟନ ମୁଦ୍ରିତ କରି, କଣ୍ଠକୁ ଯଥାସାଧ୍ୟ କୋମଳ କରି ତରଳ ପ୍ରାଣରେ ସେ ନିଜର ମାନସୀ ପ୍ରିୟତମାଙ୍କୁ ଡାକି ଚାଲିଥାନ୍ତି—ଏ ଜ୍ୟୋତ୍ସ୍ନା-ମଧୁର ଓ ବେଦନା-ଭରା-ବଧୂର ରାତିରେ ତୁମେ ଆଜି କେଉଁଠି କ'ଣ କରୁଛ ହେ ମୋର ପ୍ରାଣର ମାନସୀ ! ତାଙ୍କର ଏହି କରୁଣ ସ୍ୱେଦନର ପ୍ରତିକ୍ରିୟା ଫଳରେ ସୁଜନ୍ ସଙ୍ଗତଙ୍କ ଅଙ୍ଗୁଳି ଦୁଇଟାଧ୍ର ଢୋଲକ ଉପର ସର୍ବପ୍ରାଣ ଦେଇ ଉପରେ ଥପ୍ ଥପ୍ ହୋଇ ପଡ଼ୁଛି । ସେଇଠୁ ଯେଉଁ ଆଷାଢ଼ର ନବ ଜୀମୂତ ଭଳିରେ ନିଜର ବେଦନାସିକ୍ତ ବାର୍ତ୍ତା ପ୍ରିୟତମାଙ୍କ ପାଖକୁ ପଠାଇଥିବା ପରି ବିରହୀ ବଧୂଭୂଷଣ ମେଘ୍ ଫାଙ୍କ ଆକାଶର ଉପର ହାତରେ ତାଙ୍କ କଣ୍ଠର କରୁଣ ମୂର୍ଚ୍ଛନା ଅଦେଖା ମାନସୀ

ଉଦ୍ଦେଶ୍ୟରେ ଘଟାଇବାର ଚେଷ୍ଟା କରୁଛନ୍ତି । ଆଷାଢ଼ର ପ୍ରଥମ ବାରିଦ ଗୁରୁ ଗମ୍ଭୀର ବଜ୍ର-ନିନାଦରେ ଯକ୍ଷ-ବାର୍ତ୍ତା ବହନ କରି ନେବାର ସମ୍ଭବ ଉତ୍ସବ କଳ୍ପନାରେ ବିଧୁଭୂଷଣଙ୍କ ବାର୍ତ୍ତାବହ ସମ୍ବନ୍ଧୀ ମଣିଷ ତୁଳ୍ୟ ଧରି ବାତୋଲ୍ଲୁପ୍ତ ମେଘର ସଦୃଶ ବଚନାରେ ନାନା ଚିନ୍ତାର ଆରମ୍ଭ କରିଥିଲେ ।

ଏହି ବଜ୍ର ନିନାଦ ତୁଲ୍ୟ ଗମ୍ଭୀର ଚିତ୍କାରରେ ମେଘର ଗୁଡ଼-ଗୋଠାଣି ଫୁଲକି ଉଠିଲା ! ସମଗ୍ର ଗାଁ ପ୍ରଜା ଉପରେ ବସି ମାଛି ମାଛି ଆଖି ବନ୍ଦ ମାରିବା ଭଙ୍ଗୀରେ ଲେପଟ୍ ହୋଇ ଝଟକା-ଗଲେ । ଭୂଦେବ କୁମାର ଚେତା ବନ୍ଦ କରି ମୁହଁ ଖୋଲି ଅବସ୍ଥାରେ ବିସ୍ମିତ ଦୃଷ୍ଟିରେ ଜଗକୁ ଚାହିଁ ରହିଲେ । କବି ଆନନ୍ଦ ପ୍ରକାଶ ଏ ଚିତ୍କାରରେ ଚମକି ପଡ଼ି ବିଚଳିତ ଭଙ୍ଗୀରେ ସ୍ୱେଚ୍ଛାବଶ ଏଣେ-ତେଣେ ଶୂନ୍ୟ ଦୃଷ୍ଟିରେ ଚାହିଁ ଥିଲେ । ଦୁର୍ଗତ ଗ୍ରାହକଙ୍କ ଆଖିର ଲୁହ ସମ୍ଭବ ଶୁଖି ଗଲା । ବିଧୁଭୂଷଣଙ୍କ କଣ୍ଠର କରୁଣ ରାଗିଣୀ ଆଜି ସୁଦ୍ଧା ଶଙ୍କରଙ୍କ ଭାବନା ବୋଲି ହଠାତ୍ କ୍ଷଣ ହେଲା ପରି ବନ୍ଦ ହୋଇଗଲା । ତେଣେ ସାହେବ ବରୁଣ ବାବୁଙ୍କ ମୁଖକମଳ ଏ ବିକଟ ଚିତ୍କାରରେ ଭ୍ରୂକୁଟି ଟିକିବାରୁ ବିରକ୍ତି ପ୍ରକାଶ କରି କହି ଉଠିଲେ—"Who is that man howling like an idiot ?" ସ୍ବର୍ଣ୍ଣଶୀ ଅବୁଝା ହଠାତ୍ ଚମକି ପଡ଼ିବା ହେତୁ ତା' ହାତରୁ ବାସନ ଗୁଡ଼ାକ ଝଣ ଝଣ ନାଦ କରି କୁଅ ମୂଳରେ ଖସିପଡ଼ି ହୋଇ ପଡ଼ିଲା । ପୁଷ୍ପାର ଟୋକା ଏମିତି ଚିତ୍କାର କରି ତାକୁ ଚମକାଇଲା ମନେ କରି ସେ ତା' ଉଦ୍ଦେଶ୍ୟରେ ଗାଳି ବର୍ଷଣ କରି କହିଲା—"କାର୍ଯ୍ୟ ଖାଟିକରି ମରୁଛୁଟର ଟୋକା ?"

ମାତ୍ର ଏହି ବିକଟ ଚିତ୍କାର ସେଥିରେ ଘରେ ବସି ଗାଳି ଦେଉଥିବା ଦୁଷ୍ଟ ଟୋକା ଅବଶ୍ୟ ପଞ୍ଚାର ନୁହେଁ; ଏ ଚିତ୍କାର

କାଟେଲର୍‌ସ ମେସ୍‌ର ସଦର ଦରଜା ନିକଟରେ ଥିବା କୌଣସି ଅଦୃଶ୍ୟ ମାନବର । ତେଣୁ ସମସ୍ତେ ସଦର ଦରଜା ଉଦ୍ଦେଶ୍ୟରେ ଦୌଡ଼ିଲେ । ସମଦ୍ ଖାଁ ଲେଖକଟା ଉପରେ ଲୁଚିଥିବା ପିସ୍ତଲ, ଅନନ୍ତ ପଣ୍ଡା ତାଙ୍କ ହାତରେ ଆଜି ଭୁପେନ୍ଦ୍ର କୁମାର Les Miserable ଗ୍ରନ୍ଥ ଦସ୍ତୁରିର ଆଜ୍ଞା କରୁଣା ଦାସ ସିଦ୍ଧି ପୋଷାକରେ ଅସ୍ତ୍ରବସ୍ତ୍ର ହୋଇ ଧାଇଁ ଆସି ସଦର ଦରଜା ପାଖରେ ପହଞ୍ଚିଲେ । ମାତ୍ର ଦରଜା ଖୋଲିବ କିଏ ? ଦରଜା ଖୋଲି କୌଣସି ଅପ୍ରତ୍ୟାଶିତ, ଅବାଞ୍ଛିତ ବିପଦର ପ୍ରଥମ ଧକ୍କା ନିଜ ମୁଣ୍ଡରେ ସହିବାକୁ କେହି ପ୍ରସ୍ତୁତ ନୁହନ୍ତି । ତେଣୁ ସମସ୍ତେ ପରସ୍ପରକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇ ଥାଆନ୍ତି କେବଳ । ଶେଷରେ ସମଦ୍ ଖାଁ ତାଙ୍କର ପଇଁତାଳିଶ ଇଞ୍ଚ ଛୁରି ପ୍ରମାଣ ଆଗେଇ ଆସି କହିଲେ—"ହଟିଯାଅ ସାମନାରୁ; ଯେତେ ସବୁ କାମଚୋର୍ । ଉଠ ମୁଁ ଦରଜା ଖୋଲିବି ।"

ସଦର ଦରଜା ଖୋଲିବା ପରେ ଯେଉଁ ଦୃଶ୍ୟ ଆଖିରେ ପଡ଼ିଲା, ସେଥିରେ ପଇଁତାଳିଶି ଇଞ୍ଚ ଛୁରି ବାହିର୍ ସମଦ୍ ଖାଁ ମଧ୍ୟ ସହସା ଚମକି ଉଠି ଦୁଇପାଦ ପଛକୁ ହଟି ଆସିଲେ । ମେସ୍‌ର ଅନ୍ୟାନ୍ୟ ଲୋକ ତ ଦୂର ! ସମସ୍ତେ ବିବର୍ଣ୍ଣ ମଳିନ ମୁଖ, ବିସ୍ମୟ ବିସ୍ଫାରିତ ନୟନ ଆଉ ଅଜାଣତ ଆଶଙ୍କା ବିହ୍ୱଳିତ ଚିତ୍ତରେ ସେହି ଦୃଶ୍ୟକୁ ମୂକପରି ଦେଖିଲେ ଗୁଡ଼ାଏ ରହିଗଲେ । ଅନନ୍ତ ପଣ୍ଡାଙ୍କୁ ପଇସା ଦେଖାଇବାକୁ ଦେଇ ଗାଁଧୁଆ ଘରକୁ ପଳାଇଗଲେ । କେତେଭୁଷଣ ଧାଉଁ ଆସୁ ଆସୁ ସହସା ସମ୍ମୁଖରେ ଏ ଲୋକଙ୍କର ଦୃଶ୍ୟ ଦେଖି କେଉଁଠି ପାଇଁ ନିଜ କୋଠରୀରେ ପଶି ଭିତରୁ ବନ୍ଦ କରିଦେଲେ ।

ମେସ୍ ସଂଲଗ୍ନ ଏକ ସ୍କୁଲଘର ବାରିପଟ ମଝିର ଡ୍ରାଇଭର ବୁଣିବାକୁ ରଜନୀ ହାତରେ ଗୋଟାଏ ମୂନିଆ କାଇଁଶର ଚେଙ୍ଗା

ଧରି ସବୁଠି ଦରକାରରେ ଲୁଣ୍ଠା ହେଉଛି । ଏମନ୍ତ ଘରି ବା'ର ଲମ୍ବୁଙ୍କର ରୂପ, କବାଟ଼ିଲ ପରି ଭଲ୍ଲୁକବର୍ଣ୍ଣର ତଣ୍ଟାକାର ଦେହ ସନ୍ଦୋହଭରି ମଇଳା ବାଇଁଶର ଚୋକା ସମ୍ବଳିତ ତା'ର ଏହି ଅସ୍ବାଭାବିକ ଅବସ୍ଥା ସନ୍ଦର୍ଶନରେ ଯେ କୌଣସି ସୁସ୍ଥ ଦକ୍ଷିଲ ବ୍ୟକ୍ତି ଯେ ସହସା ଭୟ ପାଇବ, ଏଥିରେ ସନ୍ଦେହ ନାହିଁ । ତା'ଛଡ଼ା ମୁହିଁରୁ ତା'ର ଅଲକ୍ଷଣ ଭାଡ଼ିର ଗନ୍ଧ ବାହାରି ପରିସ୍ଥି-ଟୀକୁ ଆହୁରି ଉତ୍କଟ କରି ତୋଳୁଛି ।

ଏହି ଗୁଣନିଧି ସୁପୁତ୍ର କଣ୍ଟ୍ରାକ୍ଟର ଦେଶୁଥିବା ମିସ୍ତ୍ରିଙ୍କର ଟ୍ରକ୍ ଚଲାଏ । ମାସକୁ ପଚିଶ ଟଙ୍କା ଦରମା ପାଏ । ଗତ ପାଞ୍ଚବର୍ଷ ଧରି ଏହି ଉତ୍କଳିଆ ଗଳିର ଖଣ୍ଡିଏ ଘରକୋଠରିରେ ମାସକୁ ପାଞ୍ଚଟଙ୍କା ଭଡ଼ାରେ ସେ ତା'ର ସ୍ତ୍ରୀ ଓ ପିଲାମାନଙ୍କୁ ଧରି ରହେ । ବୟସ ବୋଧହୁଏ ଚାଳିଶି ହେବ । ସ୍ତ୍ରୀର ବୟସ ତିରିଶ ବା ତା'ଠୁ ପାଖାପାଖି । ଛଅଟି ସନ୍ତାନ । ବଡ଼ଟିର ବୟସ ଦଶବର୍ଷ ହେବ । ଗୁଣ ସୁପୁତ୍ର ପ୍ରତ୍ୟହ ସକାଳ ସାତଟା ପାଞ୍ଚଟାରେ ଘରୁ ବାହାରିଯାଏ । ମାଲିକ ଘରୁ ଟ୍ରକ୍ ବାହାର କରି କାର୍ଯ୍ୟ ସ୍ଥଳକୁ ଯାଏ । ଦିନ ଦୋଟାକ ବେଳେ ଟ୍ରକ୍ ସଙ୍ଗରେ ଦେଇ ଘରକୁ ଆସେ ଆଉ ଚିଅଁଡ଼ିଆ ଖାଇ ଭୁଲଟା ବେଳକୁ ବାହାରିଯାଏ । ପୁଣି ଘରକୁ ଫେରେ ରାତି ନ'ଟାବେଳେ ମଦ ନିଶାରେ ଟଳି ଟଳି । ଘର ଆଗରେ ବସି ମଦ ନିଶାରେ ପାଟିକୁ କଣ୍ଠ ଅସୁଆର ଲାଗିଲେ ଖରେ ଖଣ୍ଡେ ତା' ସ୍ତ୍ରୀକୁ ମାରେ ନଟେଟୂ ତୁସ୍ ହେଇ ଶୋଇପଡ଼େ ।

ଉତ୍କଳିଆ ଗଳିର ଅନ୍ୟାନ୍ୟ ବାସିନ୍ଦା କମ୍ପ ତା'ର ପଡ଼ୋଶୀ-ମାନଙ୍କ ସହିତ ଗୁଣ ସୁପୁତ୍ର କଥା କେବେହେଲେ ଖାତିର ବା ଆଳାପ ହୋଇଥାଏ । ସମସ୍ତଙ୍କୁ ସେ ହସି ହସି ବଲ୍ଦାଣ୍ଡ

କଥା କୁହେ ଆଉ ଭଦ୍ର ବ୍ୟବହାର ଦେଖାଏ । ସେ ନିଜର ସଂସାର, ନିଜର ସୁନ୍ଦରୀ ଆଉ ପ୍ରିୟ ଲାଗି ନିଶାପାଣି ଛଡ଼ା ଦୁନିଆର ଆଉ କୌଣସି ଭଲ ମନ୍ଦରେ ନ ଥାଏ । ସେହି ଅର୍ଦ୍ଧ ଶିକ୍ଷିତ, ସରଳ ପ୍ରକୃତିବିଶିଷ୍ଟ ମଣିଷର ଡ୍ରାଇଭର ଗୁଣ ସୁନ୍ଦର ଆଜି ଏପରି ଭୟଙ୍କର ମୂର୍ତ୍ତି ଧରି ମୁନ୍ସୀ ବାଉଁଶର ଠେଙ୍ଗା ହାତରେ ଷଣ୍ଢା ବାଚେଲର୍ସ୍ ମେସ୍ର ସବର ଦରଜାରେ ଚିତ୍କାର କରୁଛି କାହିଁକି ?

ମେସ୍ର ସବର ଦରଜା ଫିଟିଗଲା ପରେ ଏପରି ଗୁଣ୍ଡାଏ ଲୋକଙ୍କୁ ଏକାବେଳକେ ସମ୍ମୁଖରେ ଦେଖି ବୋଧହୁଏ ଗୁଣ ସୁନ୍ଦରର ଟିକେ ନିଶା ସଜଡ଼ା ହୋଇଗଲା । ସେ ଅର୍ଦ୍ଧଚେତନ ଅବସ୍ଥାରେ କଥାରେ ଭଦ୍ରତା ପ୍ରକାଶ କରିଲା—"ବାବୁମାନେ, ଆପଣମାନେ ଭଦ୍ରଲୋକ ଅଛ । ମୋର ଆପଣମାନଙ୍କ ସହିତ କିଛି ଦୁଷମଣି ନାହିଁ । ମୁଁ ସେ ଶଳା ମଧୁସୂଦନ ବାବୁଙ୍କୁ ଖୋଜୁଛି । ତା'ର ତଉତ ପୁରୁଷରେ କେଉଁ ଶଳା ବାବୁ ହୋଇଥିଲା ଟିକିଏ ତାକୁ ପଚାରି ବୁଝିବି । ଆପଣମାନେ ସେ ଶଳାକୁ ଟିକିଏ ଡାକି ଦିଅନ୍ତୁ, —ଆପଣଙ୍କ ଗୋଡ଼ ଧରୁଛି ।"

ଗୁଣ ସୁନ୍ଦରର ଏ ପ୍ରଳାପ ମେସ୍ର କୌଣସି ଲୋକଙ୍କ ଶରୀରରେ ଛୁଇଁବା କଷ୍ଟକର । ସମସ୍ତେ ପରସ୍ପର ମୁହଁକୁ ବିସ୍ମୟ-ବିସ୍ଫାରିତ ଦୃଷ୍ଟିରେ ଚାହିଁ ରହିଲେ । ଗୁଣ ସୁନ୍ଦର କ'ଣ ସତରେ ମଧୁସୂଦନ ବାବୁଙ୍କ ଉପରେ ପୂର୍ବଧର ଉଦ୍ଦେଶ୍ୟ ସାଧନ କରିବାକୁ ତାଙ୍କୁ ଖୋଜୁଛି ନା ମଦନିଶାରେ ନିଜର ବୋଧଶକ୍ତି ଲୋପ ହେବା ଫଳରେ ଏଠାରେ ଆସି ଗୁଣ୍ଡାଏ ଅବାନ୍ତର ପ୍ରଳାପ କରୁଛି ? ସମନ୍ତ୍ ଙ୍କା ଟିକିଏ ଧମକ ପୂର୍ଣ୍ଣ କଣ୍ଠରେ କହିଲେ—"ହଇହୋ ଡ୍ରାଇଭର ବାବୁ, ଆଜ ତୁମର ନିଶାଟା ବେଶୀ ହୋଇ ଯାଇଛି । ଯାଅ, ଘରେ ଚୁପ୍ ହୋଇ ଶୋଇ ପଡ଼ିବ ।"

ଗୁଣ ଡ୍ରାଇଭର କହିଲା—“ନାହିଁ ମିଆଁ ସାହେବ ! ଔଷଧ-ଭାଙ୍ଗ ନ ହୋଇଗଲେ ମହୁଲ ଉପରେ ଗୁଣ ଡ୍ରାଇଭରର ନିଶା ହୁଏ ନାହିଁ । ମୁଁ ହୋସ୍‌ରେ ଅଛି ଆଉ ମୋ ମୁଣ୍ଡ ଠିକ୍ ଅଛି । ମୁଁ ଖାଲି ଟିକିଏ ସେ ଶଳା -ବିଧୁଭୂଷଣବାବୁ ସମ୍ବନ୍ଧ କଥାବାର୍ତ୍ତା କରିବାକୁ ଆସିଛି । ସେ ଶଳାର କ'ଣ ମା ଆଉ ଭଉଣୀ ନ ଥିଲେ ଯେ ଶେଷରେ ମୋରି ସ୍ତ୍ରୀର ଇଜ୍ଜତ ନେବାକୁ ଥିଲା ? ସେ ମୋ ସ୍ତ୍ରୀର ଇଜ୍ଜତ ନେଇଛି । ତେଣୁ ଟିକେ ସେ ଶଳା ସମ୍ବନ୍ଧ କଥାବାର୍ତ୍ତା ହେବ । ଶଳା ଗୁଣ ଡ୍ରାଇଭରକୁ ଚିହ୍ନିନାହିଁ ଘର !”

ସମଦ୍ ଖାଁ ତାର ଲୁହା ପରି କଠିଣ ମୁଷ୍ଟି ଭିତରେ ଗୁଣ ଡ୍ରାଇଭରର ଦୁଇ ହାତକୁ ଚାପି ଧରି ଚିତ୍କାର କରି କହିଲେ—“ଡ୍ରାଇଭର ବାବୁ, ଗୁଣ ଡ୍ରାଇଭର, ହୋସରେ ଆସ । ତୁମେ କେଉଁଠି କାହା ପାଖରେ ଛିଡ଼ା ହେଉଛ ଖିଆଲ କର । ନିଶାରେ ମତୁଆଲ ହୋଇ କ'ଣ ଅଣ୍ଡବଣ୍ଡ ବକି ଚାଲିଛ ? ଯାଅ, ଘରକୁ ଯାଅ ।”

ଗୁଣ ଡ୍ରାଇଭର ଟିକିଏ ନରମ କଣ୍ଠରେ କହିଲା—“ମିଆଁ ସାହେବ, କହିଲି ପରା, ମୁଁ ମଦ ଖାଇଛି ସତ, ହେଲେ ମାତାଲ ହୋଇ ନାହିଁ । ସେ ଶଳାବାବୁ ମୋର ସ୍ତ୍ରୀର ଇଜ୍ଜତ ନେଇ ନାହିଁ ବୋଲି କ'ଣ ଭାବୁଛନ୍ତି, ମୋ କଥା କ'ଣ ବିଶ୍ୱାସ କରୁନାହାନ୍ତି ? ତା'ହେଲେ ଦେଖନ୍ତୁ ଏ ଚିଠି କାହାର ? କିଏ ସେ ଚିଠି ମୋ ସ୍ତ୍ରୀ ନାଁରେ ଲେଖିଛି ?”

ଗୁଣ ଡ୍ରାଇଭର ସମଦ୍‌କୁ ଏକ ପକେଟରୁ ଖଣ୍ଡିଏ ଗୋଲାପି କାଗଜରେ ଲେଖା ଚିଠି ବାହାର କରି ଦେଖାଇଲା । ସମଦ୍ଙ୍କୁ

ଏକାଥରେ ତୃଷ୍ଣି ଶତ ଜର୍ଜ୍ଜର ଦୃଷ୍ଟିରେ ଚିଠି ଦେଖିଲେ । ବାସୁଦେବ ଏବଂ ବିଧୁଭୂଷଣ ବାବୁଙ୍କ ହସ୍ତାକ୍ଷର ଆଉ ଚିଠି ତାଙ୍କର ଟେବୁଲର ଖଣ୍ଡିଏ କାଗଜରେ ଲେଖା । ସେସବୁ ଲିପିଗୁଡ଼ିକ ସ୍ୱତନ୍ତ୍ର ଚିଠିକୁ ମନେ ମନେ ପଢ଼ିଗଲେ । ବାସୁଦେବ୍ ଏବଂ ଖଣ୍ଡିଏ ନିଚ୍ଛକ ପ୍ରେମପତ୍ର । ବିରହୀ ପ୍ରେମିକ ତା'ର ମାନସୀ ପ୍ରତିମା ସହିତ ଅନାଗତ ମିଳନ ଲଗ୍ନର ସୂଚନା ଓ ସଂକେତ-ବାଣୀ ଏଥି ସହ କବିତାରେ ପଠାଇଛି ।

ବରୁଣ ବାବୁ ଗମ୍ଭୀର ବିସ୍ମୟ ପ୍ରକାଶ କରି କହିଲେ—
'Oh Lord! Actually the letter is written by Bidhu Bhusan!"

ଭୂପେନ୍ଦ୍ରକୁମାର ସମ୍ମୋହିତ ପରି ମୂର୍ତ୍ତି ହୋଇଗଲେ । ଗୁପ୍ତ ଷଡ଼ଯନ୍ତ୍ରର ସମସ୍ତ ପ୍ରକାଶ ଅପରାଧି ତାଙ୍କ ସମ୍ମୁଖରେ ଜଳଜଳ ସ୍ପଷ୍ଟ ହୋଇଗଲା । କୁଟି ପାଗଳ ସମାଜଟାରେ ଯେ କାହିଁକି ତାଙ୍କୁ ଖାଲି ପଶୁଙ୍କର ମୂର୍ତ୍ତି ଧରିଛି ଆଉ କାହିଁକି ମୂର୍ଖଆ ବାହିଁଶ ଚେଙ୍ଗା ଧରି ସେସବୁ ଚରକାରେ ଚଳାଉ କରୁଛି, ତାହା ବର୍ତ୍ତମାନ ପରିଷ୍କାର ହୋଇଗଲା । ଗୁପ୍ତ ସ୍ୱଭାବ ମଦନଶାଳର ଯୋଗେଁ ଏ କିଛି ଅନିର୍ବାଣିତ ଘଟଣା ଘଟାଇ ପାରେ, ଏହି ଆଶଙ୍କାରେ ସେସବୁ ସମସ୍ତ ରହସ୍ୟ ମୂଳ ଖାଲିଟି ପାରିଲେଣି । ମାତ୍ର ସମସ୍ତ ଖାଁ ବନ୍ଧୁ ତତ୍କ୍ଷଣା ସହିତ ଅବସ୍ଥାଟାକୁ ସମ୍ଭାଳି ନେଲେ । ସେ ଗୁପ୍ତ ସ୍ୱଭାବ ପିଠିରେ ହାତ ମାରି କହିଲେ—"ଶୁଣ ବାବୁ, ଟିକିଏ ମୋ କଥା ଶୁଣ । ତୁମେ ତ ଆମର ବୋସ୍ତ ଅଛ । ଏତେ ଦିନ ହେଲା ଖାଖାଯାଗି ହୋଇ ଏକା ସଂସାରର ଘଣ୍ଟୋଣି ହୋଇଅଛନ୍ତି, ଆଉ ଆଜି ହଠାତ୍ ମୂର୍ଖଙ୍କ ପରି କାମ କରିଆ, ବନ୍ଧା ଧାଙ୍ଗାମା କରିବାଟା କ'ଣ ଭଲ ହେବ ?"

କବି ଆନନ୍ଦ ପ୍ରକାଶ ଏହି ବିରହ କାତରବାଣୀ ପତ୍ରିକାର ଅର୍ଦ୍ଧ ପଙ୍କ୍ତି ପାଠ କରି ସାରି ସୁହୃଦ ଶଙ୍କରଙ୍କ ବକ୍ଷସ୍ଥ ସଞ୍ଚାରିତ ଭୂମିରେ ମୂର୍ଚ୍ଛି ପଡ଼ିଗଲେ । ସେତେବେଳକୁ ସୁହୃଦ ଶଙ୍କରଙ୍କର ବାହ୍ୟ ଚେତନା ନ ଥିଲା । ସେ ଚକ୍ଷୁ ମୁଦ୍ରିତ କରି ଅର୍ଦ୍ଧଚେତନ ଅବସ୍ଥାରେ ନିର୍ବାକ ଜଡ଼ ପରି ନୌକାକଣ୍ଟିରେ ବସି ରହିଥିଲେ । ଦୂର ଆକାଶରୁ ଦୂରଧାର ଲେଖକ ଶ୍ରାବଣର ବାରିଧାରା ଚଢ଼ି ଅବିରାମ ଗତିରେ ବହି ଗ୍ରାମ ପାଖର ନାଳି ଦେଉଡ଼ିକୁ ଅର୍ଦ୍ଧସିକ୍ତ କଲାଣି । ସମୟର ନିଷ୍ଠୁର ଅଶନି ମୁହୂର୍ମୁହୁ ଗର୍ଜନ ଗର୍ଦ୍ଧ ନିଶ୍ୱାସ ଛାଡ଼ି କୋଠଘରର ଦେବୀଙ୍କୁ ନିତାନ୍ତ ନିଦାରୁଣ ତଥା ଅନିଦ୍ରାସୁ ଭରି ଦେଉଥାଏ । ନୌକାଟିର ଏହି ଶୋଚନୀୟ ଅବସ୍ଥା ଦେଖି କବି ଆନନ୍ଦ ପ୍ରକାଶଙ୍କର ଚିତ୍ତ ଚକ୍ଷୁ ମଧ୍ୟ ତୁହାକୁ ତୁହା ଲୋତ ଛୁଟି ଆସିବାର ଉପକ୍ରମ ହେଲାଣି ।

କିଛିକ୍ଷଣ ପରେ ବାର୍ତ୍ତାବହ ଭୂପେନ୍ଦ୍ରକୁମାର ଏବଂ ନଦୀକୂଳ ନୀରବତା ଭଙ୍ଗ କରି ଧୀର କୋମଳ କଣ୍ଠରେ ଡାକିଲେ—“ହଁ,

କରିନ୍ତି ଖଣ୍ଡ କରି ଦୂରେଇ ପକାନ୍ତୁ । ଏଥର ତୁମେ ସବୁକଥା ମୂଳରୁ ଅନ୍ତ କୁହ । ଘଟଣାଟା ସମ୍ବନ୍ଧରେ ସମସ୍ତ କଥା ଆମ୍ଭମାନଙ୍କ ଶୁଣିଲାପରେ ଷଡ଼ଯନ୍ତ୍ରକାରୀର ବିଚାର କରିହେବ ।”

ଏଥର ସୁଦର୍ଶନ ଖଣ୍ଡର ଆଖି ମିଟାଇ ଅତର ସକଳ ଚଞ୍ଚଳ ଦୃଷ୍ଟିରେ ଭୂପେନ୍ଦ୍ରକୁମାରଙ୍କୁ ଚାହିଁଲେ । ଭୂକୁଞ୍ଚିତା ଭଦ୍ର ଫର୍ଦ୍ଦ ନସ୍ୟାଦେଟାଏ ଗୁଞ୍ଜି କହିଲେ—“ହିଁ, କହୁଛି, ଶୁଣନ୍ତୁ । ଆପଣମାନେ ବୋଧହୁଏ ମଧୁସୂଦନ ରାଉତରାୟଙ୍କ ଏକମାତ୍ର କନ୍ୟା ଉମାଙ୍କୁ ଜାଣନ୍ତି—”

ମଧୁସୂଦନ ବାବୁ ଉତ୍ତରିଆ ଗଳିର ଜଣେ ସୁନାମ ଧନ୍ୟ ବଣିଜ୍ୟକ ବାହିଦା । ସେ ଜଣେ ଅଫିସର ଶ୍ରେଷ୍ଠର କର୍ମଚାରୀ । ମାସିକ ଷାଠିଏହ ଟଙ୍କା ବେତନ ପାଆନ୍ତି । ସେଥିରୁ ଲଗି ଉତ୍ତରିଆ ଗଳିରେ ସେ ଏକ ଦ୍ୱିତଳ ଅଟ୍ଟାଳିକା ନିର୍ମାଣ କରି ଏକମାତ୍ର କନ୍ୟା ଓ ପତ୍ନୀଙ୍କୁ ଧରି ବାସ କରନ୍ତି । ଉମା ତାଙ୍କର କେବଳ ଏକମାତ୍ର କନ୍ୟା ନୁହନ୍ତି । ଏକମାତ୍ର ସନ୍ତାନ ମଧ୍ୟ । ଉତ୍-ତ୍ୟକ୍ତଙ୍କର ଆଉ କୌଣସି ସନ୍ତାନ ସନ୍ତତି ନାହାନ୍ତି । ମଧୁସୂଦନବାବୁ ବେଶ ଶାନ୍ତ ସରଳ ଅମାୟିକ ଭଦ୍ରବ୍ୟକ୍ତି । ତାଙ୍କ ପତ୍ନୀ ମଧ୍ୟ ସ୍ୱାମୀଙ୍କର ସ୍ୱଭାବ ଧରି ତାଙ୍କର ପାଖାପାଖି ରହୁଅଛନ୍ତି ।

ଭୂପେନ୍ଦ୍ର କୁମାର କହିଲେ—ମଧୁସୂଦନବାବୁଙ୍କ ସହିତ ବାଚନିକ ପରିଚୟ ନ ଥିଲେ ମଧ୍ୟ ଲୋକମୁଖ ପରିଚୟ ଅଛି । କିନ୍ତୁ ଉମାଦେବୀଙ୍କୁ ଚିହ୍ନିବାର ସ୍ମରଣ ଆସୁନାହିଁ ।”

—“ଉମା ତାଙ୍କର ଏକମାତ୍ର ଆଦରର କନ୍ୟା—ବାଳିକା ବିଦ୍ୟାଳୟରେ ନବମଶ୍ରେଣୀରେ ଅଧ୍ୟୟନ କରେ । ତାର ମା’ଙ୍କ ସେ ମଧ୍ୟ ଦେଖିବାକୁ ଅନିନ୍ଦ୍ୟ ସୁନ୍ଦରୀ ଆଉ ବଡ଼ ଶାନ୍ତ ସରଳ ନମ୍ର ପ୍ରକୃତିର । ସ୍କୁଲକୁ ଯିବା ଆସିବା ପଥରେ ଆପଣମାନେ ମଧ୍ୟ ତାକୁ ବହୁଥର ଦେଖିଛନ୍ତି ।”

ଆନନ୍ଦ ପ୍ରକାଶ ମହା ଉତ୍ସାହରେ ଚିତ୍କାର କରି ଉଠିଲେ—"ଆରେ, ହଁ, ହଁ ! ସେଇଟିକୁ ମୁଁ ତ ଅନେକଥର ଦେଖିଛି ! ପ୍ରତ୍ୟେକ ବଡ଼ିଭୋରରେ ସେ ପାର୍କକୁ ଯିବା ଆସିବା କରନ୍ତି । ଆସିଲେ ଚଉପାଶ ଚିହ୍ନନ୍ତି । ପାଦତଳକୁ ଦୃଷ୍ଟି ରଖି ପଥ ଚାଲନ୍ତି । ଅନେକ ସେହି ନଦୀଷ ବାଳିକା ବନ୍ଧୁସବୁ ସେଇଟିଏ । ବାସ୍ତବିକ୍ ତାଙ୍କର ଆକୃତି ପ୍ରକୃତିରୁ ବୁଝାପଡ଼େ ଯେ ସେ ବଡ଼ ଶାନ୍ତ ଓ ସରଳ ସୁନ୍ଦର ବାଳିକା । ସଂସାରର କୌଣସି ଆବିଳତା ତାଙ୍କୁ ସ୍ପର୍ଶ କରି ପାରିନାହିଁ ବୋଲି ମନେ ହୁଏ । ମାତ୍ର ସେ ମଧ୍ୟ ଭିତରେ ଭିତରେ···!"

—"ଆପଣ ଠିକ୍ କହିଛନ୍ତି ଜଣେ । ସେ ନିହାତି ଶାନ୍ତ, ସରଳ ସୁନ୍ଦର ସମ୍ପନ୍ନା ବାଳିକାଟିଏ—ସଂସାରର ଏଡେ଼ ଟିକିଏ ଆବିଳତା ତାଙ୍କର ପୁଷ୍ପଭଳି ପବିତ୍ର କୋମଳ ହୃଦୟକୁ ସ୍ପର୍ଶ କରି ପାରିନାହିଁ । ସେ ମୋତେ ପ୍ରାଣରୁ ଭଲ ପାଏ । ତେଣୁ ଏ ବିବାହ ଅବ୍ୟୋଜନରେ ତା'ର ଅସମ୍ମତି ଜଣାଇ ପାରିଲାନି । ତା'ର ଇଚ୍ଛା ବିରୁଦ୍ଧରେ ପିତା; ମାତା ତାକୁ ସେହି ଅପରିଚିତ ଯୁବକ ସହିତ ବିବାହ ବନ୍ଧନରେ ଛନ୍ଦି ଦେଲେ ସେ ଯେ ନିଶ୍ଚୟ ନିଜକୁ ଅଙ୍କାକାଳୁ ଲକ୍ଷ୍ମଣ ପ୍ରଦାନ କରି ଆତ୍ମହତ୍ୟା କରିବ, ଏଥିରେ ସନ୍ଦେହର ଲେଶ ନାହିଁ । ହାୟ, ହାୟ, ମୁଁ କି ମହା ବିପଦରେ ପଡ଼ିଲି ! ଶେଷରେ ମୋର ପ୍ରେମ ଲାଗି ମୋର ପ୍ରାଣର ମାନସୀ ଆତ୍ମାହୁତି ଦେବ, ଏହା ମୁଁ କେମନ୍ତ ଧରି ସହିବ ପାରିବ ? ଭଗବାନ୍, ମୋତେ ଏ ବିପଦରୁ ଉଦ୍ଧାର କର—ମୋତେ ପଥ ଦେଖାଇ ଦିଅ । ପ୍ରଭୁ ହେ !"

ସୁଦୀପ୍ତ ଶଙ୍କର ମୁହ୍ୟମାନ ହୋଇ ଦୀର୍ଘଶ୍ୱାସ ଛାଡ଼ିବାକୁ ଲାଗିଲେ । ଆନନ୍ଦଶଙ୍କର ଓ ଭୂପେନ୍ଦ୍ର କୁମାର ତାଙ୍କର ଏପରି ଶୋଚନୀୟ ବିଚଳିତ ଅବସ୍ଥା ଦେଖି ଓ ତା'ଙ୍କ ଭାଷଣମୟ ପ୍ରଳାପ ଶୁଣି ମନେ

ମନେ ବଡ଼ ଶଙ୍କିତ ହୋଇ ଉଠିଲେ ! ବୋଧହୁଏ ମେନକାର ହାର୍ଟ—ଫେଲ ହୋଇ ମରିଯିବ ! ବୁଦ୍ଧଦେବ କୁମାର ସମବେଦନା ଓ ଆଶ୍ୱା-ସନା—ଅର୍ଦ୍ଧ ବାଣୀ ଶୁଣାଇଲେ—"ଆହା ! କି ଗଭୀର ବେଦନା ତାଙ୍କର ଘଟଣା । ଏପରି ଅନ୍ତର ଓ ବାସ୍ତବ ପ୍ରେମ ଏ ଯୁଗରେ ବିରଳ । ତେବେ ହୃଦୟ ଶଙ୍କର, ତୁମେ ଏପରି ବିଚଳିତ ହୁଅ ନାହିଁ । କିଛିଏ ଧୈର୍ଯ୍ୟ ଧର । ଧୀର ପାଣି ପଥର କାଟେ । ସାହା କହୁଛ ଶୁଣିବା କଥା ସବୁ ଧୀରେ ସୁସ୍ଥ କରାଯିବ । ତୁମ ଦୁହିଁଙ୍କ ପ୍ରେମର ଗଭୀରତା ଉଜ୍ଜ୍ୱଳ କରିବା ମୂଳରେ ଆଉ ଗୋଟିଏ ସାଧାରଣ କୌତୂହଳପ୍ରଦ ପ୍ରଶ୍ନ ଉଠୁଛି ଯେ, ତୁମେ ଉଭୟେ ପରସ୍ପରର ସଂସ୍ପର୍ଶରେ କିପରି ଆସିଲ ?"

—"ଓ, ସେଥିପାଇଁ ଆମ ଉଭୟଙ୍କ ଗର୍ବ ସମସ୍ତ ଧର୍ମ-ସାଧନା-ମାର୍ଗରେ ନିରବଚ୍ଛିନ୍ନ ଗତି କରିବାକୁ ପଡ଼ୁଛି । ପ୍ରାୟ ଛ' ମାସ ପୂର୍ବରୁ ମୁଁ ଜନ୍ମିତ ସ୍ଥାନରେ ତାଙ୍କର ବଗିଚାଣ୍ଡି ପାଖରେ ସାଇକେଲ ଛୁଟାଇଥିଲି । କେତେକ ଦିନ ପରେ ମୁଁ ଲକ୍ଷ୍ୟ କଲି ଯେ, ତାଙ୍କର ପତଳା ନରମ ଦୃଷ୍ଟି କ୍ରମେ ମୋ ପ୍ରତି ସଞ୍ଚାଳିତ ହେଉଛି । ତା'ପରେ ଆଖିରେ ଆଖିରେ ବହୁଦିନ କଥାବାର୍ତ୍ତା ହେଉଛି । କ୍ରମେ ହାସ୍ୟ, ଶିହରଣ, ଲଜ୍ଜା, ସଙ୍କୋଚ ଇତ୍ୟାଦି ଅନୁରାଗର ପୂର୍ବ ଲକ୍ଷଣମାନ ପରସ୍ପରଠାରେ ପ୍ରକାଶିତ ହେଉଛି । ତେବେ ସତ କହିବାକୁ ଗଲେ, ଆମ ପ୍ରେମ ମୂଳରେ ଅନୁରାଗ ନିସ୍ୱାର୍ଥପର ମୂଲ୍ୟବାନ ସହାୟତା ବିଶେଷ ଉଲ୍ଲେଖଯୋଗ୍ୟ । ଆମ ପ୍ରେମବୋଧ ମୂଳରେ ଅନୁରାଗୀ ସୂତ୍ର ଅଛି ।"

କବି ଓ ଦାର୍ଶନିକ ଏକାଥରେ ଗମ୍ଭୀର ବିସ୍ମିତ କଣ୍ଠରେ ଚିତ୍କାର କରି ଉଠିଲେ—"ଆମ ଦେଶର ବୃଦ୍ଧା ସୁକନ୍ୟାଣୀ ଅନୁଗା !

ସୁନ୍ଦର ସି ମାନସୀ ଅରୁଣା ଏହି ଅନନ୍ୟ ପ୍ରେମ ମୂଳରେ ଦୁର୍ବଳତାର ଅଂଶ ଗ୍ରହଣ କରିଛି !"

—"ହିଁ, ଅରୁଣାଙ୍କ ଆମ ପ୍ରେମ ଓ ମିଳନ ମୂଳରେ ସର୍ବସ୍ୱ । ତା'ର ନିସ୍ୱାର୍ଥପର ସହାନୁଭୂତି ନ ମିଳିଥିଲେ ମୋର ମାନସ-ପ୍ରତିମା ଲୀନା ସହିତ ମିଳନ ଘଟିବା ଅସମ୍ଭବ ହୋଇଥାଆନ୍ତା । ସେଣୁ ଆମ ପ୍ରେମ ମୂଳରେ ଦୁର୍ବଳତା ଓ ମିଳନ ମୂଳରେ ପ୍ରବଳତା କାର୍ଯ୍ୟ ସୁସ୍ପଷ୍ଟରୂପେ ସମ୍ପୂର୍ଣ୍ଣ କରିଛି । ଆପଣମାନେ ବୋଧହୁଏ ଜାଣନ୍ତି ନାହିଁ ଯେ, ଅରୁଣା ପ୍ରାୟ ନିୟମିତ ବିଶ୍ରାମ ସମୟରେ ଲୀନା ଘରକୁ ବୁଲିବାକୁ ଯାଏ । ଲୀନାକୁ ମଝିରେ ମଝିରେ ଏକାନ୍ତ ପାଇ ତା' ସହିତ ଉପନ୍ୟାସ ପାଠ କରେ । ସେଣୁ ସୁଯୋଗରେ ଲୀନା ଅରୁଣା ନିକଟରେ ମୋର ସଙ୍ଗୀତ କଳା ଓ ଅନନ୍ୟ ଗୁଣ ସମ୍ବନ୍ଧରେ ଶୁଣି ମୋ ପ୍ରତି ମୁଗ୍ଧା ଓ ଅନୁରକ୍ତା ହୋଇ ପଡ଼ିଲା । ଅବଶ୍ୟ, ମୋର ପ୍ରତିଭା ସମ୍ବନ୍ଧରେ ଟିକିଏ ଅଧିକ ମନୋଯୋଗ ପ୍ରବୃତ୍ତି ଜଗାଇବା ପାଇଁ ତାକୁ ଯଥାଯୋଗ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ସେ ଯାହାହେଉ, ଅରୁଣା ଓ ମୋର ଶ୍ରମ ସାର୍ଥକ ହେଲା ସେତିକିବେଳେ, ଯେତେବେଳେ ସେ ତା ନିକଟରେ ମୋତେ ଖଣ୍ଡେ ଉପନ୍ୟାସ ମାଗି ପଠାଇଲା । ତା' ପରେ ଯଥାସମୟରେ ଖଣ୍ଡେ ପ୍ରେମମୂଳକ ଉପନ୍ୟାସ ପୁସ୍ତକ ଭିତରେ ମୋର ଖଣ୍ଡେ ପ୍ରେମପତ୍ର ତା'ର ହସ୍ତଗତ ହେଲା । ସୁଲଳ ବୈଶିକ ପ୍ରାକୃତର ଚାଉଡ଼ାଳ ସ୍ରୋତ ପରି ପ୍ରେମ ପତ୍ରର ଆଦାନ ପ୍ରଦାନ । ତା'ପରେ···।"

ସୁଦତ୍ତ ଶଙ୍କର ଶେଷ ଶୁଣିବା ପାଇଁ ଟିକିଏ ଚଞ୍ଚଳ ହେଲେ । କବି ଓ ଦାର୍ଶନିକ ଉପ୍‌ବିଦ ଏକ ଉତ୍କଣ୍ଠିତ କଣ୍ଠରେ ପଚାରିଲେ—
"ହଁ, ତା'ପରେ ?"

—"ତା' ପରେ ସଫଳ ପ୍ରେମ ସେସବରେ ଯାହା ପରିଣତ ଘଟିଥାଏ, ତାହାହିଁ ଘଟିଛି । ତା' ପରେ ଏକ ଶୁଭ ଲଗ୍ନରେ ଜ୍ୟୋତ୍ସ୍ନା-ମଧୁର ସ୍ୱପ୍ନରେ ଆମ ଉଭୟଙ୍କ ମଧ୍ୟରେ ମିଳନ ଘଟିଲା । ମନ୍ଦିରେ ମନ୍ଦିରେ ସନ୍ଧ୍ୟା ସମୟରେ ତା'ର ପିତା ମାତା ସିନେମା, ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଘରକୁ ଯାଆନ୍ତି । ଆଉ ଉମା ମୁଣ୍ଡ ବିନ୍ଧାର ଛଳନା, କିମ୍ବା ପେଟପିଡ଼ାର ଛଳନା କରି ଘରେ ରହିଯାଏ । ତା'ପରେ ଅରୁଣା ଯାଆନ୍ତି ଆସି ମୋତେ ମିଳନ ଲଗ୍ନର ସମ୍ବାଦ ଦିଏ ଆଉ ମୁଁ ତାଙ୍କ ଘରେ ପ୍ରବେଶ କରିବା ପରେ ସେ ସବୁର ଦରଜାରେ ପ୍ରହରୀର କାର୍ଯ୍ୟ କରେ । ଏମିତି ଗର୍ଭ ସ୍ନରମାସ ହେଲା କେତେ ମୁହୂର୍ତ୍ତରେ କଟି ଆସିଛି । କିନ୍ତୁ ଆଜି ଏକି ନିଦାରୁଣ ବଜ୍ରାଘାତ !! ମୋର ପ୍ରାଣର ପ୍ରିୟତମା ଆଜି ମୋର ଲାଗି ଆତ୍ମହତ୍ୟା କରିବାକୁ ବସିଛି ! ପ୍ରଭୁ ହେ, ଏ ମହାପାତକରୁ ମୋତେ ଉଦ୍ଧାର କର··· ।"

ଶାନ୍ତ, ସରଳ ଓ ଅମାୟିକ ପ୍ରକୃତିର ବାଳିକା ଉମାଦେବୀଙ୍କ ଗୋପନ ପ୍ରେମ-କଥାରେ କିମ୍ବା ସୁଦର୍ଶନ ମାଳବୀ ବୁଢ଼ା ସ୍ୱାମିନୀ ଅରୁଣାର ଭୂମିକା ପଣରେ ବିସ୍ମୟ ପ୍ରକାଶ କରିବା ଲାଗି କବି ଓ ଦାର୍ଶନିକ ପକ୍ଷରେ ବର୍ତ୍ତମାନ ଉପଯୁକ୍ତ ସମୟ ନୁହେଁ ! ବର୍ତ୍ତମାନ ଏହି ବିରହ କାତର, ଆଶାହତ ସୁଦର୍ଶନଙ୍କୁ ଆଶ୍ୱାସନା ବାଣୀ ଶୁଣାଇବା ପ୍ରଧାନ କର୍ତ୍ତବ୍ୟ । ତେଣୁ ଆନନ୍ଦ-ପ୍ରକାଶ କହିଲେ—"ବାଣୀ କୁମାର, ତୁମେ ଧୈର୍ଯ୍ୟ ଧର । ଉମା ଦେବୀଙ୍କର ଅପର ପୁରୁଷ ସହିତ ବିବାହ ଆୟୋଜନ ଫଳରେ ତୁମର ଚଞ୍ଚଳ ହେବା କାପୁରୁଷତାର ପରିଚାୟକ ହେବ । ଶୁଭ-ଲଗ୍ନରେ ସେମାନଙ୍କର ବିବାହକାର୍ଯ୍ୟ ସମାପ୍ତ ହେବାରେ ତୁମେ ଅଯାଚିତ ଭାବରେ ସାହାଯ୍ୟ କର । ବିବାହ ପରେ ଦେଖିବ, ତୁମ

ଦୁହିଁଙ୍କ ଭିତରେ ଅନୁଷ୍ଠିତ ଏକ ବୈଠକ—ମଧୁର ଭଙ୍ଗୀରେ ସୃଷ୍ଟି ହେବ । ତାଙ୍କ ଜୀବନର ପ୍ରଥମ ପ୍ରେମ ଅବିସ୍ମରଣୀୟ—ତାହା ଲକ୍ଷ୍ମୀଙ୍କ ଉଦ୍ଧାରର ସ୍ମୃତି ତାଙ୍କ ହୃଦୟରେ ସବୁ ସମୟ ସଞ୍ଚିତ ଥାଏ । ଆଉ ତାଙ୍କ କୌଣସି ସୂତ୍ରରେ ନିଜର ଇଚ୍ଛା ବିରୁଦ୍ଧରେ ଅପର ଯୁବକକୁ ବିବାହ କରି ଆତ୍ମହତ୍ୟା କରିନାହିଁ ! ତେଣୁ ଉମାଦେବୀ ମଧ୍ୟ ଆତ୍ମହତ୍ୟା କରିବେ ନାହିଁ । ବରଂ ବିବାହ ପରେ ତୁମେ ତାଙ୍କର ସମ୍ପର୍କରେ ଆସି ପାରିଲେ, ନିଶ୍ଚୟ ନାନା ଉପାୟରେ ତୁମର ଉପକାର କରିବାକୁ ଚେଷ୍ଟିତା ହେବେ ।”

ଭୂତଚନ୍ଦ୍ର କୁମାର ଗମ୍ଭୀର କଣ୍ଠରେ ପଚାରିଲେ—“ବାଣୀ-କୁମାର, ତୁମେ ଉମା ଦେବୀଙ୍କୁ ଧରି ଗୋପନରେ କଲିକତା ପଳାଇ ଯାଇ ପାରିବ ?”

ସୁବନ୍ଧୁଙ୍କର ଏହି ଅବାଞ୍ଛିତ ପ୍ରଶ୍ନ ଶୁଣି ହଠାତ୍ ଚମକି ପଡ଼ିଲେ । କହିଲେ—“କ’ଣ କହିଲେ ? ଉମାକୁ ସାଙ୍ଗରେ ଧରି ଗୋପନରେ କଲିକତା ପଳାଇବ ? ନା, ତାହା ମୁଁ ପାରିବି ନାହିଁ । ସେପରି କାର୍ଯ୍ୟ କରିବା ମୂଳରେ ଯେଉଁ ମାନସିକ ଓ ଆର୍ଥିକବଳ ଆବଶ୍ୟକ, ତାହା ମୋ ନିକଟରେ ନାହିଁ ।”

—“ତୁମେ ମଧୁସୂଦନ ବାବୁଙ୍କୁ ଯାଇଁ କହି ପାରିବ ଯେ, ତାଙ୍କ ଝିଅକୁ ବିବାହ କରିବା ପାଇଁ ତୁମେ ଇଚ୍ଛୁକ ?”

—“ହେ ଭଗବାନ ! ଏକଥା ମୁଁ ମଧୁସୂଦନ ବାବୁଙ୍କୁ କହିବି କିପରି ? ଏ ଦୁଃସାହସିକତା ଦେଖାଇବା ପୂର୍ବରୁ ମୋର ହାର୍ଟଫେଲ୍ ହୋଇ ଯାଇଥିବ ।”

—“ତା’ ହେଲେ ବୃଥା ଗର୍ବ, ତୁମେ ଜଣେ ଯୁବକ ଓ ଦାୟିତ୍ୱଜ୍ଞାନ ସମ୍ପନ୍ନ ପ୍ରେମିକ । ତୁମେ ଗୋପନରେ ପ୍ରେମ କରିପାର, ମାତ୍ର ତା’ର ପରିଣତି ଦାୟିତ୍ୱ ମୁଣ୍ଡାଇବାକୁ ତୁମର ସାହ-

ସାହସ ନାହିଁ ! ତୁମେ ଅନ୍ଧକାରକୁ ଭଲପାଅ, ମାତ୍ର ଆଲୋକ ଦେଖିଲେ ତୁମର ହୃତ୍କମ୍ପ ଜାତ ହୁଏ ! ତଥାପି ତୁମପ୍ରତି ମୋର ସମବେଦନା ଅଛି । ଉମାଦେବୀଙ୍କର କୌଣସି ଚାରିତ୍ରିକ ବଳକ ଟଳିବାକୁ ତୁମେ ଯେତେବେଳେ ଅପାରଗ, ସେତେବେ ତାଙ୍କର ବିବାହ ଆୟୋଜନରେ ତୁମେ ଦୁଃଖିତ କାହିଁକି ? ଏ ବିବାହ ହେଇ ଯିବାକୁ ଦିଅ । ତୁମର ଉମାଦେବୀଙ୍କ ସହିତ ଆତ୍ମିକ ଓ ନୈତିକ ମିଳନ ଘଟି ସାରିଛି । ଏହାପରେ ସାମାଜିକ ମିଳନ କେବଳ ଗୋଟାଏ ବାହ୍ୟ ପ୍ରକାଶ, ସେଥିରେ ଏତେ ଟିକଏ ଆବଶ୍ୟତା ନାହିଁ । କେଣୁ ତାହା ସୁନ୍ଦର ବା ଅସୁନ୍ଦର ହେଉ । ଏ ବିବାହ ଫଳରେ ତୁମର ବା ଉମାଦେବୀଙ୍କର କୌଣସି କ୍ଷତି ଆସୁ ନାହିଁ ।"

ଭକ୍ତ ଓ ଦାର୍ଶନିକଙ୍କ ଆଶ୍ୱାସନା ବାଣୀରେ ସୁବ୍ରଶଙ୍କରଙ୍କ ହୃଦୟ ଦଗ୍ଧ ଅଗ୍ନିର କିଞ୍ଚିତ ଶୀତଳ ହେବା ଭଳି ବୋଧ ହେଲା । କାରଣ ସୁବ୍ରଶଙ୍କରଙ୍କର ସେଠାରୁ ପାରଦରେ ଉଠିସାରି ନିଜ ବସୁଣାରେ ମୁହଁମାଡ଼ି ଶୋଇ ରହିଲେ । ତାଙ୍କର ସୁନ୍ଦର ଅସ୍ଥିର ଚଞ୍ଚଳ ବିଚଳିତ ଭଙ୍ଗୀ ଆଉ ନ ଥିଲା ।

ଏହି ଘଟଣା ପରେ ଦୀର୍ଘ ଏକମାସ ଗତ ହେଇ ଗଲାଣି । ସହରର ଏକ ଯୁବକ ସବ୍‌ଡେପୁଟି ସହିତ ଉମାଦେବୀଙ୍କର ବିବାହ ନିର୍ବିଘ୍ନରେ ହେଇ ସାରିଛି । ଉମାଦେବୀଙ୍କ ଉପରକୁ କୌଣସି ଦୁର୍ଘଟଣା ଘଟିନାହିଁ । ଭକ୍ତ ଓ ଦାର୍ଶନିକ ପ୍ରଭୃତି ସମାଜ କାରକଙ୍କୁ ଅପ୍ରୀତିକର ସମ୍ବାଦ ଖୋଜି ଖୋଜି ବ୍ୟର୍ଥ ମନୋରଥ ହେଇଛନ୍ତି । ସେଠାରୁ ଏବେ ଭକ୍ତ ଆନନ୍ଦ ପ୍ରକାଶ ସୁବ୍ରଶଙ୍କରଙ୍କ ଘରେ ପହଞ୍ଚି ପଚାରିଲେ—"କହେ ବାଣୀ କୁମାର, ଖବର କ'ଣ ? ଆଜିକାଲି ସମସ୍ତ ଗୁଡ଼ାକ କପଟ କରୁଛ ?"

ସୁଦର୍ଶନଙ୍କର ସହଜ ପ୍ରେମିକର ଲକ୍ଷିତ ମଧୁର ହସ ହସିଲେ । କହିଲେ—"ବନ୍ଧୁ, ଆପଣ ଜଣେ ଭବିଷ୍ୟଦର୍ଶୀ ମହାପୁରୁଷ ! ଆପଣଙ୍କ ବାଣୀ ଅକ୍ଷରେ ଅକ୍ଷରେ ସତ୍ୟ ହେଉଛି । ବିବାହପରେ ଉମା ଏହି ସହରରେ ଅଛି ଆଜି ମନ୍ଦିରେ ମନ୍ଦିରେ ତା'ର ବାପ ଘରକୁ ମଧ୍ୟ ଆସୁଛି । ଏଣିକି ଆମ୍ଭମାନଙ୍କର ମିଳନ ନବ ରୂପରେ, ନବ ଭଙ୍ଗୀରେ ମଧୁରତର ହୋଇ ଉଠିଛି । ଏବେ ଆଉ ଅନୁଦାର ସମାଜକୁ ଆବଶ୍ୟକ ହେଉନାହିଁ । କିମ୍ବା ସହିବା ଅଧିକାର ମଧ୍ୟ ତାକୁ ଆଉ ସମ୍ଭବୁନାହିଁ । ଏଣିକି କର୍ମକୋଳାହଳମୟ ଜୀବନସ୍ରୋତରେ ମଧ୍ୟ ଆମ୍ଭମାନଙ୍କର ମିଳନ ମୂଳରେ ସୁଯୋଗ ସୃଷ୍ଟି ହେଉଛି । ଉମାକୁ ପଚାରିଥିଲି—"ତୁମେ ଆଉ ଡରୁନା ?" ସେ ଲଜ୍ଜିତ କଣ୍ଠରେ ଉତ୍ତର ଦେଲା—"ଏଣିକି ଆଉ କି ଡର ? ମୋ କପାଳରେ ତ ବିବାହ ଛାପ ବସି ସାରିଛି··· ।" ଉମାର ପ୍ରତ୍ୟୁତ୍ପନ୍ନମତିତାର ପ୍ରଶଂସା କରୁଁ କରୁଁ ଆପଣଙ୍କର ଭବିଷ୍ୟ ବାଣୀ ମୋର ମନେ ପଡ଼ିଗଲା । ସେଥିପାଇଁ କହୁଛି, ଆପଣ ଜଣେ ମହାପୁରୁଷ । ଦିଅନ୍ତୁ ଆପଣଙ୍କର ପାଦ ଧୂଳି ମୁଣ୍ଡରେ ମାରେ ।"

ସୁଦର୍ଶନ ଶଙ୍କର ନଇଁ ପଡ଼ି ସତକୁ ସତ ବନ୍ଧୁଙ୍କ ପାଦ ଧୂଳି ଆଣି ମୁଣ୍ଡରେ ମାରିଲେ । ଆନନ୍ଦ ପ୍ରକାଶ କରି ହସି କହିଲେ—"ବେଶ୍ ବେଶ୍, ତୁମ ଆନନ୍ଦରେ ମୁଁ ଆନନ୍ଦିତ । ତୁମ ପ୍ରେମ ଓ ପ୍ରେମିକା ଅବିନଶ୍ୱର ହୁଅନ୍ତୁ ।"

## —ନଅ—

ଅଦ୍ଭୁତ ନବାଗତ ଅଷ୍ଟମଙ୍କୁ ମି: ବରୁଣ ଦାସଙ୍କୁ ଆପଣମାନେ ନିଶ୍ଚୟ ଚିହ୍ନନ୍ତି। କଟକ ସହରର ଗାନବାଜଣାଠାରୁ ସିନେମାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବରୁଣ ଦାସ ସୁପରିଚିତ। ଆପଣ ଜାଣନ୍ତି ନାହିଁ କଟକରେ ଏମିତି ଉତ୍ସବ ହିଁବେ ନାହିଁ। ହୁଏତ ଏହା ଜାଣନ୍ତି ଯେ, ତାଙ୍କର ଚେହେରା ଦୁରଣ ଉଚ୍ଚ ନାହିଁ। ତେଣୁ ସୁଗୁଣ ଶକ୍ତିର ଅଭିବ୍ୟକ୍ତି ଦ୍ୱାରରେ ଆପଣଙ୍କ ସହାୟତା କରିବାଲାଗି ଆମ୍ଭେମାନେ ସବୁବେଳେ ପ୍ରସ୍ତୁତ ଅଛୁଁ।

ପ୍ରତ୍ୟେକ ଅପରାହ୍ଣ ପାଞ୍ଚଟା ସମୟରେ ଯେଉଁ ଭଦ୍ରଲୋକଟି ଇନ୍‌ଟେନ୍‌ ସୁଟ୍ ଆଉ ଫେଲ୍ଟ୍ ହ୍ୟାଟ୍ ପିନ୍ଧି ହାତରେ ସିଙ୍ଗବାଡ଼ି ଆଉ ଅଧରରେ ଡ୍ୟାଫ୍ସ୍ଟୋନ୍ ସିଗାରେଟ ଧରି ପ୍ରତିଦିନ ସେକ୍ରେଟେରିଏଟ୍‌ରୁ ବାହାରି ଆସନ୍ତି ସେହି ସାହେବ ଜଣକ ଆମର ବହୁ ପରିଚିତ ବାଟେଲର୍ସ ସେମ୍ବର ଅଷ୍ଟମ ଭଦ୍ର ବଟେଶ। ଭଦ୍ରବ୍ୟକ୍ତିଙ୍କୁ ଦେଖିବା ମାତ୍ରେ ଜଣେ ସତ୍ୟ ଉଚ୍ଚଭାଗର ସାହେବ ପୁଙ୍ଗବ ମନେ କରିବାରେ ଦେଶ୍ଯ ଏବେ ଟିକିଏ ଶ୍ରୁତି କରନ୍ତେ ନାହିଁ। ବରୁଣ ଦାସ ସେକ୍ରେଟେରିଏଟ୍‌ର କୌଣସି ବେଶାଟାଏ ବିଭାଗରେ ଅପର ଡିଭିଜନ କିରାଣୀ କାର୍ଯ୍ୟ କରନ୍ତି।

ବାଟେଲର୍ସ ସେମ୍ବର ଏକ୍ସ ପ୍ରଭୁ ବିଶେଷ ଗୁଣଗୁଡ଼ିକରେ ଙ୍କ ପ୍ରକତିନ ଇଞ୍ଚ, ଛାତିର ଦୈର୍ଘ୍ୟ ଅଠତିରିଶ ଇଞ୍ଚ। ସୁପୁଷ୍ଟ ଦୃଢ଼ ଶରୀର। ଗୋଲାକୃତି ବଦନ ମଣ୍ଡଳ। ଆଖିରେ ସୁନା ଫ୍ରେମର ଚଷମା ଆଉ ଅଧରରେ ସନ୍ତୋଷଜନକ ଅମାୟିକ ହସ। ଧୀର ଗମ୍ଭୀର କଣ୍ଠରେ କଥା କହନ୍ତି ଆଉ ମଝିରେ ମ୍ୟାନେଜ୍ମେଣ୍ଟ୍ ସ୍ମାଇଲ୍‌ରେ ଉଦ

ବୁଝନ୍ତି । କଥା କହୁଥିବେଳେ ଅଧିକ ବିଦେଶୀ ଭାଷାରେ ଆଉ ଅଳ୍ପ ମାତୃଭାଷାରେ କହନ୍ତି ।

କଲିକତା ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ର ଥିବା ଅବସ୍ଥାରେ କରୁଣ ଦାସ ବଡ଼ ଅପ୍ରତ୍ୟାଶିତ ଭାବରେ ଏକ ଚାକିରି ପାଇଗଲେ । ସେ ପ୍ରାୟ ସୁଦୀର୍ଘ ଭଜନ କଥା । ମାତ୍ର କାଞ୍ଚନୀମୁକ୍ତ ଜୀବନ । ସାହେବ ସୁଲଭ ସମ୍ପଦ କରୁଣ ଦାସଙ୍କ ଜୀବନର ଲକ୍ଷ୍ୟ ନୁହେଁ, ଜୀବନରେ ସତ୍‌ପ୍ରବୃତ୍ତି ହେବା ତାଙ୍କର ଲକ୍ଷ୍ୟ । କିନ୍ତୁ ସତ୍‌ପ୍ରବୃତ୍ତି ହେବାକୁ ହେଲେ ପ୍ରଥମେ କାଞ୍ଚନୀମୋହକ ଅତିକ୍ରମ କରିବାକୁ ହୁଏ, ଏହି ମହାବାଣୀ କୌଣସି ମହାପୁରୁଷ ମହା ମହା ଉଦାହରଣ ଦେଖାଇ ବୁଝାଇ ଦେବାରୁ ସେ ଉତ୍ସାହିତ ଏହି ଚାକିରି ଗ୍ରହଣ କରିବାକୁ ବାଧ୍ୟ ହେଲେ । ତେବେ ଚାକିରି ଜୀବନରେ ଉନ୍ନତି ଲାଭ କିମ୍ବା ସତ୍‌ପ୍ରବୃତ୍ତି ପଥ ନିକଟରେ ପହଞ୍ଚିବା ଲାଗି ଯାହା କିଛି ଚେଷ୍ଟା ଚରିତ୍ର ଆବଶ୍ୟକ, ସବୁ ସେ ପ୍ରାଣ ମନ ଦେଇ ଅକ୍ଲାନ୍ତ ଭାବରେ କରି ଚାଲିଛନ୍ତି ।

କରୁଣ ଦାସ ପ୍ରତ୍ୟହ ଆଠଟା ସମୟରେ ଉଠନ୍ତି ଓ ପ୍ରଥମେ ଉତ୍ତମ ରୂପେ ଶୌଚ କାର୍ଯ୍ୟ ସମାଧା କରନ୍ତି । ତା'ପରେ ମୁଖ ପ୍ରକ୍ଷାଳନ ଓ ଜଳଖିଆ ଖାଇଣ । ପରେ ଅନନ୍ତ ନବାପ ପତ୍ର ମଣ୍ଡଳୀ ସହିତ କାଗଜ ପଢ଼ା ସମ୍ପର୍କୀୟ, ଅଫିସ ସମ୍ପର୍କୀୟ କିମ୍ବା ଗତ କାଲିର ଉତ୍ତେଜନାପୂର୍ଣ୍ଣ ସମ୍ବାଦ ବିଷୟରେ ଆଲୋଚନା କରଣ । ଦଶଟାବେଳେ ସ୍ନାନ ଓ ଭୋଜନ ପରେ ଅଫିସ ଗମନ । ସେଠାରୁ ପାଞ୍ଚଟା ସମୟରେ ଫେରିବା ପଥରେ ସିଧା ବାବୁମାନଙ୍କ ଘର ଗମନ । ରାତି ନଅଟା ସମୟରେ ବାବୁମାନଙ୍କ ଘରୁ ପ୍ରତ୍ୟାବର୍ତ୍ତନ, ତା'ପରେ ମେସ୍‌ରେ ଭୋଜନ ଓ ଦଶଟା ସମୟରେ ଶୟନ ।

ଆପଣମାନେ ବଡ଼ ସନ୍ଦେହ ପ୍ରକୃତିର ଲୋକ । ହାକିମଙ୍କ ଘରେ ମି: କରୁଣ ଦାସ ସନ୍ଧ୍ୟାଠାରୁ ରାତି ନଅଟା ପର୍ଯ୍ୟନ୍ତ କ'ଣ କରନ୍ତି, ତାହା ଜାଣିବା ଲାଗି ଏତେ ଉଦ୍‌ଗ୍ରୀବ—କୌତୂହଳୀ ହେବା ଅନାବଶ୍ୟକ କଥା । ସେ ସବୁ ତାଙ୍କର ନିହାତି ବ୍ୟକ୍ତିଗତ କଥା । ତଥାପି ଆପଣଙ୍କର ଅନାବଶ୍ୟକ କୌତୂହଳ ମଧ୍ୟ ଦମନ କରିବା ଲେଖକର ଏକ କର୍ତ୍ତବ୍ୟ ମନେକରି ଏଠାରେ ତାଙ୍କର ବ୍ୟକ୍ତିଗତ କାର୍ଯ୍ୟାବଳୀର ସଂକ୍ଷିପ୍ତ ସୂଚନା ଦିଆଗଲା ।

ଧରନ୍ତୁ, ହାକିମଙ୍କ ଘରେ ଆଜି କୌଣସି ପର୍ବ ଦିନ । ତେଣୁ ସନ୍ଧ୍ୟାରେ ଭୋଜି ଓ ଉତ୍ସବର ଆୟୋଜନ ହେଉଛି । ସନ୍ଧ୍ୟା ସମୟରେ ହାକିମ ପରିବାରର ଆବାଳ ବୃଦ୍ଧ ବନିତାଙ୍କ ଉପସ୍ଥିତି ବାଞ୍ଛନୀୟ ! ମାତ୍ର ହାକିମଙ୍କ ସାନଝିଅ ମିସ୍ ଇଲା ସାହୁ କନଭେଣ୍ଟ୍ ସ୍କୁଲ ହଷ୍ଟେଲରେ ରହନ୍ତି । ତାଙ୍କୁ ଆଣିବାକୁ ଜଣେ ଲୋକ ଯିବା ଦରକାର । ତେଣୁ, ଅଗତ୍ୟା ଶାଳିବାବାଏ କରୁଣ ଦାସ ସାଇକେଲ ରିକ୍ସା ଚଢ଼ି ଇଲା ସାହୁଙ୍କୁ ଆଣିବାକୁ ବାହାରି ଗଲେ ।

ଧରନ୍ତୁ ହାକିମଙ୍କ ବଡ଼ ଝିଅ, ସ୍କୁଲ୍ ଆର୍ଟ କଲେଜର ଛାତ୍ରୀ । ମିସ୍ ଲଜ୍ଜା ସାହୁ ଗୋଧୂଳି ଲଗ୍ନରେ ନଗରର ବ୍ୟାଡ଼ମିଣ୍ଟନ୍ କୋର୍ଟକୁ ଆସି ଦେଖିଲେ, ଆଜି ତାଙ୍କ ସହିତ ଖେଳିବା ଲାଗି ତାଙ୍କର ଦେହ ଗର୍ଜନ କରୁଣ ବନ୍ଧୁଙ୍କ ବ୍ୟତୀତ ଜଣେ ହେଲେ ଉପସ୍ଥିତ ନାହାନ୍ତି । ଠିକ୍ ସେତିକିବେଳେ ମି: କରୁଣ ଦାସ ଟେନିସ୍ ର୍ୟାକେଟ୍ ବାମ ହସ୍ତରେ ଉତ୍ତୋଳନ କରି ହସ ହସ ମୁଖରେ ପରମ ମଧୁର କଣ୍ଠରେ ଅଭିବାଦନ ଜଣାଇଲେ—"Good afternoon miss !" ତା' ପରେ ମିସ୍ ଲଜ୍ଜା ସାହୁଙ୍କ ନିମନ୍ତ୍ରଣ କ୍ରମେ ତାଙ୍କ ସହିତ ବ୍ୟାଡ଼ମିଣ୍ଟନ ଖେଳ ଖୁବ୍ ଖୁବ୍ ମଜିଲେ ।

ଧରନ୍ତୁ ସନ୍ଧ୍ୟା ସମୟରେ ବରୁଣ ବାବୁ ହାକିମଙ୍କ ଘରେ ପହଞ୍ଚି ଦେଖିଲେ ଯେ, ମିସେସ୍ ଗୁପ୍ତ ବଜାର କରିବା ଉଦ୍ଦେଶ୍ୟରେ ବାହାରିଛନ୍ତି । ବରୁଣ ବାବୁ ଅନୁଗତ ଭୃତ୍ୟପରି ମିସେସ୍‌ଙ୍କୁ ଶୁଭ ସନ୍ଧ୍ୟା ଜଣାଇ କହିଲେ—"ଆପଣଙ୍କ ମାର୍କେଟିଂ କରିବାରେ ମୁଁ କୌଣସି ସାହାଯ୍ୟ କରି ପାରିବିକି ।" ସତ କହିବାକୁ ଗଲେ, ମିସେସ୍ ଗୁପ୍ତ ବାସ୍ତବରେ ଜଣେ ସାହାଯ୍ୟକାରୀ ମନେ ମନେ ଲୋଡ଼ୁଥିଲେ । ତେଣୁ ତାଙ୍କର ସମ୍ମତି ପରେ ବରୁଣ ବାବୁ ତାଙ୍କ ପଛେ ପଛେ ଚାଲିଲେ ।

ଧରନ୍ତୁ ହାକିମଙ୍କ ବଡ଼ଝିଅ ମିସ୍ ଲକ୍ଷ୍ମୀ ଗୁପ୍ତ ସନ୍ଧ୍ୟା ସମୟରେ ନିଜର ପଢ଼ାଘରେ ବସି ପାଠ ଅଭ୍ୟାସ କରୁଛନ୍ତି । ମି: ବରୁଣ ଦାସ ଠିକ୍ ସେତିକିବେଳେ ସେଠାରେ ପହଞ୍ଚି ତାଙ୍କୁ ଶୁଭସନ୍ଧ୍ୟା ଜ୍ଞାପନ କରି ଅଯାଚିତ ଭାବରେ ଆଲ୍‌ଜେବ୍ରାର ଫର୍ମୁଲା ତଥା ଇଂରାଜୀ କବିତା ବୁଝାଇବାକୁ ପାଇଁ ବସି ପଡ଼ିଲେ ।

ଧରନ୍ତୁ··· । ନା, ଆଉ ଅଧିକ ଉଦାହରଣ ଉଲ୍ଲେଖ ନ କଲେ ବି ଆପଣମାନେ ବରୁଣ ଦାସଙ୍କର କାର୍ଯ୍ୟାବଳୀର ଧାରଣା କରି ପାରିଲେଣି । ଅଧିକ ଉଦାହରଣ ବାହୁଲ୍ୟତା ଦୋଷରେ ଦୂଷଣୀୟ ହେବ । ତେବେ ହାକିମଙ୍କ ଘରେ ସନ୍ଧ୍ୟା ସମୟରେ ବରୁଣ ଦାସଙ୍କ ଉପସ୍ଥିତି ତଥା ତାଙ୍କର ସେଠାରେ ଚମ୍ଚାସେବା ମୂଳକ କାର୍ଯ୍ୟାବଳୀ ଯେ ନିୟମିତ କର୍ତ୍ତବ୍ୟ ହୋଇ ଉଠିଥିଲା, ତାହା ଆମ୍ଭେମାନେ ନିଶ୍ଚୟ ସ୍ପଷ୍ଟ ଜାଣି ପାରିବୁଁ । ହାକିମ ଘରର ବଜାର ସଉଦା କରିଦେବା, ତାଙ୍କ ପିଲାମାନଙ୍କୁ ସାନ୍ଧ୍ୟ ଭ୍ରମଣ ଲାଗି ସଙ୍ଗରେ ନେବା, ତାଙ୍କ ପରିବାରଙ୍କୁ ସିନେମା ଦେଖାଇ ନେବା, ତାଙ୍କ ପିଲାମାନଙ୍କୁ ପଢ଼ାରେ ସାହାଯ୍ୟ କରିବା ଇତ୍ୟାଦି କର୍ମ ବରୁଣ ଦାସ ସ୍ୱତଃ ପ୍ରବୃତ୍ତ ହୋଇ ନିଃସ୍ୱାର୍ଥପର ଭାବରେ ଅନାୟାସ

ତଳାଇ ଆସିଛନ୍ତି । ଏହାର ବୈପରୀତ୍ୟ ସ୍ୱରୂପ ବରୁଣ ଦାସ କହନ୍ତି —"ବୃଥାରେ ସମୟ କଟାଇବା ଅପେକ୍ଷା କିଛି କାର୍ଯ୍ୟ କଲେ, ଆଉ କିଛି ନ ମିଳୁ, ଅନ୍ତତଃ ମାନସିକ ଶାନ୍ତି ଓ ଆତ୍ମସନ୍ତୋଷ ମିଳେ ।" ମାତ୍ର ଅବସରଣୀୟ ଲୋକେ ଭିନ୍ନ ପ୍ରକାରର ମନ୍ତବ୍ୟ କରନ୍ତି । ସେମାନେ କହନ୍ତି—"ଦସ୍ତି ଖାଇ ଶୋଇବା ଆଗରେ ଡେଇଁବା ପ୍ରବୃତ୍ତିର ଲୋକ ବରୁଣ ଦାସ ନୁହନ୍ତି । ସାଜନ ଓ ସାଜନ ପରିବାରର ସେବା କରିବା ମୂଳରେ ତାଙ୍କର ପ୍ରକୃତ ବଡ଼ ସ୍ୱାର୍ଥ ରହିଛି । ସାଜନଙ୍କ ଜ୍ୟେଷ୍ଠା କନ୍ୟା ମିସ୍ ଲିସ ସମ୍ପର୍କ ସ୍ଥାପନ କରିବା ଲାଗି ସେ ନିରବଚ୍ଛିନ୍ନ ସାଧନା କରୁଛନ୍ତି । ସାଜନ କନ୍ୟାଙ୍କ ପାଣି ଗ୍ରହଣ କରି ପାରିଲେ ତାଙ୍କର ବଡ଼ ଉନ୍ନତି ସାଜନ ଧ୍ୱଜର ମଧ୍ୟ ପାଦ ଚଳେଇ ଆସି ଥିଆ ହେବ । ଲଭ୍ୟାଂଶ ଲଭ୍ୟାଂଶ ।"

ଏସବୁ ପରଶ୍ରୀକାତର ପର ନିନ୍ଦୁକଙ୍କ କଥାରେ ଆମ୍ଭେମାନେ ବିଶେଷ ଗୁରୁତ୍ୱ ଆରୋପ କରୁନା । ଏସବୁ କଥାରେ ସତ କେତେ ଆଉ ମିଛ ବା କେତେ, ତାହା ଅନୁମାନ ସାପେକ୍ଷ । ସଂସାରରେ ଏପରି ଲୋକ ଅଛନ୍ତି, ଯେଉଁମାନେ ଅନ୍ୟର ସୌଭା-ଗ୍ୟକୁ ସହ୍ୟ କରି ପାରନ୍ତି ନାହିଁ । ତେଣୁ ସୌଭାଗ୍ୟବନ୍ତର ପ୍ରତ୍ୟେକ କାର୍ଯ୍ୟ ମୂଳରେ ଛିଦ୍ର ଅନ୍ୱେଷଣ କରି ଥାଆନ୍ତି । ଅଥଚ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏହି ପର ନିନ୍ଦୁକ ଶ୍ରେଣୀ ଏତାଦୃଶ ସୌଭାଗ୍ୟ ଲାଗି ସମସ୍ତଙ୍କଠାରୁ ଅଧିକ ଲାଳାୟିତ ।

ବରୁଣ ଦାସଙ୍କ ମନର କୌଣସି କୋଣରେ ପ୍ରକୃତ ସ୍ୱାର୍ଥ ବା ବାସନା ଯାହା ଥାଉ ନା କାହିଁକି ସେ କିନ୍ତୁ ଦୋଷନରେ ସାଜନଙ୍କ ଘରକୁ ଯାଆନ୍ତି ନାହିଁ । ସେ ପର ନିନ୍ଦୁକଙ୍କ କଟାକ୍ଷ ବା ନିନ୍ଦାକୁ ଭ୍ରୂକ୍ଷେପ ନ କରି ଅଫିସ ଛୁଟି ହେବାପରେ ପ୍ରତ୍ୟହ

ସେମାନଙ୍କ ଘରକୁ ଯାଆନ୍ତି ଆଉ ସ୍ୱେଚ୍ଛା ପ୍ରଣୋଦିତ ହୋଇ ସେମାନଙ୍କ ପରିବାରଙ୍କ ସେବା କରନ୍ତି । ତାଙ୍କର ଏକନିଷ୍ଠ ବା ସେବା ପର ଅନ୍ୟର ଦୁଃଖ ଲାଘବ ହୁଏ, ସେଥିଲାଗି କରୁଣ ଦାସ ଦାସୀ ହୁଅନ୍ତି ।

ଆମର ପୂର୍ବପୁରୁଷମାନେ ଦୁଇଟି ଆଧ୍ୟାତ୍ମ ଉକ୍ତିବାଣୀ କହିଯାଇଛନ୍ତି—'କଷ୍ଟ କଲେ କେଷ୍ଟ ପ୍ରାପ୍ତି ହୁଏ' ତଥା 'ସାଧନାରେ ସିଦ୍ଧି ଲାଭ ହୁଏ' । କରୁଣ ଦାସଙ୍କର ଏହି ନିରବଚ୍ଛିନ୍ନ ସାଧନାର ଫଳ ସୁଫଳ ଅଟେ । ତାଙ୍କର ଅସୀମିତ ନିସ୍ୱାର୍ଥପର ଭାବରେ ସେମାନ ବା ସେମାନ ପରିବାର-ସେବା ନୂଆ ଜୀବ ଦାନ୍ତି । ସେହି ଘଟଣାଟି ଉଲ୍ଲେଖ କରିବା ଆମମାନଙ୍କର ଉଦ୍ଦେଶ୍ୟ ।

ସେଦିନ କର୍ମମୁଖର ଜନକ ସହର କଟକରେ ଫାଲ୍‌ଗୁନର ଗୋଟିଏ ଦ୍ୱିପ୍ରହର ମୁଖରିତ ଗୋଧୂଳି ଉଦ୍ଭାସିତ ଆସିଥାଏ । ନବ ବସନ୍ତର ରଙ୍ଗୀନ ଆଲୋକ ସମ୍ଭାରରେ ସହରଟିର ନବ ଯୌବନ ଫେରି ଆସିବା ଭଳି ମନେ ହେଉଥାଏ । ବିଶେଷତଃ କାଠଯୋଡ଼ି ଜଳରେ ଯୋଡ଼ି ଯୋଡ଼ି ତରୁଣ ତରୁଣୀଙ୍କର ସାନ୍ଧ୍ୟ ଭ୍ରମଣ ସେହିପରି ତଥା ପ୍ରାସାଦ, କ୍ୟାପିଟାଲ, ଅନ୍ନପୂର୍ଣ୍ଣା ପ୍ରାଙ୍ଗଣରେ ସେମାନଙ୍କର ହାସ୍ୟ-ମୁଖରିତ ପରିବେଶ ସୃଷ୍ଟିରୁ ସହରର ଗୋଟିଏ ଅଭିନବ ପରିବର୍ତ୍ତନର ସୂଚନା ମିଳୁଥିଲା ।

ଫାଲ୍‌ଗୁନର ଏହିପରି ଗୋଟିଏ ସୁନ୍ଦର ଗୋଧୂଳି ଲଗ୍ନରେ ମି: କରୁଣ ଦାସ ରୁମାଲରେ କେଶ୍‌ମିନ ସେଣ୍ଟ ଭରି, ଅଧରରେ କ୍ୟାପ୍‌ଷ୍ଟାନ ସଂଯୋଗ କରି ହସ ହସ ବଦନରେ ସେମାନ ମି: ସମ୍ପ୍ଲିଙ୍କ ଘରକୁ ବୁଲିଛନ୍ତି । କାରଣ କେତେଦିନ ହେଲା ମି: କରୁଣ ଦାସଙ୍କ ମନଟା ଏ ଉଚ୍ଛୃଙ୍ଖଳ ଥିବା ଭଳି ମନେ ହେଉଛି । ସେମାନଙ୍କ ନେଷ୍ଟୀ କନ୍ୟା ମିସ୍ ଲିଲି ସମ୍ପ୍ଲି ଆଜିକାଲି ଯେପରି କରୁଣ ଦାସଙ୍କ ପ୍ରତି ଟିକିଏ ସହଜ ଥିବା ଭଳି ଜଣା ପଡ଼ୁଛି । ଗତନ ଅଧ୍ୟାୟରେ

ବ୍ୟାଡ଼ମିଣ୍ଟନ ବା କ୍ୟାରେମ ଖେଳରେ, ସେମାନେ ଟିକଟ କିଣି ଦେବାରେ ଲକ୍ଷ୍ମୀ ସାହୁ ବରୁଣ ଦାସଙ୍କ ନିକଟରୁ ଅଯାଚିତ ସାହାଯ୍ୟ ଲାଭ କରି ତାଙ୍କ ପ୍ରତି କୋଉଠୁଏ ଟିକିଏ ଅନୁରକ୍ତା ହୋଇ ଉଠି-ଛନ୍ତି । ତେଣୁ ମଝିରେ ମଝିରେ ଲକ୍ଷ୍ମୀ ସାହୁ ତାଙ୍କୁ ନିଜ ବ୍ୟୟ ଓ କଷ୍ଟାର୍ଜିତ ଉପହାର ଦେବା ସଙ୍ଗେ ସଙ୍ଗେ ଚକୋଲେଟ୍, ରିବନ, ଏନ୍‌ଭେଲପ୍, ସିନେମା ମାଗାଜିନ ଇତ୍ୟାଦି ଆଣି ଦେବା ଲାଗି ବ୍ୟସ୍ତ କରି ଆସନ୍ତି । ବରୁଣ ଦାସ ଲକ୍ଷ୍ମୀ ସାହୁଙ୍କ ଅନୁକମ୍ପାକୁ ପ୍ରଶ୍ରୟର ଦୃଷ୍ଟି ଭାବି ମନେ କରି ଅନ୍ତର ଭିତରେ ଖୁସି ଖୁସି ହେବା ସଙ୍ଗେ ସଙ୍ଗେ ଧୀରେ କଲେଜ କରି ତାଙ୍କର ଘରଯାଏଁ ପହଞ୍ଚାଇ ଦେଇ ଆସନ୍ତି । ଆଜି ମଧ୍ୟ ବରୁଣ ଦାସ ବକ୍‌ସି ବଜାରର ଏକ ଦୋକାନରୁ ଗୋଟିଏ ଚକୋଲେଟ୍ ବାକ୍ସ କିଣି ଲକ୍ଷ୍ମୀ ସାହୁଙ୍କ ଦରବାରକୁ ଚାଲିଛନ୍ତି ।

ବରୁଣ ଦାସ ମି: ସାହୁଙ୍କ ଘରେ ପହଞ୍ଚିବା ବେଳକୁ ସଂଧ୍ୟା ଅନ୍ଧାର ହୋଇ ସାରିଥିଲା । ବଙ୍ଗଳାଟିର ଚତୁର୍ଦ୍ଦିଗରେ ଉଜ୍ଜ୍ୱଳ ବିଜୁଳି ବତୀ ଜଳୁଥିବା ସତ୍ତ୍ୱେ ଯେପରି ଟିକେ ନିର୍ଜନ ମଶାଣି ପରି ମନେ ହେଉ-ଥିଲା । ମି: ସାହୁ ଦୁଇଦିନ ହେଲା କଲିକତା ଯାଇଛନ୍ତି, ଏକଥା ବରୁଣ ଦାସ ଜାଣନ୍ତି । ତଥାପି ମିସେସ୍ ସାହୁ ଲକ୍ଷ୍ମୀ ଆଜି ଘରର ପୂର୍ବାଂଶ ତ ଅଛନ୍ତି । ମାତ୍ର ବରୁଣ ଦାସ ହଠାତ୍ କାହାରି ଉପସ୍ଥିତି ଉପଲବ୍ଧି କରି ପାରିଲେ ନାହିଁ । ସତେ ଯେପରି ବଙ୍ଗଳାଟି ମୂକ ବଧିର ପାଲଟି ଯାଇଛି, କେବଳ ଯାହା ବିଜୁଳିବତୀ-ଆଖିରେ ଜଳ ଜଳ କରି ଚାହିଁ ରହିଛି ।

ଡ୍ରଇଂରୁମରେ ମିସ୍ ଲକ୍ଷ୍ମୀ ସାହୁ ଅନୁପସ୍ଥିତ ଥିଲେ । ବରୁଣ ଦାସଙ୍କ ମନ ଭିତରର ଆନନ୍ଦ ଓ ଉଲ୍ଲାସ ଟିକିଏ ଦମିଗଲା । ସେ ଟିକିଏ ଶଙ୍କିତ, ଆଶାହତ ହୃଦୟରେ ଫେରିଯିବା କଥା ଚିନ୍ତା କରୁ

ବହୁ ସ୍ଥଳ ସ୍ଥଳ ହେଉଛି ବାଲିଯାତ୍ରେ କେଉଁ ପାଦ ଆଗେଇ ଗଲେ । ସ୍ଥଳର ବାଳର କାହାରି ଦେଖା ମିଳିଲେ ତାଙ୍କ ଅନୁସନ୍ଧାନଙ୍କ ଅନୁସନ୍ଧିତ କାରଣ ଜଣା ପଡ଼ନ୍ତା । ଏହି ଆଶାରେ ବରୁଣ ଦାସ ଏପାଖ ସେପାଖ ଖୁନ୍ଦି ଖୁନ୍ଦି ହଠାତ୍ ଶାଳୀ ଶୋଇବା ଘରର ବାତାୟନ ପଥରେ ଦେଖି ପାରିଲେ ଯେ, ମିସ୍ ଲକ୍ଷ୍ମୀ ସ୍ୱର ଶଯ୍ୟା ଉପରେ ବସି କେଶ ପ୍ରସାଧନ କରୁଛନ୍ତି । ସନ୍ଧ୍ୟା ତାଙ୍କର ଦୃଷ୍ଟିକୁ ଟାଳିଯାଏ ସକଳ ଜ୍ୟୋତି ଆସିଲା । ସେଥିପାଇଁ ଉପରେ ଏତେ ଜନଶୂନ୍ୟ ଘରର ମଧ୍ୟରେ ପରିବେଶ । ତାଙ୍କୁ ଲାଗୁଥିଲା ବସନ୍ତର ଏହି ସ୍ନିଗ୍ଧ ମନୋରମ ସନ୍ଧ୍ୟା । ଏପରି ପରିସ୍ଥିତିରେ ଜୀବନ ମାନସୀ ପ୍ରତିମାକୁ ଏକାକୀ ଦେଖିଲେ ଖାଲି ବରୁଣ ଦାସ କୁହନ୍ତି, ଜଗତର ସବୁ ତରୁଣଙ୍କ ଅବସ୍ଥା ସେପରି ହେବ । ତାଙ୍କର ଦୋଷ କ'ଣ ?

ଏହି ମନୋରମ ପରିବେଶଟିକୁ ଟିକିଏ ରସ-ମଧୁର ଭଙ୍ଗୀରେ ଉପଭୋଗ କରିବା ଉଦ୍ଦେଶ୍ୟରେ ବରୁଣ ଦାସ କମ୍ପିତ ବକ୍ଷ ଓ ଧୀର ପଦକ୍ଷେପରେ ପର୍ଦ୍ଦା ଟେକି ସେହି ଘରଭିତରକୁ ପ୍ରବେଶ କଲେ । ଅତି ସନ୍ତର୍ପଣରେ ନିଶ୍ୱାସ ବନ୍ଦ କରି ଧୀରେ ଧୀରେ ଆଗେଇ ଲକ୍ଷ୍ମୀଙ୍କ ପଛପଟରେ ଆସି ଠିଆ ହେଲେ । କିଛିକ୍ଷଣ ନୀରବରେ ଦଣ୍ଡାୟମାନ ହୋଇ ଲକ୍ଷ୍ମୀଙ୍କ ଅନୁରଞ୍ଜିତ ବିପୁଳ କୃଷ୍ଣ କେଶ ସମ୍ଭାରର ସୌନ୍ଦର୍ଯ୍ୟ ଉପଭୋଗ କରିବା ସଙ୍ଗେ ସଙ୍ଗେ ଲକ୍ଷ୍ମୀଙ୍କ ରକ୍ତ ପାଂଶୁଳର ସୁରଭି ଘ୍ରାଣରେ ଚେତନା ଶକ୍ତି ହରାଇ ବସିଲେ । ତାପରେ ହଠାତ୍ ଗୋଟାଏ ଉନ୍ମତ୍ତ-ଉନ୍ମାଦନାରେ ସେ ଲକ୍ଷ୍ମୀଙ୍କ ବେଣୀ ମୂଳ ଦେଶରେ ଗଭୀର ଚୁମ୍ବନ ଦେଇ ପ୍ରସ୍ଥାନ କଲେ ।

ସନ୍ଧ୍ୟା ଘର ଭିତରେ ଲହ ଲହ ହୋଇ ଲାଗିଲା ଧପ୍ କରି ଜଳି ଉଠିଲା । ଅଦୂରରେ ସେପରି ବୈଶାଖୀ ସଂଜ ଭିତରେ

ସୁଖଣ ଅଶାଳୀନ ଶବ୍ଦ ଶୁଣାଇଲା । ମିଷ୍ଟର ଇଷ୍ଣ ସେନ୍ ହଠାତ୍ 'ଓଏ କଏ' ହୋଇ ଆର୍ତ୍ତ ଚିତ୍କାର କରି ଉଠିଲେ । ଯୁବକ ଓ ଡ୍ରାଇଭର ବଙ୍ଗଳାରେ ସେତେବେଳେ ଉପସ୍ଥିତ ନ ଥିଲେ । ମାଝ ସୁପ୍ତା ଆଈ ଆୟା "କ'ଣ ହେଲା, କ'ଣ ହେଲା ମା' କହି ଧାଇଁ-ଆସି ଦ୍ୱିଗୁଣ ଚିତ୍କାର ଆରମ୍ଭ କରି ଦେଲେ । ହଠାତ୍ ସମ୍ମୁଖରେ ସମସୃଷ୍ଟ ଦର୍ଶନୀୟ ସୁଖଣ ଉପୁଜାତ ଫଳରେ ବରୁଣ ବାବୁଙ୍କ ଦେହ ଓ ମୁଖ ବିସ୍ତାରିତ ହେଲା । ମାତ୍ର ଦୃଷ୍ଟି ସମ୍ମୁଖରେ କେବଳ ଅନ୍ଧକାର ଆଉ ତା ମଧ୍ୟରେ ସବୁଜ ଜୋନାକି ଭଳି । ସେ ଆଉ କିଛି ଦେଖି ପାରୁ ନ ଥିଲେ । ମିଷ୍ଟର ଇଷ୍ଣ ସେନ୍‌ଙ୍କ ଆର୍ତ୍ତ ଚିତ୍କାର କମ୍ପା ସୁପ୍ତା ଆୟାଙ୍କ ବିକଟ ଚିତ୍କାର ଫଳରେ ସେ ଯେ ସବୁ ଶୁଣିଲେ ତାହା ନୁହେଁ, ମିଷ୍ଟର ଇଷ୍ଣ ସେନ୍‌ଙ୍କ ଉପସ୍ଥିତି ସେଠାରେ ମିସେସ୍ ସେନ୍‌ଙ୍କୁ ଦେଖି ସେ ଏପରି ଶ୍ରୁତି ହକ୍କୃତର ଓ ହେତବାହତ ଦଶା ପ୍ରାପ୍ତ ହେଲେ । ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ସ୍ୱେଦଧାରା ପ୍ରବାହିତ ହେବା ଫଳରେ ମୂଲ୍ୟବାନ ଲିନେନ୍ ସୁଟ୍‌ଟି ଆର୍ଦ୍ର ହୋଇ ଉଠିଲା । ଅବଶେଷରେ ସେ ନିଜର ସମସ୍ତ ଶକ୍ତି ଓ ଶରୀରର ଭାରସାମ୍ୟ ହରାଇ କମ୍ପିତ କଳେବରରେ ଧପ୍ କରି ଗୋଟିଏ ଚୌକିରେ ବସି ପଡ଼ିଲେ । ଅର୍ଦ୍ଧଚେତନ ଅବସ୍ଥାରେ, ଜଡ଼ିତ ସ୍ୱରରେ ତାଙ୍କ ମୁହଁରୁ କେବଳ ଗୋଟିଏ ପଦ ନିର୍ଗତ ହୋଇଥିଲା—"Excuse me Madam !"

ମି: ବରୁଣ ବାବୁ ଏକ ଅଶୁଭ ମୁହୂର୍ତ୍ତରେ ଦୃଷ୍ଟିହୀନ ଫଳରେ ଯେଉଁ ଅକ୍ଷମଣୀୟ ଅପକର୍ମ କରି ବସିଲେ ତା'ର ଏକ ଅପ୍ରତ୍ୟାଶିତ ଓ ଅପ୍ରତ୍ୟାଶିତ ମଧୁର ପ୍ରତିକ୍ରିୟା ସୃଷ୍ଟି ହେବା କଥା ଦେଖି ସେ ସମ୍ପୂର୍ଣ୍ଣ କିଂକର୍ତ୍ତବ୍ୟ-ବିମୂଢ଼ ହୋଇ ପଡ଼ିଲେ । ମିସେସ୍ ସେନ୍‌ଙ୍କ ନିକଟରୁ ସେ ନିଜର ଅପକର୍ମ ଲାଗି ଯେଉଁ ଧମକଣର ବ୍ୟବହାର

ଆଶାକରି ଲଜ୍ଜାରେ ମୁଖ ଗାଲକି ଯାଉଥିଲେ; ତାହା କ୍ଷଣକ ମଧ୍ୟରେ ଶରତର ଆକାଶର ହାଲୁକା ମେଘ ପରି କେଉଁ ଆଡ଼େ ଲୁଚିଗଲା ।

ମିସେସ୍ ଗୁପ୍ତ ଲଜ୍ଜା-ବିହ୍ୱଳ କଣ୍ଠରେ 'କମ୍ କମ୍' ବୋଲି ଆଖି ଶଙ୍କାରି କରିବା ସଙ୍ଗେ ସଙ୍ଗେ ପଶ୍ଚାତ୍ ଫେରି ବୁଲିଥିଲେ । ପଛରେ ଏକ ସୁନ୍ଦର ଦର୍ଶନ ସ୍ୱାସ୍ଥ୍ୟବାନ ଓ ଚାଞ୍ଚଲ୍ୟ ଲାବଣ୍ୟମାନ ଯୁବକ ବରୁଣ ଦାସଙ୍କୁ ଦେଖି ତାଙ୍କର ଅଧର କୋଣରେ ସ୍ମିତହାସ ଫୁଟିବା ସଙ୍ଗେ ସଙ୍ଗେ ଆଖିର ଦୃଷ୍ଟି ଉତ୍ସୁକ-ପୁଲକିତ ତଥା କାମନା ଶାଣିତ ହୋଇ ଉଠିଲା । ସେ ଧୀର ସୁମଧୁର କଣ୍ଠରେ କହିଲେ—"ଆରେ ବରୁଣ ଯେ ! କେତେବେଳୁ ଆସିଲଣି ? ବସ, ବସ ।" ମାତ୍ର ଆଶଙ୍କା ବଢ଼ାଇ ବରୁଣ ଦାସଙ୍କ କର୍ଣ୍ଣରେ ତାଙ୍କର ଏହି ନିମନ୍ତ୍ରଣ-ବାଣୀ ପ୍ରବେଶ କରି ପାରିଲା ନାହିଁ । ତାଙ୍କର ସ୍ମିତହାସ୍ୟ ଫୁଲରେ ଚମକ ଭଳି ସଦୃଶ ଯାହା ଦଶନାବକାଶ ଘଟିଥିଲା ତାହା ତାଙ୍କର କ୍ରୋଧ ଜନିତ ବକ୍ର ଘର୍ଷଣ ମଧ୍ୟେ ଭରି ବରୁଣ ଅଧିକ ଲଜ୍ଜା ପାଇଥିଲେ ।

ଏଠାରେ ମିସେସ୍ ଗୁପ୍ତଙ୍କ ସମ୍ବନ୍ଧ ଆପଣମାନଙ୍କର ଟିକିଏ ପରିଚୟ ଦେବା ଉଚିତ । ସେକ୍ରେଟେରିଏଟ୍‌ର ହାକିମ ମିଃ ଗୁପ୍ତଙ୍କ ସହଧର୍ମିଣୀ ମିସେସ୍ ସାଧନା ଗୁପ୍ତ ଜୀବନରେ କୌଣସି ଦିନ ସ୍ୱାମୀ ଅନୁରକ୍ତା ନ ଥିଲେ, ଆଜି ମଧ୍ୟ ନୁହନ୍ତି । ମିଃ ଗୁପ୍ତ ସାଧାରଣ କିରାଣୀ ଜୀବନରୁ ସମୟାନୁରୂପ ଉନ୍ନୀତ ହୋଇ ହାକିମ ହୋଇଛନ୍ତି । ତେଣୁ ସେ ସ୍ୱଭାବ ଜଣାରେ ଆତ୍ମ-ସଚେତନ । କୌଣସି ଦିନ ମିସେସ୍ ଗୁପ୍ତଙ୍କ ଯୌବନ ବା ରୂପ ଚର୍ଚ୍ଚାକୁ ଦୃଷ୍ଟି ଦେବାର ଅବସର ପାଇଲେ ନାହିଁ । ମାତ୍ର ମିସେସ୍ ଗୁପ୍ତ ସେଥିପାଇଁ କୌଣସି ଦିନ ଅଭିମାନ କରି ନାହାନ୍ତି । ସେ ଅବୋଧ ନୁହନ୍ତି । ତେଣୁ ତାଙ୍କର ଯୌବନର ଉପଯୁକ୍ତ ମୂଲ୍ୟ ସେ ଆଦାୟ କରି ଶିଖିଛନ୍ତି ।

ତାଙ୍କର ଜ୍ୟେଷ୍ଠା କନ୍ୟା ଷୋଡ଼ଶୀ ଇଭା ରାସ୍ ତାଙ୍କ ପାଖରେ ରହନ୍ତି ଆଉ ଷ୍ଟୁଆର୍ଟରେ ପଢ଼ନ୍ତି । ଏକାଦଶ ବର୍ଷୀୟ ଏକମାତ୍ର ପୁତ୍ର ଦାର୍ଜିଲିଂରେ ପଢ଼ନ୍ତି ଆଉ କନିଷ୍ଠା ସପ୍ତ ବର୍ଷୀୟା କନ୍ୟା କନ୍‌ଭେଣ୍ଟ୍ ସ୍କୁଲରେ ରହି ପଢ଼ନ୍ତି । ତେଣୁ ମିସେସ୍ ରାସ୍ ବର୍ତ୍ତମାନରେ ଏକ ପ୍ରକାର ନିରବଚ୍ଛିନ୍ନ ଶାନ୍ତିମୟ ନିର୍ଦ୍ଦ୍ୱନ୍ଦ୍ୱ ଜୀବନ ଅତିବାହିତ କରନ୍ତି । ନିଜ ସ୍ୱାମୀଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଏହି ସ୍ୱାସ୍ଥ୍ୟବାନ ସୁନ୍ଦର ଯୁବକ ବରୁଣ ଦାସ ପ୍ରତି ସେ ବହୁ ପୂର୍ବରୁ ଆକୃଷ୍ଟା ହୋଇଥିଲେ । କିନ୍ତୁ ବାହ୍ୟ ଇଙ୍ଗିତରେ ନିମନ୍ତ୍ରଣ ଜଣାଇ ଥିଲେ ମଧ୍ୟ କନ୍ୟା-ପ୍ରେମ ପାଗଳ ନିର୍ବୋଧ ବରୁଣ ଦାସ ତାହା ଲକ୍ଷ୍ୟ କରି ପାରି ନ ଥିଲେ ମାତ୍ର ଆଜି ସନ୍ଧ୍ୟାରେ ଇଭା ରାସ୍ ସିନେମା ଯାଇଥିବା ଆଉ ମି: ରାସ୍ କଲିକତା ଯାଇଥିବା ଅବସରରେ ଶ୍ରୀମାନ୍ ବରୁଣ ଦାସ ଏକ ନାଟକୀୟ ଭଙ୍ଗୀରେ ମିସେସ୍ ରାସ୍‌ଙ୍କ କୋଳରେ ଧରା ପଡ଼ିଗଲେ ।

ମିସେସ୍ ରାସ୍ ଅନ୍ତରର ଅବ୍ୟକ୍ତ ପୁଲକକୁ ଯଥାସାଧ୍ୟ ସଂଯତ କରି ପୁଷ୍ପାଶ୍ରୁ ଓ ଆସ୍ୱାକୁ ସେଠାରୁ ଅନ୍ତର ହେବା ଲାଗି ଗମ୍ଭୀର କଣ୍ଠରେ ଆଦେଶ ଦେଲେ । ଦାସ ଦାସୀ ବିସ୍ମୟ ଭର୍ତ୍ତି ଦୃଷ୍ଟିରେ ପରସ୍ପର ମୁହଁକୁ ଚାହିଁ ଘଟଣାଟିର ଗୁରୁତ୍ୱ ଧାରଣା କରି ନ ପାରି ସେଠାରୁ ଖସିଗଲେ । ମିସେସ୍ ରାସ୍ ଧୀରେ ଧୀରେ ଆଗେଇ ଆସି ବରୁଣ ଦାସଙ୍କର ଗୋଟିଏ କମ୍ପିତ ହସ୍ତ ନିଜର କର-ପଲ୍ଲବରେ ବନ୍ଦୀ କରି ସ୍ମିତ ହସିଲେ । କହିଲେ—"ମୁଁ ବହୁ ପୂର୍ବରୁ ଏହା ଜାଣିଥିଲି ବରୁଣ···।"

ବରୁଣ ଦାସ କମ୍ପିତ କଣ୍ଠରେ କହିଲେ—"Up on God ! ମ୍ୟାଡାମ୍, ମୁଁ ପୂର୍ବରୁ ମୋଟେ ଜାଣି ନ ଥିଲି ଯେ···।"

ମିସେସ୍ ଗୁପ୍ତ ବରୁଣଙ୍କ ପାଖରେ ବସି ଘଞ୍ଚ ଅଭିମାନ କଣ୍ଠରେ କହିଲେ—"ଚୁପ୍ କର ବରୁଣ, ଚୁପ୍ କର । ସେପରି ମ୍ୟାଡ଼ାମ୍, ମିସେସ୍ କହିଲେ ମୁଁ ଆଉ ତୁମକୁ କଥା କହିବି ନାହିଁ । ଆଜି ତୁମେ ବଡ଼ ମିଥ୍ୟାବାଦୀ ! ମନେ ମନେ ତୁମେ ମୋତେ ବହୁ ପୂର୍ବରୁ ଭଲ ପାଉଥିବା କଥା ଜାଣି ନ ଥିଲ ବୋଲି କହି ମିଛ କହୁଛ । ମୁଁ କିନ୍ତୁ ଠିକ୍ ଜାଣିଥିଲି ଯେ, ତୁମେ ମୋତେ ଭିତରେ ଭିତରେ ଭଲ ପାଅ ଆଉ ମୋରି ସାନ୍ନିଧ୍ୟ ଆଶାରେ ତୁମେ ଅସ୍ମିତ ନାନାଦି ଆଳ କରି ଏଠାକୁ ଆସ ।"

ଏ କି ବିଷମ ସଙ୍କଟରେ ବରୁଣ ଦାସ ପଡ଼ିଗଲେ ! ଏହା ଯେ ଶୁଦ୍ଧମତ ପ୍ରଣୟ ନିବେଦନ ! ବରୁଣ ଦାସ ତ ସ୍ୱପ୍ନରେ ବି ଏପରି ଦୁରାଶା କରି ନ ଥିଲେ । ହାକିମ ସ୍ୱାମୀର ଅଧଃସ୍ତନ କର୍ମଚାରୀ ଗରିବ ବରୁଣ ଦାସଙ୍କୁ ହାକିମ ପତ୍ନୀ ଅଭିଜାତ ସମାଜର ଚୂଡ଼ାନ୍ତ ମିସେସ୍ ସାଧନା ଗୁପ୍ତ ପ୍ରଣୟ ନିବେଦନ କରୁ ଥାଆନ୍ତି. ଏହା କ'ଣ ବିଶ୍ୱାସଯୋଗ୍ୟ ? ଏହି ବିଷମ ପରିସ୍ଥିତିର ସମ୍ମୁଖୀନ ହୋଇ ବିଚରା ବରୁଣ ଦାସଙ୍କ କଣ୍ଠ ଶୁଖି ଆଠା ଆଠା ଲାଗିଲା । ସେ ଭଗ୍ନ କଣ୍ଠରେ ଥରେଇ ଥରେଇ କହିଲେ—"ମୋତେ··· କ୍ଷ···ମା···କରିବେ···ମିସେସ୍···!"

ଏଥର ମିସେସ୍ ଗୁପ୍ତ ବରୁଣ ଦାସଙ୍କ ବକ୍ଷ ଉପରେ ନିଜର ସମସ୍ତ ଅଙ୍ଗ ଲତା ଢାଳି ଦେଇ ଦୁଇ ମୃଣାଳ ବାହୁରେ ତାଙ୍କର କଣ୍ଠ ବେଷ୍ଟନ କରି କହିଲେ—"ପୁଣି ସେହି ମିସେସ୍ ! କାହିଁକି ? ତୁମେ କ'ଣ ମୋତେ ସାଧନା ବୋଲି ଡାକି ପାରିବ ନାହିଁ । ଦେଖ ବରୁଣ, ମୋ ସହିତ ଆଉ ଏପରି ଛଳନା କର ନାହିଁ । ମୁଁ ତୁମ ଲାଗି ପାଗଳପ୍ରା···। ତୁମକୁ ପାଇବା ଉଦ୍ଦେଶ୍ୟରେ ମୁଁ ଚରମ

ସତ ସହ୍ୟ କରିବାକୁ ପ୍ରସ୍ତୁତ ଅଛି । ତୁମେ କ ମୋତେ ଭଲ ପାଅ ନାହିଁ ?"

—"କିନ୍ତୁ...।" ବରୁଣ ଦାସ କ'ଣ ପ୍ରତିବାଦ କରିବାକୁ ଯାଉଥିଲେ । ମାତ୍ର ମିସେସ୍ ରସ୍ସ ତାଙ୍କ କଥାରେ ବାଧା ଦେଇ କହିଲେ—"ଆମ ଦୁହିଁଙ୍କର ପ୍ରଣୟ ମୂଳରେ କିନ୍ତୁର ସ୍ଥାନ ନାହିଁ ବରୁଣ ! ତୁମର କୌଣସି ଭୟ ନାହିଁ । ସବୁ ବିପଦର ଦାୟିତ୍ୱ ମୁଁ ବହନ କରିବି । ତୁମର ପ୍ରଣୟ ବିନିମୟରେ ତୁମେ ମୋଠୁଁ ଯେଉଁ ସାହାଯ୍ୟ ଲୋଡ଼ିବ, ମୁଁ ଦେବାକୁ ପ୍ରସ୍ତୁତ ଅଛି ।"

ବରୁଣ ଦାସ ଆଉ କ'ଣ କହି ଆସୁଥିଲେ । ମାତ୍ର ସହସା ମିସେସ୍ ରସ୍ସଙ୍କ ଓଷ୍ଠ ଅଧର ଦୃଢ଼ ତାଙ୍କର କମ୍ପିତ ଅଧରରେ ଲଗିବାରୁ ସେ ବାକ୍ଶକ୍ତି ରହିତ ହେଲେ ।

ତା' ପରର ଘଟଣା ନିତାନ୍ତ ସହଜ ଓ ସରଳ ହୋଇ ଉଠିଲା । ବରୁଣ ଦାସଙ୍କ ଲିଭେନ୍ ସୂଟ୍ ଓ କ୍ୟାପ୍‌ଷ୍ଟାନ୍‌ର ଗନ୍ଧ ଭୁଲିଯିବା ଦିଗରେ ଆଉ ତାଙ୍କୁ ବିଶେଷ ଚିନ୍ତିତ ହେବାକୁ ପଡ଼ି ନ ଥିଲା । ନିୟମିତ ଯଥା ସମୟରେ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଦୁଇ ପ୍ରଣୟୀ ପ୍ରଣୟିନୀଙ୍କ ମିଳନ ଘଟିଲା । ସହରର ସିନେମା, ଥିଏଟର, ଚଢ଼ଘଡ଼ିଆ, କାଠଯୋଡ଼ି ପ୍ରଭୃତି ଟେନ୍ ଟ୍ୟାଙ୍କ୍ ଶୋଭିତ ବରୁଣ ଆଉ କର୍ଣ୍ଣେଲ୍ ଗଣପ୍ରଭା ମିସେସ୍ ରସ୍ସଙ୍କୁ ଦେଖିବାକୁ ମିଳିଲା । ପରଶ୍ରୀକାତରଙ୍କ ନିନ୍ଦା ଓ କଟୂକ୍ତି ବରୁଣ ଦାସଙ୍କ କ୍ୟାପ୍‌ଷ୍ଟାନ୍‌ର ଧୂଆଁ ସହିତ ମିଳେଇଗଲା ।

---

## —ପଣା—

ସେଦିନ ସକାଳେ ବାଚେଲର୍ସ ମେସ୍‌ର ସ୍ୱାମିନୀ ଅନୁପମା ଉପର ମହାଲରେ ମ୍ୟାନେଜର କୃଷ୍ଣ ଚରଣଙ୍କ ଘର ଝାଡ଼ୁ ଦେବାକୁ ଯାଇଁ ଆଖି ଡଗାଇ ବଡ଼ ଦୌଡ଼ ପକାଇ ଆସିଲା । ସିଡ଼ିରେ ସିନ୍ଧୁ ପଦ ସେପଟେ ଉଦ୍ଧ୍ୱାସିକା ଅବସ୍ଥାରେ ସେ କହି ଛୁଟୁଥାଏ—"ବାପୁ ଭାଇ, ଭୂପ ଭାଇ, ସମଦ୍ ଭାଇ, ସୁରେନ୍ଦ୍ର ଧାଇଁ ଆସ ଗୋ, ଧାଇଁ ଆସ । କୃଷ୍ଣ ଭାଇ କେମିତି କେମିତି କରୁଛନ୍ତି ଗୋ ସୁରେନ୍ଦ୍ର ଧାଇଁ ଆସ— ।"

ତା'ର ଏହି ବିକଟ ଚିତ୍କାର ଶୁଣି ସମଦ୍ ଖାଁ ଫଜଲ୍‌କା ଉପରୁ ମାଟି ଓ ଲେପ୍‌ଟେଣ୍ଟ୍ ଧାପ୍ସ କଳେବରରେ ଧାଇଁ ଆସିଲେ । ଭୂପେନ୍ଦ୍ର କୁମାର ଭାତ ଧରି ଖାଇଖାଇ ଯାଉଥିଲେ ! ସେ ମଧ୍ୟ ଡାଲ ହାତରେ ଅର୍ଦ୍ଧ ପଥରୁ ଧାଇଁଲେ । ବିଧୁ ଭୂଷଣ ଆଜବର ଖାଁ ଗୁଡ଼ାଖୁ ଯୋଗେ ଦାନ୍ତ ମାଜଣା କରୁଥିଲେ, ସେ ମଧ୍ୟ ସେହି ଅବସ୍ଥାରେ ଧାଇଁଲେ । କବି ଆନନ୍ଦ ପ୍ରକାଶ ଲୋଟିଏ ପ୍ରେମ କବିତାର ପ୍ରଥମ ଶାଦ ରଚନା କରି ସାରି ଦ୍ୱିତୀୟ ଶାଦର ଉପଯୁକ୍ତ ମିଳନ ଖୋଜୁଥିଲେ, ସେ ମଧ୍ୟ ଏହି ଡାକର ଫଳରେ କବିତା ଲେଖି କଲମ ହାତରେ ଧାଇଁଲେ । ସମସ୍ତେ ଆସି ଭୀତ-କମ୍ପିତା, ଉଦ୍‌ଭ୍ରାନ୍ତ ନେତ୍ରା, ଅସଂଯତ ବସନା ଅନୁପମାକୁ ଘେରି ଛିଡ଼ାହେଲେ ।

"କଥା କ'ଣ ? କ'ଣ ହେଲା କହନ୍ତୁ ଅନୁପମା ?" ସମଦ ଖାଁ ଖାଲି ଘୋଳୁ ଘୋଳୁ ପଚାରିଲେ ।

—"କୃଷ୍ଣ ଭାଇ ଗୋ କୃଷ୍ଣ ଭାଇ, କୃଷ୍ଣ ଭାଇଟା କେମିତି କେମିତି କରୁଛନ୍ତି ଗୋ ! ମୁଇଁ ଜାଣି ନାହିଁ ଗୋ ଭାଇ···ଦେଖିଲି

ତାକୁ ଉପରେ ଚଳାଇ ଆସିଲା । ସୁରେନ୍ଦ୍ର ଆସ ହୋ, ଧାଇଁ ଚଢ଼ ହୋ···।" ଗୀତ ବନ୍ଧୁକଟା ଅରୁଣାର ଛାତି ଖଣ୍ଡ ମାରିଦେଲା ।

ଅନନ୍ତ ନିବାସର ଅନ୍ୟାନ୍ୟ ଲୋକ ଅରୁଣାର ପ୍ରକାଶର କାରଣ ବୁଝି ନ ପାରି ପରସ୍ପର ମୁହଁକୁ ବିସ୍ମିତ ଦୃଷ୍ଟିରେ ଚାହିଁ ରହିଲେ । ସମଦ ଖାଁ କହିଲେ—"ଏ ପାଗଳୀ ପାଖରେ ଛିଡ଼ା ହେଇ ଫଳ ନାହିଁ । ଚାଲ କୃଷ୍ଣବାବୁଙ୍କ ଘରକୁ ଯାଇଁ ଘଟଣା କ'ଣ ଦେଖିବା ।"

ସମସ୍ତେ ଊର୍ଦ୍ଧ୍ୱ ଶ୍ୱାସରେ ତିନ ତିନଟା ସିଡ଼ି ଏକା ଏକା ଲମ୍ଫରେ ପାର ହୋଇ କୃଷ୍ଣବାବୁଙ୍କ କୋଠରୀ ଉଦ୍ଦେଶ୍ୟରେ ଧାଇଁଲେ । ସେଠାରେ ପହଞ୍ଚି ଯେଉଁ ଅଲୌକିକ ଘଟଣା ଦେଖିବାକୁ ପାଇଲେ, ସେଥିରେ କେବଳ ଅରୁଣା ସୁକରାଣୀ ନୁହେଁ ମେସ୍‌ର ଅନ୍ୟାନ୍ୟ ଲୋକ ମଧ୍ୟ ଉତ୍ସୁକରେ ଚିତ୍କାର କରି ଉଠିଲେ । ଅଳ୍ପ ହେଉ ବେଶୀ ହେଉ, ପ୍ରାୟ ସଭିଙ୍କର ଛାତି ଦମ୍ଭ ପାଣି ଫାଟି ଗଲା । ବଧୂଭୂଷଣ ସମଦ ଖାଁଙ୍କ ପଛରେ ଆସି ଛିଡ଼ା ହେଲେ । ଆନନ୍ଦ ପ୍ରକାଶ ଭୂତେଶ୍ୱର କୁମାରଙ୍କୁ ସମ୍ମୁଖରେ ରଖି ଆତ୍ମଗୋପନ କଲେ । ସୁବନ୍ଧୁ ଶଙ୍କର ଦ୍ୱାର ପାଖରେ ଛିଡ଼ା ରହି ଭଙ୍କେ ମାରି ଭିତରର ଦୃଶ୍ୟ ଦେଖୁଥାଆନ୍ତି । ଆଉ ସୁଜାତ ଘଣ୍ଟାତ ଆଖି ମିଞ୍ଜି ମିଞ୍ଜି କରି ଅନେଇ ଏ ଦୃଶ୍ୟ ଦେଖିଲା ପରେ ବାପୁଆ ଘରକୁ ଦୌଡ଼ିଲେ ।

ବାଟେଲର୍ସ ମେସ୍‌ର ସମସ୍ତ ଲୋକ କେବଳ ମ୍ୟାନେଜର କୃଷ୍ଣଚରଣଙ୍କ ଘରେ ଠୁଳ ହୋଇ ଯେଉଁ ଅଦ୍ଭୁତ ଦୃଶ୍ୟ ଦେଖିଥିଲେ, ତାହା ଯେପରି ଅଲୌକିକ ସେହିପରି କୌତୁକପ୍ରଦ । କୃଷ୍ଣଚରଣ ବାବୁ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ଚଟାଣ ଉପରେ ଶୀର୍ଷାସନରେ ଆଉ ଦୁଇ ହାତ ଉପରେ ଭରଦେଇ ତଳବନ୍ଧ ମୁଣ୍ଡ ଥାଆନ୍ତି

ଆଜି ମୁହଁରେ "ଶଶୀ ମିଶ୍ର, ଶଶୀ ମିଶ୍ର" ଶବ୍ଦ କମ୍ପିତ ଉତ୍ତେଜିତ ଭଙ୍ଗୀରେ ଉଚ୍ଚାରଣ କରୁଥାଆନ୍ତି । ବସ୍ତୁତଃ ଯୁଗଳ ମୂର୍ଚ୍ଛିତ ଅବସ୍ଥାରେ ଥାଏ । ଘୂର୍ଣ୍ଣିର ଯେତେ ଦ୍ରୁତ ହେଉଥାଏ, ମୂର୍ଚ୍ଛାର "ଶଶୀ ମିଶ୍ର" ଉଚ୍ଚାରଣ ମଧ୍ୟ ସେତେ ଦ୍ରୁତତର ହେଉଥାଏ । ଉଭୟଙ୍କ କଣ୍ଠରୁ ଶବ୍ଦ ସ୍ରୋତସ୍ୱିନୀ ପ୍ରବାହିତ ହେଲାପରି ତାଙ୍କ ଅଙ୍ଗରୁ ସ୍ୱେଦବାରି ଶତଧାରରେ ପ୍ରବାହିତ ହେଉଥାଏ ।

ଏହି ବିଚିତ୍ର ଦୃଶ୍ୟ ଅବଲୋକନ କରି ସମସ୍ତେ ଭୟ ଓ ବିସ୍ମୟରେ ମୂକ ପାଲଟି ଗଲେ । କିଛିକ୍ଷଣ ଯାଏଁ କାହାରି ମୁହଁରେ କଥାଟିଏ ଫୁଟିଲା ନାହିଁ । ଅନେକ୍ଷଣ ଭାବ କଟିଯିବା ପରେ ପ୍ରଥମେ ଦୂରଦର୍ଶୀ କହିଲେ—"ଲୋକଟା ପାଗଳ ହୋଇଗଲା କି କ'ଣ ? ଏପରି ନଚା ହେଉ ନାଚ କରିବା କଥା ଏପରି 'ଶଶୀମିଶ୍ର, ଶଶୀମିଶ୍ର' କହି ପାଟି କରିବାର ମତଲବ ବା କ'ଣ ?

କବି ଆନନ୍ଦ ପ୍ରକାଶ ଭୁପେନ୍ଦ୍ରକୁମାରଙ୍କ ପକ୍ଷରେ ଥାଇ କହିଲେ—"ବାଉଣଟା ତ ପକ୍ଷାଘାତ ହୋଇ ଯାଇଛି । କୃଷ୍ଣଚରଣ ବାବୁ ଶଶୀ ଓ ମିଶ୍ର ନାମ୍ନୀ ଦୁଇଟି ତରୁଣୀଙ୍କ ପ୍ରେମରେ ପଡ଼ିଛନ୍ତି । କାହାକୁ ଛାଡ଼ି କାହାର ପ୍ରେମ ନିବେଦନ ଗ୍ରହଣ କରିବେ ତା'ର ଶେଷ ମୀମାଂସା କରି ନ ପାରି ବୋଧହୁଏ ତାଙ୍କର ଏପରି ଉନ୍ମାଦ ଅବସ୍ଥା ଆସିଛି ।"

ଦାର୍ଶନିକ ଭୁପେନ୍ଦ୍ରକୁମାର କହିଲେ—"ମୁଁ ମଧ୍ୟ ସେହିପରି ଅନୁମାନ କରୁଛି । ପ୍ରେମ ଜୋଟାଏ ଏପରି ସୂକ୍ଷ୍ମ ବସ୍ତୁ, ଯାହା ଯଥାସମୟରେ ବିନିଯୋଗ ନ ହୋଇ ପାରିଲେ ମନୁଷ୍ୟକୁ ଅତି ସହଜରେ ପାଗଳ କରିଦିଏ । ପ୍ରେମ କରିବା ମୂଳରେ ଚିତ୍ତବୃତ୍ତିର ସଂଯତତା ତଥା ମାନସିକ ଧୈର୍ଯ୍ୟର ଏକାନ୍ତ ଆବଶ୍ୟକତା ରହିଛି । ତା' ଛଡ଼ା ପ୍ରେମ ଏପରି ଗୋଟିଏ ଏକକ ପଦାର୍ଥ, ଯାହାର

ଉଚ୍ଚାଂଶ ନାହିଁ କିମ୍ବା ଉଚ୍ଚାଂଶଜନିତ ସମ୍ବନ୍ଧ ନୁହେଁ । ତେଣୁ... ।”

ଭୂପେନ୍ଦ୍ର କୁମାରଙ୍କ କଥା ସରିବାରେ ବାଧା ସୃଷ୍ଟି କରି ସମଦ୍ ଖାଁ ଗର୍ଜି ଉଠିଲେ—“ମହିଷଟା ଏ ମକବା ଉପରେ ବସିଛନ୍ତି, ଆଉ ତୋର ପ୍ରେମ ଭକ୍ତି ବଦଳେଇବ ଭୁଲିଲୁ । ଶଳା, ଯାଲ୍ ତ ତ’ ବାଲ୍ କି ଘାଣ୍ଟି ଆଣବେ । ଆଧା, ଶଳା ମାଲିକବା ଖଣ୍ଡି ଘରରେ ଲୁଚିଛୁ କାହିଁକି ? କୃଷ୍ଣବାବୁଙ୍କୁ ଖଣ୍ଡା କରି ଯାଲ୍ ତ ।”

ଅକସ୍ମାତ୍ ମୃଗ ଶାବକ ଉପରେ ହିଂସ୍ର ଶ୍ୱାପଦ ଆକ୍ରମଣ କଲାପରି ଖାଲିଘା ସମଦ୍ ଖାଁ ସମସ୍ତ ଶକ୍ତି ପ୍ରୟୋଗ କରି କୃଷ୍ଣ-ଚରଣ ବାବୁଙ୍କୁ ମାଡ଼ ବସିଲେ । ଏଣେ ଭୂପେନ୍ଦ୍ର କୁମାର ବାଲ୍ କି ବାଲ୍ କି କରି ତାଙ୍କ ମୁଣ୍ଡରେ ଘାଣ୍ଟି ଅନବରତଭାବେ ମାରିଲେ । ଅକଥ୍ୟ ପ୍ରକାରେ ବର୍ଣ୍ଣନା କରିବାରେ ଲାଗିଲେ । ବୃଦ୍ଧ ପ୍ରଣତ ଉତ୍ତରା ବଶିଷ୍ଠ ଶୁଦ୍ର କୃଷ୍ଣଚରଣ ଚମଡ଼ାଙ୍କର ହାତେଇ ଉଦ୍ଧମନ୍ତ୍ରଣ ଔରଙ୍ଗଜେବ କଟେଇବାର ରୂପରେ ଦମ ବନ୍ଦ ହେଉ ମକବା ଉପରେ । ସେ ଆର୍ତ୍ତ ଚିତ୍କାର କରି ଉଠିଲେ—“ମହମ୍ମଦ, ମହମ୍ମଦ ମିଆଁ ସାହେବ ! ମୋ ଜୀବନ କାଳରେ ଶାନ୍ତି ଫସିଗଲା ହେ । ଆଜେ, ମୋତେ ଛୁଞ୍ଚଦିଅ ହେ ।”

ମଧ୍ୟାଦେଶର କୃଷ୍ଣଚରଣଙ୍କ ମାନୁଷିକ ଚିତ୍କାର ଶୁଣି ସମଦ୍ ଖାଁ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଉପରୁ ତାଙ୍କୁ ମୁକ୍ତ ଦେଇ ଉଠି ଛିଡ଼ା ହେଲେ । କୃଷ୍ଣଚରଣ ଶିର ହସ୍ତରେ ଲୁଚିଲା ଚିହ୍ନ ଅଟକାଇ ଭଲିଆଟରେ ଦେହ ମୁଣ୍ଡ ପୋଛିବାକୁ ଲାଗିଲେ । ପୋଛୁ ପୋଛୁରେ ଜବ ଆକଦା ପ୍ରକାଶ ନଥ ତାଙ୍କୁ ସାହାଯ୍ୟ କରି କହିଲେ—ସମଦ୍ ଖାଁ ଷଣ୍ଢଙ୍କ ପରେ ପଚାରିଲେ—କହୋ କୃଷ୍ଣବାବୁ ! ଏପରି ପାଗଳ ପରି କାହିଁକି ହେଉଥିଲେ ?”

ହାଲି ହାଲି ନିଶ୍ୱାସ ନେଇ ତେବ ଡୋଳୁଥିବା ଅବସ୍ଥାରେ କୃଷ୍ଣଚରଣ କହିଲେ—"ଟିକିଏ ଅପେକ୍ଷା କରନ୍ତୁ । ସବୁ କଥା କହିବି । ଅତ୍ୟଧିକ ପାଣି ଢାଳିବା ଫଳରେ ମୋର ଶରୀରରେ ଶୀତ ଜନକ କମ୍ପ ଜାତ ହେଉଛି । କପେ ଚା' ଦେବା ପାଇଁ ଅନନ୍ତଙ୍କୁ କହନ୍ତୁ ।"

ଚା' ଆସିଲା । କପ୍‌ର ଶେଷବିନ୍ଦୁ ଚା' ନିଃଶେଷ କରି ପାନ କଲା ପରେ କୃଷ୍ଣ ଚରଣ ଟିକିଏ ସୁସ୍ଥ ଓ ସହଜ ଭଙ୍ଗୀରେ କଥା କହିଲେ—"ଶୁଣନ୍ତୁ ସମସ୍ତେ ! ଆଜି ମୋର ବଡ଼ ସୌଭାଗ୍ୟ—ବଡ଼ ଶୁଭଦିନ । ମୁଁ ଆଜି ପ୍ରଭୁଙ୍କ ଅପାର କୃପାରୁ ଜ୍ୟୋତି ଦର୍ଶନ ଲାଭ କଲି । ମୋର ଏହି ପାପ ଚକ୍ଷୁ ଧନ୍ୟ ହେଲା—ମୋର ପାପୀ ମଣିଷ ଜୀବନ ସାର୍ଥକ ହେଲା ।"

କୃଷ୍ଣଚରଣଙ୍କ ଏହି ପ୍ରଳାପର ବିନ୍ଦୁ ବିସର୍ଗ ବୁଝିବା ଅନନ୍ତ ନିବାସର ଉପସ୍ଥିତଙ୍କ ପକ୍ଷରେ ଏକାନ୍ତ କଷ୍ଟକର । ସେମାନେ ନିର୍ବୋଧ ଭର୍ତ୍ତି ଦୃଷ୍ଟିରେ ପରସ୍ପରଙ୍କୁ ଚାହିଁଲେ । ପି. କରୁଣ ଦାସ କହିଲେ—"He is still not in sense ! କୃଷ୍ଣଚରଣ ବାବୁ ବର୍ତ୍ତମାନ ସୁଦ୍ଧା ପ୍ରଳାପ କରୁଛନ୍ତି ।"

କୃଷ୍ଣଚରଣ ସାଧକର ଶାନ୍ତ ମଧୁର ସ୍ୱର ବହି କହିଲେ—"କରୁଣବାବୁ, ମୁଁ ପାଗଳ ନ ଥିଲି କିମ୍ବା ପାଗଳ ନୁହେଁ । ତେବେ ଲୋକାଏ ଅର୍ଥରେ ବସ୍ତୁର ଭଳି ମୁଁ ବୋଧହୁଏ ପାଗଳ—ଜ୍ଞାନ ପାଗଳ । ତେବେ ଏ କଥା ସତ୍ୟ ଯେ, ମୁଁ ପ୍ରଳାପ କରୁନାହିଁ । ମୁଁ ଆପଣମାନଙ୍କ ପରି ସମ୍ପୂର୍ଣ୍ଣ ଚୈତନ୍ୟରେ ଅତି ସତ୍ୟକଥା କହୁଛି । ମୋର ବାସ୍ତବିକ ଆଜି ଜ୍ୟୋତି ଦର୍ଶନ ଘଟିଲା ।"

ମାତ୍ର କ'ଣ ଏହି ଜ୍ୟୋତି, କିପରି ଏହି ଜ୍ୟୋତି, ତା'ର ରୂପ ରେଖ କିପରି, ଏ ସମ୍ବନ୍ଧରେ କାହାରି କୌଣସି ଧାରଣା

କରି ପାରିଲେ ନାହିଁ । ସେ ସମୟେ କେବଳ ଭକ୍ତ ବା ଖଣ୍ଡଭକ୍ତ ଯେଉଁଠି ଜ୍ୟୋତି ପ୍ରକାଶ ଘଟିଥାଏ, ତତ୍କାଳର ସୂତ୍ରରୁ ଶରୀର ଉଦ୍ଧ୍ୱକୁ ସ୍ୱର୍ଗ ସଦୃଶ ଦୃଷ୍ଟି ସଞ୍ଚାଳନ କଲେ । ମାତ୍ର ସନ୍ତଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ଶେଷରେ ସମଦର୍ଶୀ ପଚାରିଲେ—“କହେ । ଜ୍ୟୋତି-ଦର୍ଶନ କ’ଣ ?”

—“ଆହା, ଏତେବ ବୁଝି ପାରିଲ ନାହିଁ ମିଆଁ ସାହେବ ! ସେହି ଦୟାର ସାଗର ପ୍ରଭୁଙ୍କ କରୁଣାରୁ ଆଜି ମୁଁ ସେହି ବିଶ୍ୱ-ନିୟନ୍ତା, ଜଗଦୀଶ୍ୱରଙ୍କର ଦିବ୍ୟ ଜ୍ୟୋତି ଦର୍ଶନ କଲି । ଆଜି ମୋର ଜୀବନ ଓ ଜନ୍ମ ଧନ୍ୟ ହେଲା ।”

ଜବ ଆନନ୍ଦ ପ୍ରକାଶ ମହା ଉଲ୍ଲାସରେ ଚିତ୍କାର କରି ଉଠିଲେ—“କ’ଣ କହୁଛନ୍ତି ! ଆପଣ ଭଗବାନ୍ ଦର୍ଶନ ଲାଭ କଲେ ? ଧନ୍ୟ, ଧନ୍ୟ ଆପଣଙ୍କ ଜୀବନ । ଆଜି ଧନ୍ୟ ଏହି ଅମୃତ ନିବାସ । ଏଠାରେ ଯେ ଖାଲି ପ୍ରେମ-ପାଗଳ, ଭକ୍ତପ୍ରାଣ ଓ ସାଧୁ ମାନେ ବାସ କରନ୍ତି, ତାହା ନୁହେଁ; ଏଠାରେ ମହାଦେବଙ୍କର କୃଷ୍ଣଚରଣ ବାବୁଙ୍କ ପରି ଶ୍ରେଷ୍ଠ ସୁକ୍ଷ୍ମଦ ଜ୍ୟୋତିଦର୍ଶୀ ମହାତ୍ମା ମଧ୍ୟ ଥାଆନ୍ତି । ତେଣୁ କୁସୁମ ପରଶେ ଖଡ଼ ନିସ୍ତାରଣ ହେଲା ପରି ଆପଣଙ୍କ ସଂସ୍ପର୍ଶରେ ଆସି ଆମ ପରି ମୂଢ଼ ପାପୀ ମଧ୍ୟ ଉଦ୍ଧାର ପାଇଲେ । ଅମୃତ ନିବାସର ସମସ୍ତ ଲୋକ ଆଜି ଧନ୍ୟ ହେଲେ । ବୋଲ ସ୍ୱାମୀ କୃଷ୍ଣଚରଣାନନ୍ଦ କି ଜୟ !

ମହାଦେବଙ୍କର କୃଷ୍ଣଚରଣ ଚକ୍ଷୁ ଅର୍ଦ୍ଧ ଉନ୍ମିଳନ କରି, ସ୍ମିତ ହସି ଧୀର ଗମ୍ଭୀର ଭଙ୍ଗୀରେ କହିଲେ—“ଜବ ଆନନ୍ଦ ପ୍ରକାଶ ଖୁବ ଭାବଣ ପ୍ରକୃତିର ଲୋକ । ତେଣୁ ମୋର ଆନନ୍ଦରେ ସେ ବିଶେଷ ଆନନ୍ଦିତ ହେବା ସ୍ୱାଭାବିକ । ପ୍ରଭୁଙ୍କ ଦୟାରୁ ଆଜି ମୋର ଯେଉଁ ଶ୍ରୀନାଥଙ୍କୁ ହେଲା ସେଥିନିମି କବି ଆନନ୍ଦ ମୋର ନାମ ସ୍ୱପ୍ନ

ଏକ ପ୍ରବନ୍ଧ ସଂଯୋଗ କରିବାକୁ କୁଣ୍ଠା ବୋଧ କଲେ ନାହିଁ । ମାତ୍ର ମୁଁ ଏହି ସ୍ୱାମୀ, ବାବା, ପ୍ରଭୁପାଦ ସଦୃଶ ସ୍ତୁତି ଶବ୍ଦ ପସନ୍ଦ କରେ ନାହିଁ । ଏସବୁ ନିହାତି ପୁରାତନ ଓ ରକ୍ଷଣଶୀଳତାର ପରିସୂଚକ । ମୋତେ ଆପଣମାନେ ଫାଦର ( Father ) ସମ୍ବୋଧନ କରି ପାରନ୍ତି ।"

ପୁଣି ଥରେ ସମସ୍ତେ ଶଙ୍ଖର ଗର୍ଜି କରି ଉଠିଲେ—"ବୋଲ ଫାଦର କୃଷ୍ଣଚରଣ କି ଜୟ ! ଅବଶ୍ୟ କବାସର ଦେବଭକ୍ତମଣ୍ଡଳୀ ସମବେତ କଣ୍ଠରେ ମହାତ୍ମା କୃଷ୍ଣଚରଣଙ୍କର ଜୟଜୟକାର ରବରେ ଗଗନ ପବନ ମୁଖରିତ କରି ତୋଳିଲେ ।

କ୍ୟାଥେଡ୍ରାଲର ମେୟର ମ୍ୟାନେଜର, ସିଦ୍ଧ ପୁରୁଷ, ସୁନାମ-ଧନ୍ୟ ମହାତ୍ମା କୃଷ୍ଣଚରଣ ଜଗତ୍‌ସିଂହପୁର ଅଞ୍ଚଳର କୌଣସି ଅଖ୍ୟାତ ପଲ୍ଲୀବାସୀ ଏକ କୃଷକର ପୁତ୍ର ଥିଲେ । ତାଙ୍କର ନିରକ୍ଷର ଦରିଦ୍ର ପିତା ସୁଦାମଚରଣ ପାଞ୍ଚମାଣ ଜମି ଚାଷ କରି କୁଟୁମ୍ବ ପ୍ରତିପୋଷଣ କରନ୍ତି । କୃଷ୍ଣଚରଣ ତାଙ୍କ ଜ୍ୟେଷ୍ଠ ପୁତ୍ର । ତାଙ୍କ ତଳେ ଆଉ ଦୁଇ ପୁତ୍ର ଅଛନ୍ତି । ନିରକ୍ଷର ସୁଦାମଚରଣ ପୁତ୍ରକୁ ଦୁଇ ଅକ୍ଷର ପଢ଼ାଇବା ପାଇଁ ଗାଁ ନି. ପ୍ରା. ସ୍କୁଲରେ ଛାଡ଼ିଥିଲେ । ସୁଦାମଚରଣଙ୍କ ସୌଭାଗ୍ୟକୁ ପୁତ୍ର କୃଷ୍ଣଚରଣ ବୃତ୍ତି ପାଇଲେ । ତେଣୁ ଜଗତସିଂହପୁର ମାଇନର ସ୍କୁଲରେ ପାଠ ପଢ଼ିଲେ । ମାଇନର ପରେ ତଥାକଥିତ ଶିକ୍ଷିତ କୃଷ୍ଣଚରଣ ମାଟ୍ରିକ ପଢ଼ିବାକୁ ମନ ବଳାଇଲେ । ମାତ୍ର ତାଙ୍କର ପିତା ଟଙ୍କା ଖର୍ଚ୍ଚ ତୁଲାଇ ପାରିବେ ନାହିଁ ବୋଲି ଜଣାଇବା ସଙ୍ଗେ ସଙ୍ଗେ ଚାଷ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି କନ୍ୟା ଖଣ୍ଡିଏ ସଂଗ୍ରହ କରିବା ଲାଗି ତାଙ୍କୁ ଅନୁରୋଧ କଲେ । ମାତ୍ର କୃଷ୍ଣଚରଣଙ୍କ ଜ୍ଞାନ ପିପାସା ଅସୀମ, ଅନନ୍ତ । ସେ ବା କାହିଁକି ବୁଢ଼ା ବାପାଙ୍କ କଥାରେ

ଚଳିଲେ । ତେଣୁ ସେ ଘର ଖର୍ଚ୍ଚ ଆଦି କଷ୍ଟରେ ଚଳାଉଥିଲେ । ବହୁ ଚେଷ୍ଟା ଚରିତ୍ର ପରେ ସେଣ୍ଟଜୋସେଫ୍ ସ୍କୁଲରେ ନାମ ଲେଖା କାର୍ଯ୍ୟ ସମାଧା ହେଲା । ତାʼପରେ ବାସସ୍ଥାନ ଓ ଭୋଜନର ବ୍ୟବସ୍ଥା କରିବାକୁ ପଡ଼ିଲା । ତାହା ମଧ୍ୟ ବିଶେଷ ଚେଷ୍ଟା ଚରିତ୍ର ପରେ ବନ୍ଦୋବସ୍ତ ହେଲା । ସେହି ସ୍କୁଲର ଜଣେ ସ୍ୱଳ୍ପ ବେତନ ଶ୍ରେଣୀ ଖ୍ରୀଷ୍ଟଧର୍ମୀ ଶିକ୍ଷକ କୃଷ୍ଣଚରଣଙ୍କ ଅନୁରୋଧରେ ସହାନୁଭୂତିଶୀଳ ହୋଇ ତାଙ୍କୁ ନିଜ ଘରେ ରଖିବାକୁ ସ୍ୱୀକୃତ ହେଲେ । କୃଷ୍ଣଚରଣ ସେହି ଶିକ୍ଷକଙ୍କ ଘରେ ରହିବାକୁ ସ୍ଥାନ ପାଇଲେ ଆଉ ଖାଇବାକୁ ମଧ୍ୟ ପାଇଲେ । ବିନିମୟରେ ଶିକ୍ଷକଙ୍କର ଛୋଟମୋଟି ଅପୋଗଣ୍ଡ ସନ୍ତାନଙ୍କୁ ପଢ଼ାଇବାକୁ ହେଲା । ଦଶବର୍ଷର ଝିଅଟି ବଡ଼, ବାକି ଦୁଇଟି ସନ୍ତାନ ତାʼ ତଳେ ।

ମନ୍ଦ ବ୍ୟବସ୍ଥା ନୁହେଁ । କୃଷ୍ଣଚରଣ ମନେକଲେ, ଏହାଠାରୁ ସୁବିଧା ଜନକ ବ୍ୟବସ୍ଥା କଟକ ସହରରେ ହୋଇ ପାରି ନଥାନ୍ତା । ତେଣୁ ସେ ନୂତନ ଉତ୍ସାହ ଓ ସ୍ଫୂର୍ତ୍ତି ସ୍ଥାନରେ ତାଙ୍କ ଶିକ୍ଷକବୃତ୍ତି ଓ ଛାତ୍ର ବୃତ୍ତିରେ ମନ ସଂଯୋଗ କଲେ । ସକାଳେ ନିଜେ ପାଠ ଅଭ୍ୟାସ କରନ୍ତି । ଦଶଟାରେ ସ୍କୁଲକୁ ଯାଆନ୍ତି । ସେଠାରୁ ଫେରି ସନ୍ଧ୍ୟାଠାରୁ ରାତି ନʼଟା ପର୍ଯ୍ୟନ୍ତ ଆଶ୍ରୟଦାତାଙ୍କ ପୁତ୍ର କନ୍ୟାଙ୍କୁ ପଢ଼ାନ୍ତି । ଆଶ୍ରୟଦାତା ଶିକ୍ଷକ ଜୋସେଫ୍ ଦାସ ଓ ତାଙ୍କର ପତ୍ନୀ କୃଷ୍ଣଚରଣଙ୍କୁ ଜ୍ୟେଷ୍ଠ ପୁତ୍ର ପରି ସ୍ନେହ ଓ ଶ୍ରଦ୍ଧା କରନ୍ତି । ବଡ଼ ଦିନ ପର୍ବକୁ ତାଙ୍କ ପାଇଁ ଲୁଗା ଜାମା କରି ଦିଅନ୍ତି । ବିନିମୟରେ କୃଷ୍ଣଚରଣ ମଧ୍ୟ ସେମାନଙ୍କ ପ୍ରତି ଅଧିକ କୃତଜ୍ଞ ଓ ବିଶ୍ୱସ୍ତ ହୋଇ ରହିଲେ ।

ଏହିପରି ଭାବରେ ଦୀର୍ଘ ଦୁଇବର୍ଷ ଅତିବାହିତ ହୋଇଗଲା । ଏହା ମଧ୍ୟରେ ଦୁଇଟି ଗ୍ରୀଷ୍ମଛୁଟିରେ କୃଷ୍ଣଚରଣ ଗାଁକୁ ଆସି

ଖ୍ରୀଷ୍ଟମାସ ମାତ୍ର ରହିଛନ୍ତି । ଦେବୀଦିନ ଟିଁରେ ରହିବାକୁ ତାଙ୍କୁ ଭଲ ଲଗେନାହିଁ । ତଥାପି ପିତା ଶିକ୍ଷିତ ପୁତ୍ରକୁ କିଛି ଭରସା କରି କହି ପାରନ୍ତି ନାହିଁ । ଛୁଟି ଶେଷ କରି ପୁଣି କଟକ ଫେରିଲେ ପିତା ସୁଦାମ ଚରଣ ଅଭିମାନ କରି କଥା କହନ୍ତି ନାହିଁ । ମା' କୁନ୍ତୀ ଖାଲେ ଆଖି ପାଣିରେ କିଛି ଚୂଡ଼ା ମୁଆଁର ପୁଟୁଳି ବାନ୍ଧି ଦିଏ ।

କୃଷ୍ଣଚରଣ ବର୍ତ୍ତମାନ ଊନତିରିଶ ବର୍ଷର ତରୁଣ । ଫାଇନାଲ୍ ପରୀକ୍ଷା ତାଙ୍କର ଆଉ ଅଳ୍ପ କେଇମାସ ବାକି ରହିଲା । ଆଶ୍ରମ ବାଲା ଜୋସେଫ୍ ଦାସଙ୍କ ଜ୍ୟେଷ୍ଠାକନ୍ୟା ମିସ୍ ମେରିୟା ସେ ବର୍ତ୍ତମାନ ଚଉଦ ବର୍ଷର ଲଳନା । ତାଙ୍କର ଅଙ୍ଗରେ ନବୀନ ରୂପ, ଆଖିରେ ନୂତନ ମାଦକତା ଆଉ ଅଧରରେ ଲଜ୍ଜିତ ହସର ଅମୃତ । ତାଙ୍କର କଥାରେ ଆନ୍ତରିକତା, କଣ୍ଠରେ ନୂତନ ସ୍ୱର ସଂବାଦିଣୀ ତାଙ୍କର ନବ ବିକଶିତ ଯୌବନ ସମ୍ପଦ ଏକ ଦେବାଶ୍ରୀ ମଧୁର ସମ୍ପଦର ଆଲୋକ ଛଡ଼ାଇ ଛଡ଼ାଇ ତରୁଣ କୃଷ୍ଣଚରଣ ଆବିଷ୍କାର କରି ବସିଲେ । ସେହି ମୁହୂର୍ତ୍ତରୁ ତାଙ୍କର ତରୁଣ ମନ ଭିତରେ ଜୋଆରେ ଅଭିନବ ଆଲୋଡ଼ନ ସୃଷ୍ଟି ହେଲା । ଅବଶେଷରେ ସେ ମେରିୟା ଦାସଙ୍କୁ ମନେ ମନେ ଗଭୀର ଭାବରେ ପ୍ରେମ କରୁଛନ୍ତି ବୋଲି ବୁଝି ପାରିଲେ ଆଉ ତାଙ୍କୁ ପାଇବା ପାଇଁ ଆଶାର ସ୍ୱପ୍ନ ତାଜମହଲ ନିର୍ମାଣ କଲେ । ସେ ଜାଣିଥିଲେ ଯେ, ମେରିୟାଙ୍କୁ ପାଇବା ବିଶେଷ କଷ୍ଟ ସାଧ୍ୟ ନୁହେଁ । ଜୋସେଫ୍ ଦାସ ଓ ତାଙ୍କ ପତ୍ନୀଙ୍କୁ ସନ୍ତୁଷ୍ଟ କରି ପାରିଲେ ମେରିୟା ଜୀବନ ଲାଗି ତାଙ୍କର ହେଇ ପାରିବ । ଆଉ ଜୋସେଫ୍ ଦାସଙ୍କୁ ସନ୍ତୁଷ୍ଟ କରିବାର ଉପାୟ ଦ୍ୱିବିଧ । ପ୍ରଥମ—କୃଷ୍ଣଚରଣଙ୍କ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ

କରିବାକୁ ହେବ । ଦ୍ୱିତୀୟ ବ୍ରାହ୍ମଣ କରି ଛଅ ମାସର ଉପରାନ୍ତେ ଏହି ଅବସରରେ ଶିଶିର ଦାଉରେ ଘୋଳି ଦେବାକୁ ପଡ଼ିବ । ମନେ ମନେ ବହୁ ଚିନ୍ତା ଭାବନା, ବାଦ ବିବାଦ, ଯୁକ୍ତି ତର୍କ କରିବା ପରେ ଶିକ୍ଷିତ କୃଷ୍ଣଚରଣ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିବାକୁ ନିଷ୍ପତ୍ତି କଲେ ।

ତା' ପରେ ଧର୍ମାନ୍ତର ଗ୍ରହଣ କରିବା ଦିବସ । ତାହା ଜୋସେଫ ଦାସଙ୍କ ରବିବାରରେ ଏକ ଶାରଦ ପୂର୍ଣ୍ଣିମା ଦିବସ । ସେହି ଉପଲକ୍ଷେ ଜୋସେଫ ଦାସ ଏକ ବୃହତ୍ ଭୋଜିର ବ୍ୟବସ୍ଥା କରିଥିଲେ । ବହୁ ନିମନ୍ତ୍ରିତ ବନ୍ଧୁ ଉପସ୍ଥିତ ହୋଇ କୃଷ୍ଣଚରଣଙ୍କୁ ଅଭିନନ୍ଦନ କରିଥିଲେ ।

ଜନ୍ମଦାତା ପିତା ସୁଦାମ ଚରଣ ଏ ସମ୍ବାଦ ପାଇ ଘରବାରରେ ଅଶ୍ରୁ ବିସର୍ଜନ କରିଥିଲେ । ଏହା ପରେ ନିଜର ସମାଜଠାରୁ ତ୍ୟାଜ୍ୟ ହେବା ଆଶଙ୍କାରେ ସମାଜପତିମାନଙ୍କର ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ରେଭେନ୍ୟୁ ଅଫିସକୁ ଯାଇଁ ପାରିଷଦ ଓ ସକଳ ଗ୍ରାମ କୃଷକ ସୁଦାମ ଚରଣ ନିଜର ଜ୍ୟେଷ୍ଠପୁତ୍ରଙ୍କୁ ତ୍ୟାଜ୍ୟ ପୁତ୍ର କରିଥିଲେ ।

ତା' ପରେ ଦିନ ଗଡ଼ି ଯାଉଛି । କୃଷ୍ଣଚରଣ ତ୍ୟାଜ୍ୟପୁତ୍ର ହେବା ସମ୍ବାଦ ଶୁଣିଛନ୍ତି । ତେଣୁ ଜୋସେଫ ଦାସଙ୍କ ସଙ୍ଗ ଜାମାତାରୂପେ ସେ ସଦା ଶଶୁରଙ୍କ ଘରେ ରହିବାକୁ ବାଧ୍ୟ ହେଲେ । ତ୍ୟାଜ୍ୟ ପୁତ୍ର ହେବା ଫଳରେ କୃଷ୍ଣଚରଣ ବିଶେଷ ମନ କଷ୍ଟ କରି ନ ଥିଲେ । କାରଣ ତା' ଫଳରେ ସେ ବିଶେଷ କ୍ଷତିରେ ପଡ଼ି ନାହାନ୍ତି । ତାଙ୍କର ପିତା ସୁଦାମ ଚରଣ । ସେ ତ ଜଣେ ମୂର୍ଖ ଓ ଦରିଦ୍ର ଲୋକ । ତାଙ୍କ ସଂସର୍ଗରୁ ଦୂରରେ ରହିବା ପ୍ରତ୍ୟେକ ଶିକ୍ଷିତ ଆଲୋକପ୍ରାପ୍ତ ପୁରୁଷର ଅବଶ୍ୟ କର୍ତ୍ତବ୍ୟ ।

କୃଷ୍ଣ ଚରଣ ଯଥା ସମୟରେ ମାଟ୍ରିକ ପାଶ କଲେ ଆଉ ନୂଆ ଖୋଲାଯାଇଥିବା ହସ୍ପିଟାଲ ଡିସପେନସରର ଗୋଟିଏ ଷ୍ଟକିସ୍ଟ ପଦ ଯୋଗାଡ଼ କରି ପାରିଲେ । ପ୍ରଥମ ମାସର ଦରମା ଆଣି ସେହିଦିନ ଜୋସେଫ ବାବୁଙ୍କ ପତ୍ନୀଙ୍କ ହସ୍ତରେ ଅର୍ପଣ କରିଥିଲେ ସେଦିନ ମଧ୍ୟ ତାଙ୍କ ପରିବାରବର୍ଗ ଏକ ବଡ଼ ଉତ୍ସବ ଦିନରୂପେ ପାଳନ ହୋଇଥିଲା । ଜୋସେଫ ଦମ୍ପତିଙ୍କ ପାଦ ଅଶ୍ରୁ ଜଳେ ଭିଜିନ ଥାନ୍ତି ।

ଏହା ପରେ କୃଷ୍ଣଚରଣଙ୍କ ଜୀବନଗୁଡ଼ିକ ମହାନନ୍ଦର ବନ୍ୟା ସ୍ରୋତ ପରି ଆନନ୍ଦ ପ୍ଲାବନରେ କଲୋଲ୍ଲ ।ସମସ୍ତ ହୋଇ ଉଠିଥିଲା । କୃଷ୍ଣଚରଣ କିରାଣୀ କରନ୍ତି, ଯଥା ସମୟରେ ଦରମା ଜମାଦାନ୍ତି ଜୋସେଫ ପତ୍ନୀଙ୍କୁ ବଢ଼ାଇ ଦିଅନ୍ତି, ସ୍ୱୟଂ ଶ୍ୟାଳକମାନଙ୍କୁ ପଢ଼ାନ୍ତି ଅଳ୍ପ ମେଳସ୍ୱା ବାଳକଙ୍କୁ ନାନାଦି ଉପହାର ସାମଗ୍ରୀ ଦେବା ସଙ୍ଗେ ମନେ ତାଙ୍କ ସନ୍ତୁଷ୍ଟ ଆଖିରେ ଆଖିରେ ପ୍ରଶଂସା ଜଣାଅନ୍ତି । ମାସ ଦୁଇଟା ପରେ ବଡ଼ ଅପ୍ରତ୍ୟାଶିତ ଭାବରେ କୃଷ୍ଣଚରଣଙ୍କ ଆନନ୍ଦ ପ୍ଲାବନର ଭଟ୍ଟା ପଡ଼ିଲା । ମେଳସ୍ୱା ତାର ଦଶମ ଶ୍ରେଣୀରେ ପଢ଼ିବାବେଳେ ଜଣେ ସୁନ୍ଦରବର୍ଣ୍ଣ, ସ୍ୱାସ୍ଥ୍ୟବାନ ଶିକ୍ଷିତ ତରୁଣଙ୍କୁ ପ୍ରେମ କରି ବସିଲେ ଆଉ ବାପ ମା'ଙ୍କ ଅନିଚ୍ଛା ସତ୍ତ୍ୱେ ଦେବେନ୍ଦ୍ର ପରିଣୟ ସୂତ୍ରରେ ଆବଦ୍ଧ ହୋଇ ଜୋସେଫ ତାର ଘରବାରକୁ ବିଦାୟ ଦେଲେ ।

ଏହି ଅପ୍ରତ୍ୟାଶିତ ଘଟଣା ପରେ କୃଷ୍ଣଚରଣ ଭିତରେ ଓ ବାହାରେ ବଡ଼ ଶୋଚନୀୟ ଭାବରେ ଭାଙ୍ଗି ପଡ଼ିଲେ । ଜୀବନର ସମସ୍ତ ଉତ୍ସାହ ତାଙ୍କର ମଉଳିଗଲା । ତାଙ୍କର ଦୁର୍ବଳତା ଉପରେ ଦୃଷ୍ଟି ରଖି ସ୍ୱାର୍ଥପର ଜୋସେଫ ଦମ୍ପତି ତାଙ୍କୁ ଛାଡ଼ି ପାରିଲେ ନାହିଁ । ବାତ୍ସଲ୍ୟ ବନ୍ଧନରେ ତାଙ୍କୁ ଆହୁରି ଦୃଢ଼ ଭାବେ ବାନ୍ଧି ରଖିଲେ । କୃଷ୍ଣଚରଣ ଜୋସେଫ ଦମ୍ପତିଙ୍କ ପାଖରେ ରହିଲେ

ସତ, ମାତ୍ର ସେକ୍ରେଟାରିଙ୍କଠାରୁ ସେ ବହୁ ଉଦାସୀନ ବ୍ୟବହାର ଦେଖାଇଲେ । କିନ୍ତୁ ଦିନ ସେଠାରେ ରହିବା ପରେ ତାଙ୍କର ଭଦ୍ର ମନ ଯୋଗୁ ନ ହେବାରୁ ଶେଷରେ ସେ ଅନନ୍ତ ନିବାସକୁ ଚାଲି ଆସିଲେ । ଆଜି ସେଠୁ ସ୍ୱଧର୍ମ ବସ୍ତୀ, ଉଦାସୀନ କୃଷ୍ଣଚରଣ ଜ୍ୟୋତିଷ ଦର୍ଶନ ଲାଭ କରି ସମସ୍ତଙ୍କୁ ଚମତ୍କୃତ କରିବା ସଙ୍ଗେ ସଙ୍ଗେ ନିଜେ ଧନ୍ୟ ହେଲେ, ଅନନ୍ତ ନିବାସ ଓ ନବରତ୍ନଙ୍କୁ ଧନ୍ୟ କଲେ ।

ଏହି ଜ୍ୟୋତିଷ ଦର୍ଶନ ଘଟଣାର ଠିକ ଏକମାସ ପରେ ଆଉ ଏକ ଚମତ୍କାର ଘଟଣା ଘଟିଲା, ଯାହା ପ୍ରକାରେ ଅନନ୍ତ ନିବାସ ଆଉରେ ଦେଉଳାମଦ ହେଲଗଣ ନବରତ୍ନ ଶୁଭ ବହୁସ୍ଥରେ କାଳୁସଶାଲିଗ୍ ମୂଳ ଭଣ୍ଡ ପାଳିଥିଲେ । ସେଷ୍ଠ ଅବସ୍ଥାଣୀସ୍ତୁ ଅବସ୍ଥା ଜଣିଥିଲା ସେହିଜନଦେଲେ, ସେତେବେଳେ ଉଦାସୀ ମାହାତ୍ମା କୃଷ୍ଣଚରଣ ତାଙ୍କର ଶୁଭପରିଣୟ ଉପଲକ୍ଷେ ଗୋଟିଏ ନିଳଣା ଏ ନିମନ୍ତ୍ରଣ ପତ୍ର ନବରତ୍ନଙ୍କ ପାଖକୁ ପଠାଇଥିଲେ । ଜନ୍ମ-ବ୍ରାହ୍ମଣ ଦେଇବା ନବରତ୍ନ ନିମନ୍ତ୍ରଣ ପତ୍ର ପଢ଼ି ବୁଝି ପାରିଲେ ଯେ, ଚନ୍ଦନପୁର ପଟ୍ଟନାୟକଙ୍କ ଏକମାତ୍ର କନ୍ୟା କୁମାରୀ ଉର୍ମିଳାଙ୍କ ସହିତ କୃଷ୍ଣଚରଣଙ୍କର ଶୁଭପରିଣୟ ଆସନ୍ତା ଦଶ ତାରିଖଠାରୁ ଘଟିବ ।

ଚନ୍ଦନପୁର ପଟ୍ଟନାୟକ ଓ ନ ବସ୍ତରେ ଅଦ୍ୱିତୀୟ ଜେଜରି ଜଣେ ଜମିଦାର । ଜଙ୍ଗଲରେ ଏକ ବସ୍ତି କୋଠା ଆଉ ଗ୍ରାମରେ ବସ୍ତି ସମ୍ପତ୍ତି ରହିଛି । ଉର୍ମିଳା ତାଙ୍କର ଏକମାତ୍ର କନ୍ୟା ଓ ଏକମାତ୍ର ସନ୍ତାନ । ତେଣୁ ତାଙ୍କର ଅବର୍ତ୍ତମାନରେ କନ୍ୟାଙ୍କ ସମସ୍ତ ସମ୍ପତ୍ତିର ମାଲିକ ହେବ । ଉର୍ମିଳା ସୁନ୍ଦରୀ କନ୍ୟା ରୂପବତୀ ଗୁଣବତୀ, ତା' ଛଡ଼ା ଉତ୍ତମ ସ୍ୱାସ୍ଥ୍ୟ । ବସ୍ତୁ ସମ୍ପଦ, ମାଟ୍ରିକ ପଢ଼ୁଥିଲେ ।

ସବୁଠାରୁ ମଜାର କଥା ନିଜେ କୁସୁମଚରଣ ଜମିଦାରଙ୍କର ପୁତ୍ର ଶିଶିର ଥିଲେ । ଭୁବନମୋହନ ବାବୁ କୁସୁମଚରଣଙ୍କ ଜ୍ୟୋତି ଦର୍ଶନ ସମ୍ବାଦରେ ଉଲ୍ଲସିତ ହୋଇ ରାଜ୍ୟ ଓ ରାଜକନ୍ୟା ସବୁ ତାଙ୍କ ହସ୍ତରେ ସମର୍ପି ଦେଇ ବାନପ୍ରସ୍ଥ ଅବଲମ୍ବନ କରିବାକୁ ମନସ୍ଥ କଲେ ।

ନିମନ୍ତ୍ରଣ ଉତ୍ସବ ରାତିରେ ଚଢ଼ଇବେଳକୁ ଦାର୍ଶନିକ ଭୂପେନ୍ଦ୍ର କୁମାର ମୁଖର୍ଜ୍ଜୀଙ୍କୁ ପର୍ଶକଷ୍ଟୋଭ ନିକ୍ଷେପ କରି ଚୈତନ୍ୟ ହରାଇବା ଉପରେ ପହଞ୍ଚିଲେ । କିନ୍ତୁ ଆନନ୍ଦ ପ୍ରକାଶ ତାଙ୍କୁ ଶଙ୍କା ଲାଗିବାରେ ଲାଗିଲେ । ଭୂପେନ୍ଦ୍ରକୁମାର ବ୍ୟଥାଭରା, ହତାଶ ଭଙ୍ଗୀରେ କହିଲେ —"ରବି, ମୁଁ ଆଉ ତୁମେ—ତୁମେ ଆଉ ମୁଁ, ଦୁଇଜଣ ଗର୍ଦ୍ଦଭ କାହାକୁ ।"

ଦାର୍ଶନିକଙ୍କ ମସ୍ତିଷ୍କ ବିକୃତ ଘଟିଥିବାର ସନ୍ଦେହ କରି ରବି ସ୍ତିମିତ ଦୃଷ୍ଟିରେ ତାଙ୍କୁ ଚାହିଁଲେ ।

ଭୂପେନ୍ଦ୍ର କୁମାର କହିଲେ —"ଆରେ, ସୁନ୍ଦର ଲତା ଆଉ ଅଚେତନ ଭଳି ଭୂତ ବଶିଷ୍ଟ ପର୍ଯ୍ୟବେକ୍ଷୀ କରିବ ବଦଳ ଯୌବନ କୁସୁମଚରଣ ରାଜ୍ୟରେ ରାଜ୍ୟ ଆଉ ରାଜକନ୍ୟା । ଏହାଠାରୁ ଆଶ୍ଚର୍ଯ୍ୟକର ଘଟଣା କ'ଣ ଘଟିପାରେ । ଆଉ ଆମେ ଦୁହେଁ ଖାଲି ଖାଲଖମା ସମୟ ଖାଁ ଗାଳିଗୁଲଜ ହୋଇ ସେହି ମହାକୁସୁମ ଶବର ଭଆର କଲୁ ତା'ର ଦର୍ଶନର ମୂଲ୍ୟ ନାହିଁ । ତେଣୁ କହୁଛି, ଆମେ ଦୁହେଁ ଜଣେ ଗର୍ଦ୍ଦଭ । ବୁଝିଲ ରବି, ଆଲୁ ସାହାକୁ ଦଅନ୍ତୁ, ଏଣ୍ଡଗଣ୍ଡି ଛପର ପାଣି ଦଅନ୍ତୁ । ଆମର ତ ମୂଲକୁ ହଟର ନାହିଁ, ଆଉ··· ।"

ଦାର୍ଶନିକ ହତାଶ ଓ ଦୁଃଖରେ ବାକ୍ୟଟିକୁ ସମ୍ପୂର୍ଣ୍ଣ କରି ପାରିଲେ ନାହିଁ ।

———

# ଶେଷ କଥା

ଯେତେଦୂର ସ୍ମରଣ ହୁଏ, ଲକ୍ଷ୍ମୀପ୍ରିୟା ଘର ସଂସାର ନବରତ୍ନ ସେମାନଙ୍କର ମୃତ୍ୟୁ ପୂର୍ବରୁ ପରସ୍ପର ନିକଟରୁ ବିଚ୍ଛିନ୍ନ ହୋଇ ନ ଥିଲେ । ମନୁଷ୍ୟ ସୃଷ୍ଟି କୌଣସି ବାଧାବିଘ୍ନ ସେମାନଙ୍କୁ ମହାସ୍ୱଜନ ଶ୍ରମମାଦରଣ୍ୟଙ୍କ ପରିବାରରୁ ଅନ୍ତର କରି ପାରି ନ ଥିଲା । ଏକମାତ୍ର ଶତ୍ରୁ ଅଜେୟ ମୃତ୍ୟୁ ସେମାନଙ୍କୁ ପରସ୍ପରଠାରୁ ଅନ୍ତର କରିଥିଲା । ତାହା ମଧ୍ୟ ବହୁବର୍ଷ ପରେ ଆଜି ପୂର୍ବ ଏକର ବ୍ୟବଧାନରେ । ମାତ୍ର କଟକ ସହର ଅନ୍ତର୍ଗତ ଭକ୍ତିଆ ଗଳି ଅଧ୍ୟୁଷିତ ଅନୁଭୂତ ନିବାସର ନବରତ୍ନ ମଣ୍ଡଳୀ ମାତ୍ର ଷୋହଳି ବର୍ଷ ଏକକ ଉଣ୍ଡଳା ପରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଥିଲେ । ଅବଶ୍ୟ ଏହି ବିଚ୍ଛିନ୍ନତା ମୂଳରେ କୌଣସି ବୈବି ଦୁର୍ଘଟଣା ଘଟି ନ ଥିଲା । ମଣିଷର ବହୁମୁଖୀ କର୍ମ ମୁଖର ଜୀବନ ନିତାନ୍ତ ସାଧାରଣ ଭାବରେ ସେମାନଙ୍କୁ ଭିନ୍ନ ଭିନ୍ନ ସ୍ରୋତ ମୁଖରେ ଭସାଇ ଦେଇଥିଲା । ସେଥିରେ ଏତେ ଟିକିଏ କଟକଣା ନ ଥିଲା ।

ଜଣେ ଆନନ୍ଦ ପ୍ରକାଶ ବି. ଏ. ପାଶ କରିସାରିବା ପରେ ବିହାର ପ୍ରଦେଶର କୌଣସି ଏକ ଖ୍ୟାତ ନଗରରେ ସ୍କୁଲଟିଏ

ଯୋଗାଡ଼ କରି ଅନାଥ ନିବାସକୁ ଫେରାଇ ଦେଲେ । ତାଙ୍କର ମାନସୀ ସୁକାନ୍ତି ମହାନ୍ତି ରେଭେନ୍‌ସା କଲେଜରେ ପଢ଼ୁଥିଲେ ଆଜି ତାଙ୍କର ପ୍ରଥମ ଯୌବନର ସ୍ୱପ୍ନ ଉଜାଡ଼ି କରିବା ପାଇଁ ସେ ଜାଣି ଜାଣି ଅନାଥ ନିବାସରେ ଯୋଗ ଦେଇଥିଲେ ।

ମାନସୀଙ୍କ ବରିଷ୍ଠ ସୁନୀତ ସୁଜିତ ଦଠାରୁ ଅନେକ ସମ୍ବଲ-ପୁର କଲେଜର ପ୍ରବର୍ତ୍ତିକା ଥାଇ ଅବସର ନେଇ ଆସିଲେ । ଅବଶେଷ ଅନାଥ ନିବାସ ତଥା ଶୁଭକାଂକ୍ଷୀ ନବଜାତ ମଣ୍ଡଳୀଙ୍କୁ ଯୁକ୍ତି ତାଙ୍କୁ ଦେଇଁ ଦୂର ସ୍ୱଜନଙ୍କୁ ଫିଟାଇବା ଦେବ । ଏହି ଦୁଃଖରେ ସେ କାନ୍ଦି ପକାଇଲେ । ଶେଷରେ ନବରତ୍ନଙ୍କର ଆଶୀର୍ବାଦ ଓ ଆଶୀଷକୁ ସମ୍ବଳ କରି ସେ ତାଙ୍କଠାରୁ ବାହାରେ ଉଠିଲେ ।

ବୈଧ ଅବୈଧ ନାନାବିଧ ଉପାୟ ଅବଲମ୍ବନ କରି ବହୁ ଦେବଦେବୀଙ୍କ ପାଖରେ ମୁଣ୍ଡିଆ ମାରି; ଯଦି ଅନ୍ୟ ହୋଇ ନୋଟ ଛୋଟି ସୁନା ଅଳଙ୍କାର ଅଛି ଏ ପାଣି କରି ପାରିଲେ ନାହିଁ । ଶେଷରେ ପିଲାଦିନ ମାସିକ ଭାଡ଼ା ବନ୍ଦ କରିଦେବାରୁ ସେ ସୁକନ୍ୟା ଚେଷ୍ଟାରେ ଲାଗି ପଡ଼ିଲେ । ବହୁ ଚେଷ୍ଟା, ତଦ୍ବିର, ତୈଳ ମର୍ଦ୍ଦନ, ଯୋଗ ଯୁକ୍ତି କରି ସାରିବା ପରେ ସେ ପରୀକ୍ଷା ଦପ୍ତରରେ ଖଣ୍ଡିଏ ଚାକିରି ଯୋଗାଡ଼ କରି ପାରିଲେ । ନାହିଁ ଅନ୍ୟାନ୍ୟ ଉଚ୍ଚ ଜଣ ଜଣ କରି ଅନାଥ ନିବାସ ତ୍ୟାଗ କରି ଚାଲି ଯାଉଥିବାରୁ ତାଙ୍କର ଶୂନ୍ୟ ସ୍ଥାନରେ ଆକ୍ରମଣ ଆଶଙ୍କାରେ ସେ ସେଠାରେ ଏକାକୀ ରହିବାଟା ବୁଦ୍ଧିମାନର କାର୍ଯ୍ୟ ହୋଇ ମନେ କଲେ ନାହିଁ । ତେଣୁ ସେ ମଧ୍ୟ ସହରର ଅପର ପ୍ରାନ୍ତରେ ଗୋଟିଏ ଭଡ଼ା ଘରେ ସନ୍ଧାନ କରି ଅନାଥ ନିବାସ ଛାଡ଼ିଲେ ।

ଜାଲଣୀ ସମସ୍ତଙ୍କ ତଥା କାଳରେ ମାଲୁକ ନନ୍ଦ୍ୟା ଅମୀନା ଖାଲୁଦଙ୍କ ପାଣି ଗ୍ରହଣ କରି କଟକରେ ଗୋଟିଏ ଭଲ ଘର ଭଡ଼ା

ନେଇ ସପରିବାରରେ ବାସ କଲେ । ଆଜି ପର୍ଯ୍ୟନ୍ତ ଅମୀନା ଖାତୁନ ଆରୋଗ୍ୟ ନ ହୋଇଥିବା କାରଣରୁ ସମଦ୍ ଖାଁଙ୍କ ସାନ୍ନିଧ୍ୟ ବାକ ପଡ଼ିଥିଲା । ସେହି ଅବସରରେ ସମଦ୍ ଖାଁ ଅନୁଗୁଳ ନଗରରେ ବାସ କରିବା ସଙ୍ଗେ ସଙ୍ଗେ ଖଣ୍ଡ ବୈଠକ ଇତ୍ୟାଦି କରି ଶଗଡ଼ଖାନାକୁ ମଜବୁତ କରି ଆଣିଥିଲେ । ଅମୀନା ଖାତୁନ ଆରୋଗ୍ୟ ହେବା ପରେ ପୁଣି ଅନୁଗୁଳ ନଗରରେ ଏକାକୀ ବାସ କରିବା ନିରାପଦ ଛଡ଼ା ଆଉ କିଛି ନୁହେଁ । ତେଣୁ ସେ ମଧ୍ୟ ଅନୁଗୁଳ ନଗର ଛାଡ଼ିଗଲେ ।

ଦାର୍ଶନିକ ଭୂପେନ୍ଦ୍ରକୁମାର ଏମ୍. ଏ. ପାଶ କରିବା ପରେ ଓଡ଼ିଶା ସ୍ଥିତ ବଜାରରେ କୌଣସି ବ୍ୟବସ୍ଥା କରି ନପାରି ସୁଦୂର ଦିଲ୍ଲୀ ନଗରୀରେ ଶିକ୍ଷକ ଭାବେ ଯୋଗଦାନ କଲେ । ଖାଲିପା ସମଦ୍ ଖାଁଙ୍କ ସମ୍ମାନ କରି ଆଉ ଆଜୀବନ ସେମାନଙ୍କର ତାଙ୍କର ଉଜ୍ଜ୍ୱଳ ମିଳନ ଖର୍ଚ୍ଚ ସ୍ୱତଃପ୍ରବୃତ୍ତ ହୋଇ ବହନ କରିଥିବା କାରଣରୁ ତାଙ୍କୁ ପୁଣି ଥରେ ଧନ୍ୟବାଦ ଜଣାଇ, ଅନ୍ୟାନ୍ୟ ଉତ୍ସୁକଙ୍କଠାରୁ ବିଦାୟ ମାଗି ସେ ମଧ୍ୟ ଏତେ ଦିଲ୍ଲୀ ଅଭିମୁଖରେ ପୁଣି ଏକ୍ସପ୍ରେସ ଚଢ଼ିଲେ । ତାଙ୍କର ପ୍ରୀତି ଉଦ୍ଧାରପଣ ଶରୀର ସାଧନାର ଉପ- କରଣ ଖୋଳାଏ ପ୍ରିୟଙ୍କ ଆଜ୍ଞା କରି ସାଧନାର ଉପକରଣ ଖଣ୍ଡିଏ ହାରମୋନିୟମ ସେ ଅନୁଗୁଳ ନଗରର ସ୍ୱର୍ଗ ବଂଶଧରଙ୍କ ଉଦ୍ଦେଶ୍ୟରେ ଛାଡ଼ିଗଲେ ।

ଭୂପେନ୍ ଆଲମ ତାଙ୍କର କଥା ଅନ୍ତରେ ଅନ୍ତରେ ପାଳନ କରିଥିଲେ । ମରହଟ୍ଟା ବାହୁ ଆଉ ବାଙ୍ଗଲା ବାଦ୍ୟ । ମେସ୍ ଗ୍ଲୁଡ଼ ସିଭାର ଠିକ୍ ସାତଦିନ ପରେ ସେ ସାଦ କରି ପଥା ସମସ୍ତରେ ସଙ୍ଗୀତ ନାଟକ ଦେଖି ଆଲମଖଣ୍ଡ ବଜାରରେ ତାଙ୍କର ନୂତନ ବସାଘରେ ବସନ୍ତ ସ୍ଥାପନ କଲେ । ତାଙ୍କର ନବ ପରିଶିକା

ମନ୍ତ୍ରୀଙ୍କ ସାଥୀଙ୍କୁ ସିନେମା ଖାଇବା ଲାଳସାରେ ନବଦମ୍ପ କେତେଥର ଆଲିଙ୍ଗନ ତାଙ୍କ ନୂତନ ପାତ୍ରଙ୍କୁ ପାଇଥିଲେ । ମାତ୍ର ସ୍ତ୍ରୀଥର ସେହି ନୂତନ ପାତ୍ରର ସବୁ ଉତ୍ସାହରେ ବାହାର ପଟ୍ଟ ଭାବେ ଥରୁଥିବାରୁ ଦେଖି ବ୍ୟର୍ଥ ମନୋବାଞ୍ଛା ହୋଇ ଫେରୁଥିଲେ ।

ସୁଦକ୍ଷ ଶଙ୍କର ଏ. ଏମ୍ ପାଶ କରିବାପରେ କଲିକତା ଜଗଧାତ୍ରୀ ବ୍ୟାଙ୍କରେ ଚାକିରୀ ପାଇଲେ । ତାଙ୍କର ପ୍ରେମିକା ଉମା, ଦୁର୍ଗା, ଅନୁଷା ଆଉ ନବଦମ୍ପତିଙ୍କଠାରୁ ବିଦାୟ ଗ୍ରହଣ କରି ସେ ମଧ୍ୟ ଉତ୍କଳ ପୁରୀ ଏକ୍ସପ୍ରେସ୍‌ରେ ଚଢ଼ିଲେ । ତେବେ ସିବାଦନ ପ୍ରଣୟିନୀ ଉମା ଷାଣ୍ଢି ଭିଡ଼ରେ ପଡ଼ିଲା ଦାନର ପିଠାରେ ସେଇଁ ଦରଷ୍ଟ ସ୍ମୃତିଟି ସୁଦକ୍ଷ ଶଙ୍କରଙ୍କୁ ଦେଇଥିଲେ, ତାହା ଶେଷ କରିବାକୁ ତାଙ୍କୁ ପ୍ରାୟ ଘଣ୍ଟାଏ ଦିନ ଲାଗିଥିବ ।

ଶ୍ରୀ: ବରୁଣ ଦାସ ସାଙ୍ଗ ମନ୍ତ୍ରୀଙ୍କ ଅନୁକମ୍ପାରୁ ଆଉ ସାଙ୍ଗଙ୍କ ସୁପାରିଶ୍ କ୍ରମେ ଯଥାକାଳରେ ସବ୍‌ଡେପୁଟି ଚାକିରୀ ପାଇ ଢାଲେଶ୍ୱରକୁ ଡେପୁଟ୍ ହେଲେ । ସେ ମଧ୍ୟ ତଳେ ଅନନ୍ତ କବାସ ଓ ଭାଉ ଲଳିମଣ୍ଡଳୀଙ୍କଠାରୁ ବିଦାୟ ନେଇଥିଲେ । ସିନେମ୍ ଯାଏ ତାଙ୍କୁ ଷ୍ଟେସନ ପର୍ଯ୍ୟନ୍ତ ଛାଡ଼ିବାକୁ ଆସିଥିଲେ । ଗୋଟିଏ ଜନଶୂନ୍ୟ ସେକେଣ୍ଡ କ୍ଲାସ ଡବାରେ ତାଙ୍କୁ ବସାଇ ଦେଇ କଲେଜ ଯଥା ତାଙ୍କ ନିକଟରେ ବସି ବହୁକ୍ଷଣ ପର୍ଯ୍ୟନ୍ତ ବିଦାୟ ଅଶ୍ରୁ ବିସର୍ଜନ କରିଥିଲେ । ଶେଷରେ ତାଙ୍କୁ ନିବିଡ଼ ଆଲିଙ୍ଗନ କରି ଦାରମ୍ବାର ଚୁମ୍ବନ ଦେବାପରେ ଗାଡ଼ିରୁ ଓହ୍ଲାଇ ଆସିଥିଲେ ଆଉ ଗାଡ଼ିଟି ଦୃଷ୍ଟି ପଥରୁ ଲୁଚିଯିବା ପର୍ଯ୍ୟନ୍ତ ତାଙ୍କର ଶୁଭ କାମି ରୁମାଲ ଆନ୍ଦୋଳନ କରିଥିଲେ ।

ମ୍ୟାନେଜରଙ୍କ କୁଞ୍ଜଚରଣ ରାଜ୍ୟ ଓ ରାଜକନ୍ୟା ପାଇବା ପୂର୍ବରୁ ନିମନ୍ତ୍ରିତ ଅନ୍ୟାନ୍ୟ ବନ୍ଧୁ ଗୋଟି ଗୋଟି ହୋଇ ବିଦାୟ ନେଇ

ସାଜିଲେଣି । ଗୋଟିଏ ଶୁଭ ସକାଳରେ ତଠାରୁ ଏବେ ଶୁଣାଗଲା ଯେ, ପୂଜାରୀ ଚୌଧୁରୀ ଅନନ୍ତ ନିଦ୍ରାରୁ ସ୍ୱଦେଶର ନିବାସୀ ଜଣେ ତେଲଙ୍ଗୀ ଯୁବକ୍ ସ୍ୱଜାତିର ସୁନ୍ଦରୀ କନ୍ୟାକୁ ଧରି ନେଇଁଆସେ ହୋଇଛି । ଅନନ୍ତ · ଠାକୁରଙ୍କର ଜନକଜନନୀର ଦଶା ମଜାଳ ଦାଣ୍ଡଥିଲା । ତା'ଙ୍କ ଦୋଷ ନାହିଁ । କେଣୁ ମ୍ୟାନେଜର କୃଷ୍ଣଚରଣ ବାବୁଙ୍କର ବଡ଼ ଉଦାରତା, ବଡ଼ ଆଦରର ଜ୍ୟୋତି ଦର୍ଶନ ଏକ ଏକ ଅଦ୍ଭୁତ ନିବାସରେ ତାଙ୍କ ପ୍ରକାର ସୁବର୍ଣ୍ଣାଦି ଓ ସମ୍ପତ୍ତି ଗୃହ ମାଲିକ ହାତରେ ସମର୍ପି ଦେଇ ଲକ୍ଷ୍ମୀ ଅନ୍ନପୂର୍ଣ୍ଣାକୁ ସଙ୍ଗରେ ଧରି ତାଙ୍କର ଯାବଯୀ ରାଜ୍ୟ ଓ ରାଜକନ୍ୟାଙ୍କ ନିକଟକୁ ଗଲେ ।

ମୁଦ୍ରାକର—ଶ୍ରୀପ୍ରଭାକର ଦାସ, କୁଞ୍ଜ ପ୍ରେସ, କଟକ, ୧୯୫